ବର୍ଷ-୯
ସଂଖ୍ୟା-୧୫୮
ତା.୨୭ ଜୁଲାଇ ୨୦୨୨
ବୁଧବାର, ପୃଷ୍ଠା-୮,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949



୧୪ ପିଲାଙ୍କୁ ବାଡ଼େଇଲେ ଗଣିତ ଶିକ୍ଷକ ବନ୍ଧା ହେଲେ

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡ଼ିଆ ଖବର କାଗଜ // Odia Daily News Paper

Vol-9
Issue-158
Date:27, July 2022
Wednesday, Page-8, Rs-2/-
POSTAL Regd.No.10120(K)/17/2018-21



ରାହୁଲ ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସର ଅଟକକୁ ବିରୋଧ କରି ମହିଳା କଂଗ୍ରେସର ବିକ୍ଷୋଭ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ରାଷ୍ଟ୍ରପତିଙ୍କୁ ଭେଟିଲେ ରାଜ୍ୟପାଳ



ଭୁବନେଶ୍ୱର, ୨୬ ଜୁଲାଇ – ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ଓଡିଶା ରାଜ୍ୟପାଳ। ଗତକାଲି ଦେଶର ନୂତନ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବା ପରେ ଆଜି ଶ୍ରୀମତୀ ମୁର୍ମୁଙ୍କୁ ବିଭିନ୍ନ ରାଜ୍ୟର ରାଜ୍ୟପାଳ ସାକ୍ଷାତ କରିଛନ୍ତି। ଏହି କ୍ରମରେ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଙ୍ଗଳବାର ଦିନ ରାଷ୍ଟ୍ରପତି ଭବନରେ ଶ୍ରୀମତୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଏହାପରେ ରାଜ୍ୟପାଳ ଉପରାଷ୍ଟ୍ରପତି ଏମ୍. ଭେଙ୍କିୟା ନାଇଡୁଙ୍କୁ ମଧ୍ୟ ତାଙ୍କ ବାସଭବନରେ ଭେଟିଥିଲେ ।

## ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬ ଜୁଲାଇ – ୪ ଦିନିଆ ଦିଲ୍ଲୀ ଗସ୍ତ ସାରି ଓଡିଶା ଫେରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ଶନିବାର ଠାରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇଥିଲେ । ଦିଲ୍ଲୀ ଗସ୍ତ କାଳରେ ଗତକାଲି ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ସେ ଖୁବ୍ ଖୁସି । ଜଣେ ଓଡ଼ିଆ ଝିଅ ଦେଶର ପ୍ରଥମ ନାଗରିକ ହୋଇଛନ୍ତି । ଏହା ପ୍ରତ୍ୟେକଟି ଓଡ଼ିଆ ପାଇଁ ଖୁବ ଗର୍ବ ଓ ଗୌରବର ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ପ୍ରକୃତି ମିଶ୍ରଙ୍କୁ ପୋଲିସ୍ ର ପଚରାଉଚରା

ଭୁବନେଶ୍ୱର, ୨୬ ଜୁଲାଇ – ବାବୁସାନ୍ -ପ୍ରକୃତି- ତୃପ୍ତି ବିବାଦ ମାମଲାରେ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ଜେରା କରିଛି ଖାରବେଳନଗର ପୋଲିସ୍। ଘଟଣାର ୩ ଦିନ ପରେ ପ୍ରକୃତି ଚେନ୍ନାଇରୁ ଫେରିଥିବା ବେଳେ ପୋଲିସ୍ ତାଙ୍କୁ ପଚରାଉଚରା କରିଛି। ଖାରବେଳନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀ ମଙ୍ଗଳବାର ସତ୍ୟବିହାରସ୍ଥିତ ପ୍ରକୃତିଙ୍କ ଘରେ ପହଂଚିଥିଲେ। ବାବୁସାନଙ୍କ ପତ୍ନୀ ତୃପ୍ତିଙ୍କ ଲିଖିତ ଅଭିଯୋଗ ଆଧାରରେ ବାପା ମାଙ୍କ ଉପସ୍ଥିତିରେ ପ୍ରାୟ ଘଂଟାଏ କାଳ ପ୍ରକୃତିଙ୍କୁ ପଚରାଉଚରା କରିଥିଲା ପୋଲିସ୍। ପ୍ରକୃତିଙ୍କ ପିତା ମନ୍ମଥ ମିଶ୍ର କହିଛନ୍ତି ପୋଲିସ ଆମ ଉପସ୍ଥିତିରେ ପ୍ରକୃତିକୁ ପଚରାଉଚରା କରିଛି। ଯାହା ଉତର ଦେବା କଥା ପ୍ରକୃତି ଦେଇ ସାରିଛି। ମୁଁ ଆଇନ ଉପରେ ସବୁ ଛାଡ଼ି ଦେଇଛି। ଆମେ ଚେନ୍ନାଇରେ ବାବୁସାନ୍ଙ୍କୁ ଭେଟିଥିଲୁ। ମୁଁ ଚାହୁଁଛି ବାବୁ ତାଙ୍କ ପରିବାର ପାଖକୁ ଫେରି ସୁଖର ସଂସାର କରନ୍ତୁମୋ ଝିଅ ପ୍ରକୃତି ତା' ପରିବାର ସହ ଅଛି। ସେ ମାନସିକ ସ୍ତରରେ ଶାନ୍ତିରେ ଅଛି। ପ୍ରକୃତିଙ୍କ ସମେତ ପୋଲିସ୍ ଏହି ଘଟଣାରେ ସମୁଦାୟ ୮ ଜଣଙ୍କୁ ପଚରାଉଚରା କରିସାରିଥିବା ବେଳେ ବାବୁଶାନ କେବେ ଫେରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ହାଇକୋର୍ଟରେ ହାତୀ ସୁରକ୍ଷା ପ୍ରସଙ୍ଗ : ମାଗିଲେ ୫ ବର୍ଷର ତଥ୍ୟ

କଟକ,୨୬ ଜୁଲାଇ : ହାତୀଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ଦାୟର ଜନସ୍ୱାର୍ଥ ମାମଲାରେ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏସ କେ ପାଣିଗ୍ରାହୀଙ୍କ ଖଣ୍ଡପୀଠ ଶୁଣାଣି କରି ସାନି ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆଜି ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରଯାଇଥିଲା। ଅଦାଲତ ଏଥିରେ ଅସନ୍ତୋଷ ପ୍ରକାଶ କରି ସାନି ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୫ ବର୍ଷ ମଧ୍ୟରେ କେତେ ହାତୀ ମରିଛନ୍ତି; କେତେ ମାମଲା ରୁଜୁ ହୋଇଛି; କେତେ ମାମଲା ବିଚାରାଧିନ ରହିଛି; କେତେ ଦଣ୍ଡାଦେଶ ହୋଇଛି; ଏପରି ତଥ୍ୟ ଉଲ୍ଲେଖ କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଗୀତା ରାଉତଙ୍କ ପିଟିସନ୍ ?ର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୮ ତାରିଖକୁ ଧାର୍ଯ୍ୟ କରାଯାଇଛି। କଟକ ମଙ୍ଗଳାବାଗ ଅଞ୍ଚଳର ଗୀତା ରାଉତଙ୍କ ଆବେଦନରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟରେ ବନ୍ୟଜନ୍ତୁ ଶିକାର ବଢି ଚାଲିଥିବା ବେଳେ ହାତୀ ମୃତ୍ୟୁ ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହି ସପ୍ତାହରେ ନରସିଂହପୁର ସଂରକ୍ଷିତ ଜଙ୍ଗଲରେ ଗୁଳି ମାଡର ଶିକାର ହାତୀର ମୃତ୍ୟୁ ହୋଇଥିଲା। କିନ୍ତୁ ହାତୀ ମୃତ୍ୟୁ ପାଇଁ ରାଜ୍ୟ ସରକାର ଓ ବନ ବିଭାଗ ଏହି ଘଟଣା ପାଇଁ ଚିନ୍ତିତ ନଥିବା ଭଳି ଲାଗୁଛି। ବନ୍ୟ ଜୀବନ (ସୁରକ୍ଷା)ଆଇନ, ୧୯୭୨ ଅଧିନରେ ଥିବା ଦଣ୍ଡ ବ୍ୟବସ୍ଥା ଯଦି କଠୋର ନ ହେବ; ତେବେ ଏଭଳି ଘଟଣା ନିୟମିତ ଘଟିବ। ଆସାମ ସରକାର ୨୦୧୦ରେ ବଣ୍ୟଜନ୍ତୁ ସୁରକ୍ଷା ପାଇଁ ରହିଥିବା ଆଇନରେ ପରିବର୍ତ୍ତନ କରି ଦଣ୍ଡ ବ୍ୟବସ୍ଥା କଠୋର କରିଥିଲେ। ଆସାମ ଢଙ୍ଗରେ ଓଡ଼ିଶାରେ ମଧ୍ୟ ଆଇନରେ ସଂଶୋଧନ କରାଯାଇ ବନ୍ୟଜନ୍ତୁ ଶିକାର ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ବିଗତ ୫ ବର୍ଷ ଭିତରେ ବନ୍ୟଜନ୍ତୁ ବିଶେଷ କରି ହାତୀଙ୍କ ସୁରକ୍ଷା ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ସରକାରଙ୍କ ନିକଟରୁ ଜବାବ ତଲବ କରାଯାଉ। କେତେ ଜଣ ଅଭିଯୁକ୍ତଙ୍କୁ ହାତୀ ଶିକାର ପାଇଁ ଗିରଫ କରାଯାଇଛି; ସେ ସରକାର ସ୍ୱଷ୍ଟ କରନ୍ତୁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।




## ଶୂନ୍ୟକାଳରେ ପୁଣି ଉଠିଲା କାଶୀପୁରରେ ଝାଡ଼ାବାନ୍ତି ବ୍ୟାପିବା ପ୍ରସଙ୍ଗ



ଭୁବନେଶ୍ୱର, ୨୬ ଜୁଲାଇ – ବିଧାନସଭାର ଆଜି ଶୂନ୍ୟକାଳରେ ପୁଣି ଥରେ ରାୟଗଡା କାଶୀପୁରରେ ଝାଡ଼ା ବାନ୍ତି ବ୍ୟାପିବା ପ୍ରସଙ୍ଗ ଉଠିଛି। ଏଥିନେଇ ଗୃହରେ କିଛି ସମୟ ପାଇଁ ବିଜେପି ଓ କଂଗ୍ରେସ ବିଧାୟକଙ୍କ ହଟଗୋଳ ଦେଖିବାକୁ ମିଳିଥିଲା ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ ଏହି ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ସେଠି ସର୍ବମୋଟ ୧୪ଜଣ ମୃତ୍ୟୁବରଣ କରିଥିବା ବେଳେ ସରକାର କିନ୍ତୁ ୯ଜଣ ବୋଲି କହୁଛନ୍ତି। ଅନ୍ୟ ୫ଜଣଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିବା ସରକାର କହୁଛନ୍ତି। ତେବେ ଏହି ୫ ଜଣଙ୍କର ପୋଷ୍ଟମର୍ଟମ ରିପୋର୍ଟ ବିଧାନସଭାରେ ରଖିବା ପାଇଁ ସେ ଦାବି କରିଛନ୍ତି । କେବଳ କାଶୀପୁର ନୁହେଁ ଅନ୍ୟ ସ୍ଥାନକୁ ମଧ୍ୟ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ କରିଥିବା ମଧ୍ୟ ଗୃହରେ କହିଛନ୍ତି ବିରୋଧୀ ଦଳର ମୁଖ୍ୟ ସଚେତକ। ଉତ୍କଳ ଆଲୁମିନା ସେଠି ୱାଟର ଟ୍ରିଟମେଣ୍ଟ ନ କରି ଦୂଷିତ ପାଣି ଛାଡୁ ଥିବାରୁ ଏପରି ଝାଡ଼ାବାନ୍ତି ବ୍ୟାପିଛି। ଏ ନେଇ ବିଧାନସଭା ପକ୍ଷରୁ ଏକ ସର୍ବଦଳୀୟ ଟିମ ଗଠନ କରାଯାଇ ଅନୁଧ୍ୟାନ କରାଯାଉ ବୋଲି ଦାବି କରିଛନ୍ତି ମୋହନ। ଏହାସହ କହିଛନ୍ତି ଯେ ରାଜ୍ୟ ସରକାର ଯେଉଁ ବିକାଶ କରିବା କଥା, ସେଠାରେ ସେଭଳି ବିକାଶ ହୋଇ ନାହିଁ ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନି ପତି ମଧ୍ୟ ସମାନ ପ୍ରସଙ୍ଗ ଉଠାଇ କହିଛନ୍ତି କାଶୀପୁରରେ ୧୪ ଏବଂ ଗତକାଲି ଦଶମନ୍ତପୁରରେ ୩ ଜଣ ମୃତ୍ୟୁବରଣ କରିଛନ୍ତି। ପାଣିକୁ ଟ୍ରିଟମେଣ୍ଟ କରି କି ଛଡ଼ା ଯାଉନି। ଝାଡ଼ାବାନ୍ତି ଦ୍ୱାରା ଅବିଭକ୍ତ କୋରାପୁଟରେ ମୋଟ ୧୭ ଜଣ ମୃତ୍ୟୁବରଣ କରିଛନ୍ତି। ତାରା ମଧ୍ୟ କହିଛନ୍ତି, ଉତ୍କଳ ଆଲୁମିନା ଜାଣିଶୁଣି ଦୂଷିତ ପାଣି ଛାଡୁଛି। ଯେଉଁ ଏଗ୍ରିମେଣ୍ଟ କରିଥିଲା ତାହାକୁ ପାଳନ କରୁନାହିଁ, ଏହାର ତଦନ୍ତ ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ କମିଟି ଗଠନ ପାଇଁ ସେ ଦାବି କରିଛନ୍ତି । ଏଥିରେ ତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦେବାକୁ ବି ଦାବି କରାଯ ।ଇଛି ।

## ରାହୁଲ ଗାନ୍ଧୀଙ୍କୁ ଅଟକ ପ୍ରତିବାଦରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର, ୨୬ ଜୁଲାଇ – ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ସାଂସଦଙ୍କ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ କରିବା ଦୁର୍ଭାଗ୍ୟଜନକ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି। ଦେଶର ଉତ୍କଟ ଦାରିଦ୍ର୍ୟ, ବେକାରୀ, ଦରଦାମ ବୃଦ୍ଧି, ମାନବା ଅଧିକାର କ୍ଷୁର୍ଣ୍ଣ, ନାରୀ ନିର୍ଯ୍ୟାତନା, ଦେଶର ସଂପତି ବିକ୍ରି, ମୁଦ୍ରାସ୍ଫିତି ପ୍ରସଙ୍ଗରେ ସଂସଦରେ ଆଲୋଚନା କରିବାକୁ ନରେନ୍ଦ୍ର ମୋଦି ସୁଯୋଗ ଦେଉନାହାନ୍ତି। ଯେଉଁ ସାଂସଦମାନେ ସଂସଦରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ସଂସଦର ନିଲମ୍ବନ କରାଯାଉଛି। ଅର୍ଥାତ ବିରୋଧୀମାନେ ସଂସଦରେ ମୁହଁ ଖୋଲିପାରିବେ ନାହିଁ। ଏହାର ପ୍ରତିବାଦରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ୫୬ଜଣ ସାଂସଦ ରାଷ୍ଟ୍ରପତି ଭବନ ଉଦ୍ଦେଶ୍ୟରେ ଯିବାବେଳେ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରରୋଚନାରେ ଅଟକ ରଖାଯାଇଛି। ଏ ଦେଶର ଗଣତନ୍ତ୍ର ନାହିଁ। ନିର୍ବାଚିତ ଜନପ୍ରତିନିଧିଙ୍କ ବାକ୍ ସ୍ୱାଧୀନତା ଛଡ଼େଇ ନିଆଯାଇଛି। ଏହାର ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଉତ୍କଳ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତଳିକା ଦାହ କରାଯାଇଥିଲା। ପୋଲିସ ଛାତ୍ରକଂଗ୍ରେସର ସଭାପତି ୟାସିର ନୱାଜଙ୍କ ସହ ଶତାଧିକ ଛାତ୍ରକଂଗ୍ରେସ କର୍ମୀଙ୍କୁ ଅଟକ ରଖିଥିଲା। ଏହି କାର୍ଯ୍ୟକ୍ରମରେ ରଣଜିତ ପାତ୍ର, ସ୍ୱାଗତ କର, ନଳିନୀକାନ୍ତ ନାୟକ, ନିହାର ରଞ୍ଜନ ବେହେରା, ମନୋଜ ବିଶ୍ୱାଳ, ଅମରେଶ ପରିଡ଼ା, ଉଦିତ ପ୍ରଧାନ, ସାଗର ପଟ୍ଟନାୟକ, ସାହାରୁଖ ଖାନ, ବିଶ୍ୱଭୂଷଣ ମହାପାତ୍ର, ବିଭୂତିଭୂଷଣ ମହାପାତ୍ର, ସମିଉଲ ହକ, ମହମ୍ମଦ ଗୁଲଫାମ, ପ୍ରତ୍ୟୁଷ ପ୍ରଧାନ, ସେକ୍ ସାଜୁ, ନିତେଶ ବେହେରା, ପ୍ରଭାତ ପ୍ରତାପ ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କଚ୍ଚା ଘରେ ରହୁଛନ୍ତି ୧୨ ଲକ୍ଷରୁ ଅଧିକ ପରିବାର

ଭୁବନେଶ୍ୱର, ୨୬ ଜୁଲାଇ – ରାଜ୍ୟର ୧୨ ଲକ୍ଷ ୨୪ ହଜାର ୭୨୫ ପରିବାର କଚ୍ଚା ଘରେ ରହୁଛନ୍ତି। ସେହିପରି ରାଜ୍ୟରେ ବର୍ତମାନ ୨୧,୨୩୯ ଭୂମିହୀନ ପରିବାର ଅଛନ୍ତି ବୋଲି ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୂଚନା ଦେଇଛନ୍ତି। ବିଜେପି ବିଧାୟକ ନାଉରୀ ନାୟକଙ୍କ ପ୍ରଶ୍ନର ଲିଖିତ ଉତର ଦେଇ ପଂଚାୟତିରାଜ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସୂଚନା ଦେଇଛନ୍ତି ଯେ, ରାଜ୍ୟର ୧୨ ଲକ୍ଷ ୨୪ ହଜାର ୭୨୫ ପରିବାର କଚ୍ଚା ଘରେ ରହୁଥିବା ବେଳେ ୨୧,୨୩୯ ଭୂମିହୀନ ପରିବାର ରହିଛନ୍ତି। ଏହା ସହ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ୨୩ ଲକ୍ଷ ୮୨ ହଜାର ୮୮୪ ହିତାଧିକାରୀଙ୍କୁ ଗୃହ ମରାମତି ପାଇଁ ସହାୟତା ମିଳିଛି। ଏହି କାର୍ଯ୍ୟ ପାଇଁ ରାଜ୍ୟ ରାଜକୋଷରୁ ୭୧୪ କୋଟି ୮୬ ଲକ୍ଷ ୫୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ସେ ଆହୁରି ସୂଚନା ଦେଇଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୧-୨୨ରେ ପିଏମଏୱାଇ(ଜି)-ବିପିଜିୱାଇ ଯୋଜନାରେ ୫,୫୬୪ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା।

## ଆଜି ଓଜେଇଇ ରେଜଲ୍ଟ

ଭୁବନେଶ୍ୱର, ୨୬ ଜୁଲାଇ : ଆସନ୍ତାକାଲି ଓଜେଇଇ ରେଜଲ୍ଟ ପ୍ରକାଶ ପାଇବ। ଆସନ୍ତାକାଲି (ବୁଧବାର)ସକାଳ ୧୧ଟା ୩୦ରେ ରେଜଲ୍ଟ ବାହାରିବ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତି ରଂଜନ ଘଡାଇ ଷ୍ଟେଟ୍ କାଉନ୍ସିଲ ଫର୍ ଟେକ୍ନିକାଲ ଏଜୁକେସନ୍ ଆଣ୍ଡ ଗୋକେସନାଲ ଟ୍ରେନିଂ କନଫରେନ୍ସ ହଲ୍ ଠାରେ ଓଜେଇଇ ରେଜଲ୍ଟ ଘୋଷଣା କରିବେ। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୪ ରୁ ୮ ଯାଏଁ ଓଜେଇଇ ପରୀକ୍ଷା ହୋଇଥିଲା। ପାଖାପାଖି ୬୦,୦୦୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ଆଜି ପ୍ରକାଶ ପାଇବ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର, ୨୬ ଜୁଲାଇ – ଆସନ୍ତାକାଲି (ବୁଧବାର) ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ବୁଧବାର ଅପରାହ୍ଣ ୪ଟା ବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଫଳାଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ସେହିପରି ଯୁକ୍ତ ୨ କଳାର ଫଳାଫଳ ସପ୍ତାହକ ମଧ୍ୟରେ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ୧୯ ପାଇଁ ୨ ବର୍ଷ ପରେ ଚଳିତ ବର୍ଷ ଅଫ୍ ଲାଇନ୍ ରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସିଲାବସ୍ ୩୦ % କମାଯାଇଥିଲା। ପରୀକ୍ଷା ପରିଚାଳନା ଯେପରି ସଠିକ୍ ଭାବେ ହୋଇପାରିବ , ଠିକ୍ ସମୟରେ ଯେପରି ଖାତା ଦେଖା ସରିବ ଏବଂ ଜୁଲାଇ ସୁଦ୍ଧା ରେଜଲ୍ଟ ପ୍ରକାଶ କରିବାକୁ ଆମେ ସମସ୍ତ ଚେଷ୍ଟା କରିଥିଲୁ। ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ସପ୍ତାହକ ମଧ୍ୟରେ କଳା ରେଜଲ୍ଟ ପ୍ରକାଶ କରିବାକୁ ଚେଷ୍ଟା କରୁଛୁ।

## ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬ ଜୁଲାଇ – ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାଳତୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ – ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନାରୀନେତ୍ରୀ ମାଳତୀ ଚୌଧୁରୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି। ମହିଳା ସଶକ୍ତିକରଣ ପାଇଁ ନାରୀ ଶିକ୍ଷା ଓ ଅଧିକାର, ଭୂଦାନ ଓ ପ୍ରଜା ମଣ୍ଡଳ ଆନ୍ଦୋଳନ ସହ ସମାଜ ସେବା କ୍ଷେତ୍ରରେ ତାଙ୍କ ଅବଦାନ ଚିର ସ୍ମରଣୀୟ ।

# ଭୁବନେଶ୍ୱରରେ ହେବ କ୍ୟାନସର ହସ୍ପିଟାଲ

ଭୁବନେଶ୍ୱର, ୨୬ ଜୁଲାଇ – ଭୁବନେଶ୍ୱର ନାଇଜର କ୍ୟାମ୍ପସ ଠାରେ ଭାରତ ସରକାରଙ୍କ ଆଟୋମିକ୍ ଏନର୍ଜି ଡିପାର୍ଟମେଣ୍ଟ ଓ ଟାଟା ଟ୍ରଷ୍ଟ ସହଯୋଗରେ ୬୫୦ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣ କରାଯିବା ନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମଙ୍ଗଳାର ନୂଆଦିଲ୍ଲୀ ଠାରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଡା. ଜିତେନ୍ଦ୍ର ସିଂହଙ୍କ ସହ ଆୟୋଜିତ ଏ ସମ୍ପର୍କୀତ ଏକ ବୈଠକରେ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅତ୍ୟାଧୁନିକ କ୍ୟାନସର ହସ୍ପିଟାଲ ନିର୍ମାଣରେ ଭାରତ ସରକାର ୪୦୦ କୋଟି ଏବଂ ଟାଟା ଟ୍ରଷ୍ଟ ୨୫୦ କୋଟି ଟଙ୍କା ଖର୍ଚ୍ଚ କରିବେ । ଏଥିପାଇଁ ନାଇଜର ୧୭ ଏକର ପରିମିତ ଜମି ପ୍ରଦାନ କରି ସାରିଥିବା ବେଳେ ଅତିରିକ୍ତ ୧୦ ଏକର ପରିମିତ ଜମି ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଯୋଗାଇ ଦେବ । ଏହି କ୍ୟାନସର ହସ୍ପିଟାଲକୁ ଟାଟା ଟ୍ରଷ୍ଟ ନିର୍ମାଣ କରିବା ପରେ ଭାରତ ସରକାରଙ୍କୁ ହସ୍ତାନ୍ତର କରିବେ । ହସ୍ପିଟାଲ ନିର୍ମାଣ ସହ କ୍ୟାମ୍ପସ ପରିସରରେ କର୍ମଚାରୀଙ୍କ ପାଇଁ ବାସଗୃହ, ରୋଗୀଙ୍କ ପାଇଁ ଧର୍ମଶାଳା, ହଷ୍ଟେଲ ନିର୍ମାଣ କରାଯିବ । ଆଗାମୀ ୩ ବର୍ଷ ମଧ୍ୟରେ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟକୁ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି । ସେହିପରି କ୍ୟାନସର ହସ୍ପିଟାଲରେ ନିଯୁକ୍ତ ହେବାକୁ ଥିବା ମେଡ଼ିକାଲ କର୍ମଚାରୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭାଗୀୟ ମନ୍ତ୍ରଣାଳୟ ତରଫରୁ ଏକ 'ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର' ଖୋଲାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଓଡ଼ିଶା ସମେତ ସମଗ୍ର ଭାରତର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶା ତଥା ପୂର୍ବ ଭାରତର ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଇ ଏହି ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି । ଏହି ହସ୍ପିଟାଲ ନିର୍ମାଣ ହେଲେ ଓଡ଼ିଶାବାସୀ ଉପକୃତ ହୋଇପାରିବେ ଓ ଏହି କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣା ହୋଇପାରିବ ବୋଲି ସେ କହିଛନ୍ତି । ଏହି ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଟଟା ମେମୋରିଆଲ ସେଣ୍ଟରର ଅଧିକାରୀ, ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ଆଟୋମିକ ଏନର୍ଜି ବିଭାଗର ବରିଷ୍ଠ ଅଧିକାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।



### ଖଲଣା ଗୁଳିକାଣ୍ଡ ଘଟଣା ସୁନାନ୍ଦ ହତ୍ୟାକୁ ୧୨ ଦିନ ବିତିଲା

# ପୋଲିସ ପାରିଲା ନି ଏବେ ପ୍ରେତ ଧରିବ ଅପରାଧିଙ୍କୁ

**ଘଷିପୁରା, ୨୬/୭(ନି.ପ୍ର):** ଖଲଣା ଗୁଳିକାଣ୍ଡ ଘଟଣାରେ ସୁନାନ୍ଦ ସେଠୀହତ୍ୟାକୁ ୧୨ ଦିନ ବିତିଯାଇଥିଲେ ମଧ ଏଯାଏ ଅପରାଧି ମାନଙ୍କୁ ଧରିବାରେ ପୋଲିସ ଧରିପାରିଲା ନାହିଁ । ଦିନ ପରେ ଦିନ ଗଡି ଚାଲିକ ପୂର୍ବରୁ ବିଭିନ୍ନ ସମୟରେ ଘଟିଯାଇଥିବା ହତ୍ୟା ଘଟଣା ପରି ଏହି ଖଲଣା ଗୁଳିକାଣ୍ଡ ଘଟଣାକୁ ଧୀରେ ଧୀରେ ପୋଲିସ ଅପରାଧୀ ଓ ଜନସାଧାରଣ ଭୁଲିବାକୁ ଆରମ୍ଭ କରିବେ ଏକ ପାଇଁ ଗର୍ଜନ କରୁଥିବା ନେତା ମାନେ ବି ଚୁପ ହୋଇ ଯିବେ ଏହା ପରେ କେବଳ ଧରିବାକୁ ଚେଷ୍ଟା ଜାରୀ ରଖିବ ସୁନନ୍ଦର ପ୍ରେତ ଧରିବ ଅପରାଧିଙ୍କୁ ବୋଲି ଚର୍ଚ୍ଚା ଦେଉଛି । ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଲଣା ଗ୍ରାମରେ ଗତ ୧୪ ତାରିଖ ଗୁରୁବାର ଦିନ ସୁନନ୍ଦ ସେଠୀକୁଂ ଶାସକ ବିଜେଡି ଦଳର ସମର୍ଥକ ଅକ୍ଷୟ କୁମାର ଘୋଷଙ୍କ ନେତୃତ୍ୱରେ ବହୁ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଓ ବଂଧୁକ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ। ଏହି ଗୁଳିକାଣ୍ଡ ଘଟଣାରେ ୧୭ ତାରିଖ ରବିବାର ଦିନ ରାଜ୍ୟ ବିଜେପି ର ଏକ ପ୍ରତିନିଧି ଦଳ ଏବଂ ପୂର୍ବତନ ପିସିସି ନିରଞ୍ଜନ ପଟନାୟକ ଖଲଣା ଗ୍ରାମରେ ପହଂଚି ମୃତକଙ୍କ ପରିବାର କୁ ସମବେଦନା ଜଣାଇବା ସହ ଗୁଳିକାଣ୍ଡରେ ସଂପୃକ୍ତ ସମସ୍ତ ଦୋଷି ମାନଙ୍କୁ ତୁରନ୍ତ ଗୀରଫ କରିବାପାଇଁ ଦାବୀ କରିଥିଲେ । ପରେ ପୁନଶ୍ଚ ଏହି ଘଟଣା ର ସରଜମିନ ତଦନ୍ତ କରିବା ପାଇଁ ଆଜି ୧୯ ତାରିଖ ମଗଂଳବାର ବିଜେପି ର ଏକ ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ, ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ , ରେଗାଂଳି ବିଧାୟକ ନାଉରୀ ନାଏକ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଭାପତି ମହେଶ୍ୱର ସାହୁ, ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ସମେତ ବହୁ ନେତୃବୃନ୍ଦ ଖଲଣା ଗ୍ରାମକୁ ଯାଇ ଗୁଳି କାଣ୍ଡରେ ମୃତ୍ୟୁ ବରଣ କରିଥିବା ସୁନନ୍ଦ ସେଠୀର ପରିବାର ସମେତ ଗ୍ରାମର ଲୋକ ମାନଙ୍କୁ ଭେଟି ଘଟଣାର ବିଷୟରେ ଆଲୋଚନା କରିଥିଲେ। ଏହି ନିର୍ମମ ହତ୍ୟା କାଣ୍ଡ ସଂପର୍କରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଖାଲଣା ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ଥିବା ସହ ମୃତକ ପରିବାର କୁ ସରକାର ସହାୟତା ଯୋଗାଇଦେବା ସହ ଏହି ଗୁଳିକାଣ୍ଡ ଘଟଣାରେ ସଂପୃକ୍ତ ସମସ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ବିଧାନସଭାରେ ଦାବୀ କରିଥିଲେ । ହେଲେ ଗୁଳିକାଣ୍ଡକୁ ୧୪ ଦିନ ବିତିଯାଇଥିଲେ ମଧ ପୋଲିସ୍ କେବଳ କିଛି ବ୍ୟକ୍ତିକୁ ଆଣି ଛାଡିଦେଇଥିବା ଜଣାପଡିଛି । ବର୍ତମାନ ଲୋକ ମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଘଟଣା ର ୧୨ ଦିନ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ପୋଲିସ ଅପରାଧି ମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ପୋଲିସ କହୁଛି ଧରିବ କିନ୍ତୁ ସମୟ ଲାଗିବ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ବିଭିନ୍ନ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଇ ଆତକଂରାଜ କରାଯାଉଥିବା ନେତା ମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଭୟ କରୁଛି ଅବା ପରୋକ୍ଷରେ ଅପରାଧକୁ ସହଯୋଗ କରିବା ନେଇ ବିଜେପି ନେତା କହିଛନ୍ତି। ପୋଲିସ ର ଏପରି ନିଷ୍କ୍ରିୟତା ରୁ ଅପରାଧୀ ମାନେ ଖୋଲା ମେଳାରେ ବୁଲୁଥିବା ଅଭିଯୋଗ ହେଉଛି । ଏବେ ପରେ ଆଉ ପୋଲିସ ନୁହେଁ ସୁନନ୍ଦର ପ୍ରେତ ଧରୀବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

## ବିବାହିତ ମହିଳାଙ୍କୁ ଧର୍ଷଣ, ଜଣେ ଗିରଫ

**ଜୟପୁର,୨୬/୭(ନି.ପ୍ର):** ବିବାହିତ ମହିଳାଙ୍କୁ ଧର୍ଷଣ ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଏହି ମାମଲାରେ ବାମୁଣିପୁଟର ଧମଲୁ ଏଲିୟସ ଅର୍ଜୁନ ବାରିକ (୪୫)କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାଇ ଗତ ଜୁନ ୧୧ ତାରିଖରେ ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣିପୁଟର ଜଣେ ବିବାହିତା ମହିଳା ଜୟପୁର ବଜାରକୁ ଆସିବା ପାଇଁ ଯାତ୍ରୀ ବାହି ଅଟୋକୁ ଅପେକ୍ଷା କରିଥିଲେ । ସେହି ସମୟରେ ଅଭିଯୁକ୍ତ ଧମଲୁ ଏଲିୟସ ଅର୍ଜୁନ ବାରିକ ଏକ ବାଇକ ଯୋଗେ ଆସି ଉକ୍ତ ବିବାହିତ ମହିଳାକୁ କୁଆଡେ ଯିବ ପଚାରିଥିଲେ । ସେ ଜୟପୁର ବଜାରକୁ ଯିବା କଥା କହିବାରୁ ସେ ବାଇକରେ ଛାଡି ଦେବି ବୋଲି କହି ମହିଳାକୁ ଜୟପୁରର ଏକ ଘରକୁ ନେଇ ମହିଳାର ଅନିଛା ସତ୍ୱେ ଧମକ ଦେଇ ଧର୍ଷଣ କରିଥିଲେ। ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀ କୁ ସବୁ କଥା କହିବାରୁ ଗତ ୧୯ ତାରିଖରେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଗୁରତର ସହ ନେଇ ସଦର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ଦିନ ଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଆଜି ଗାଗନାପୁରରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ବିବାହିତ ମହିଳାର ସାନ ଶ୍ୱଶୁର ହେବେ ବୋଲି ତଦନ୍ତରୁ ଜଣାଯାଇଛି ।

## ଶ୍ରାବଣ ମାସର ତୃତୀୟ ସୋମବାର, ଭକ୍ତ ଙ୍କ ଗହଣରେ ଉଛୁଳିଲା କୁଶଳେଶ୍ୱର

**ଘଷିପୁରା, ୨୬ ଜୁଲାଇ (ହି.ସ.) –** ଶ୍ରାବଣ ମାସର ତୃତୀୟ ସୋମବାର କାଉଡ଼ିଆ ମାନଙ୍କ ପାଇଁ ଭକ୍ତଙ୍କ ଗହଣରେ ଉଛୁଳିଲା କୁଶଳେଶ୍ୱର ପୁରାତନ ଶୈବପୀଠ । ୨ ବର୍ଷ କୋରୋନା କଟକଣା ପରେ ଭକ୍ତ ମାନଙ୍କ ମନରେ ଉତ୍ସାହ ଥିବାର ଦେଖିବାକୁ ମିଳିଛି । ୨୦୨୨ଶ୍ରାବଣ ମାସର ତୃତୀୟ ସୋମବାର ଦିନ କେନ୍ଦୁଝର ଜିଲ୍ଲାର ସମସ୍ତ ଶିବାଳୟରେ କାଉଡିଆ ମାନେ ଭିଡ଼ ଦେଖିବାକୁ ମିଳିଥିବା ବେଳେ ଭକ୍ତମାନଙ୍କ ପାଇଁ ଜିଲ୍ଲାର ସର୍ବ ପୁରାତନ କୁଶଳେଶ୍ୱର ଶୈବପୀଠରେ ଜଳ ଲାଗି କରିଛନ୍ତି । ବହୁ ଦୁରଦୁରନ୍ତରୁ ଶ୍ରଦ୍ଧାଳୁମାନେ କାନ୍ଧରେ ପାଣି ଭାର ଧରି ଖାଲିପାଦରେ ଚାଲି ଚାଲି ଆସି କୁଶଳେଶ୍ୱର ପିଠରେ ପହଁଚିଛନ୍ତି । କୁଶେଇ ନଦୀ ପୀଠରୁ ଆରମ୍ଭ କରି ପ୍ରତି ୪ କୋଶ ଦୂରତାରେ ଅବସ୍ଥିତ ଅନେକ ଶୈବପୀଠରେ ଜମିଛି ଭକ୍ତଙ୍କ ଭିଡ଼ । ପୂଣ୍ୟତୋୟା ବୈତରଣୀ ନଦୀରୁ ଜଳ ନେଇ ଏଥିପାଇଁ ଭକ୍ତମାନେ ଆସି ପହଂଚିଛନ୍ତି । ଝାଡ଼େଶ୍ୱର ମନ୍ଦିର ପରିସରରେ ସୁଦର ସମ୍ବଲପୁରରୁ ପିଲାଠାରୁ ବୃଢା ଯାଏ ଭକ୍ତମାନେ ଆସି ପହଂଚିଛନ୍ତି । ସେମାନେ ଗତ କାଲି ଜିଲ୍ଲାର ସର୍ବ ପୁରାତନ କୁଶଳେଶ୍ୱର ଶୈବପୀଠରେ ଜଳ ଲାଗି କରିଥିବାର ଜଣାପଡିଛି। ଏଥିସହିତ ବାଲୁଙ୍କେଶ୍ୱର, ବେଳେଶ୍ୱର, ହାବେଳେଶ୍ୱର, ଉତରେଶ୍ୱର , ଆନ୍ଦେଶ୍ୱର, ପଦ୍ମେଶ୍ୱର ଆଦି ବିଭିନ୍ନ ଶୈବପୀଠରେ ଶହ ଶହ ସଂଖ୍ୟାରେ କାଉଡିଆ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି ।

## ସରକାରୀ ସମ୍ପତ୍ତିକୁ ଏଲଆଣ୍ଡଟି ବ୍ୟାଜ୍ୟାପ୍ତି କରିବା ପ୍ରସଙ୍ଗକୁ ନେଇ ବିଧାନସଭାରେ ହଙ୍ଗାମା

**ଭୁବନେଶ୍ୱର, ୨୬ ଜୁଲାଇ –** ରାଜ୍ୟ ସରକାରଙ୍କ ସରକାରୀ ସମ୍ପତ୍ତିକୁ ଏଲଆଣ୍ଡଟି କମ୍ପାନି ବ୍ୟାଜ୍ୟାପ୍ତି କରିବା ସହ ବକେୟା ଥିବା ୨୦ କୋଟି ଟଙ୍କା ୧୨୦ କୋଟିରେ ପହଞ୍ଚିବା ପ୍ରସଙ୍ଗକୁ ନେଇ ସୋମବାର ଦିନ ବିଧାନସଭାରେ ହଙ୍ଗାମା ହୋଇଛି । ଏ ସମ୍ପର୍କିତ ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଆଲୋଚନା ପାଇଁ ଅନୁମତି ନ ଦିଆଯିବାକୁ ନେଇ ପ୍ରଶ୍ନକାଳ ବାଧିତ ହୋଇଥିଲା । ପରେ ଶୂନ୍ୟକାଳରେ ମଧ ଏ ସମ୍ପର୍କରେ ଆଲୋଚନା ଦାବିକୁ ମନା କରି ଦେବା କାରଣରୁ ଗୃହରେ ହଙ୍ଗାମା ଦେଖା ଦେଇଥିଲା । ସୋମବାର ଦିନ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅର୍ଥ ମନ୍ତ୍ରୀଙ୍କୁ ଡାକିଥିଲେ । ହେଲେ ବିରୋଧୀ ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସ ଉପରେ ଆଲୋଚନା ପ୍ରସ୍ତାବକୁ ଖାରଜ କରି ଦେଇଥିବାରୁ ବିଜେପି ଓ କଂଗ୍ରେସ ବିଧାୟକ ମାନେ ବିରୋଧ କରିଥିଲେ । ସେମାନେ ଏହାର ପ୍ରତିବାଦରେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ । ବାଚସ୍ପତି ସେମାନଙ୍କୁ ନିଜ ନିଜ



ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ ହେଁ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା । ଫଳରେ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଅନ୍ୟ ପକ୍ଷରେ ୧୧.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଧାୟକ ମାନେ ଏହି ପ୍ରସଙ୍ଗ ପୁଣି ଥରେ ଉଠାଇଥିଲେ । ଏନେଇ ବାଚସ୍ପତି ରୁଲିଂଦେଇ ବାଚସ୍ପତି କହିଛନ୍ତି, ସୁପ୍ରିମକୋର୍ଟରେ ଏ ପ୍ରସଙ୍ଗରେ ରିଭ୍ୟୁ ପିଟିସନ ଦାଖଲ ହୋଇଥିବାରୁ ରୁଲ ୬୦ ( ଙ୍ଗସସ ) ଅନୁସାରେ ଆଲୋଚନା ପରିସରଭୁକ୍ତ ହେବ ନାହିଁ। ସେଥିପାଇଁ ଏହି ବିଷୟକୁ ଆଲୋଚନା ପାଇଁ ଅଣା ଯାଉନାହିଁ। ହେଲେ ବିରୋଧୀ ବିଧାୟକ ମାନେ ବାଚସ୍ପତିଙ୍କ କଥାକୁ ଗ୍ରହଣ କରି ନ ଥିଲେ । ବିଜେପି ବିଧାୟକ କହିଥିଲେ ଯେ ଏହି ମାମଲା ସବଯୁଡିସ ନାହିଁ, ହାଇକୋର୍ଟରେ ଗ୍ରହଣ ହୋଇ ନାହିଁ। ତେଣୁ ଏହାକୁ ଗ୍ରହଣ କରି ଆଲୋଚନା କରନ୍ତୁ ବୋଲି ସେମାନେ ଦାବି କରିଥିଲେ । ସେହିପରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହାନିପତି କହିଛନ୍ତି ୨୦୦୪ରୁ ୨୦୨୨ ପର୍ଯ୍ୟନ୍ତ ସରକାର ଏହି ଘଟଣାକୁ ଗୁରୁତର ସହ ନେଲେନି। ସରକାରଙ୍କ ସମ୍ପତ୍ତି କେମିତି ଘରୋଇ କମ୍ପାନି ସିଜ କଲା। ସରକାରଙ୍କ ଗୁପ୍ତ ତଥ୍ୟ ରହିଥିବା କମ୍ପ୍ୟୁଟର ଉକ୍ତ କମ୍ପାନି ନେଇ ଯାଇଛି। ତେଣୁ ସେହି କମ୍ପାନିକୁ ବ୍ଲାକ ଲିଷ୍ଟ କରାଯାଉ। ଯେଉଁ ଅଧିକାରୀ ଏଥିପାଇଁ ଦାୟୀ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରଯାଉ ବୋଲି ସେ ଦାବି କରିଥିଲେ ।

## ସମାଜ ବିକାଶ ମିଶନ ପକ୍ଷରୁ ବୃକ୍ଷରୋପଣ



ଜଗତସିଂହପୁର(ନି.ପ୍ର)ରଘୁନାଥପୁର ବଜାର ନିକଟରେ ଥିବା ଏକ ସରକାରୀ ବଗଚର ଜମିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜ ବିକାଶ ମିଶନ୍ ପକ୍ଷରୁ ବୃକ୍ଷରୋପଣ କରାଯିବା ସହ ଏହା ରକ୍ଷଣାବେକ୍ଷଣ ପାଇଁ ଅନୁଷ୍ଠାନ ପକ୍ଷରୁ ଦାୟିତ୍ୱ ନିଆଯାଇଛି। ଅନୁଷ୍ଠାନର ଅଧକ୍ଷ ତଥା ପ୍ରକୃତି ବନ୍ଧୁ ସରିତ୍ ମହାପାତ୍ରଙ୍କ ତତ୍ୱାବଧାନରେ ରୋଜାଲିନ୍ ସାହୁ, ସାଇ କସ୍ତୁରୀ ବେହେରା, ଶୁଭଶ୍ରୀ ରାଉତ୍, ବିବେଷିକା ବେହେରା, ବିକ୍ରମ ମହାନ୍ତି, ସୁବ୍ରତ ସେଠୀ, ପ୍ରଭୁପ୍ରସାଦ ନନ୍ଦ ପ୍ରମୁଖ ମୋଟ୍ ୪୨ଗୋଟି ଚାରାଗଛ ରୋପଣ କରିଥିଲେ। ଛୋଟରୁ ବଡ ହେବା ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ଶପଥ ନେଇଥିଲେ। ଆଗାମୀ ଦିନରେ ପରିବେଶ ସୁରକ୍ଷା ଓ ଜଳବାୟୁ ସଂପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ସ୍କୁଲ୍ ପିଲାମାନଙ୍କୁ ସାମିଲ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

## ସ୍ୱ ଡଃ. ବିମଳ ରଥଙ୍କ ସ୍ମୃତିରେ ବୃକ୍ଷ ରୋପଣ ଓ ବିମଳ ରଥ ସେବା ଟ୍ରଷ୍ଟ ଗଠନ ପାଇଁ ବୈଠକ



**ଖୋର୍ଦ୍ଧା, ତା ୨୬/୦୭,** ସ୍ୱ ଡଃ. ବିମଳ ରଥ ଜଣେ ସୁଦକ୍ଷ ଓ ଲୋକପ୍ରିୟ ଚିକିତ୍ସକ ଥିଲେ। ବିନା ମୂଲ୍ୟରେ ରୋଗୀଙ୍କୁ ଚିକିତ୍ସା କରିବା, ଔଷଧ ପ୍ରଦାନ କରିବା, ଏପରିକି ଅଟୋ ଭଡା ଦେଇ ପାରୁ ନ ଥିବା ରୋଗୀମାନଙ୍କୁ ଭଡା ଅର୍ଥ ନିଜ ପକେଟରୁ ଦେଉଥିଲେ। ତା'ସହ ସେ ସମାଜର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କର ସ୍ମୃତିକୁ ଉଜ୍ଜିବିତ କରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବା ପାଇଁ ତାଙ୍କ ନାମରେ ଏକ ସେବା ଟ୍ରଷ୍ଟ ଗଠନ କରିବାକୁ ବହୁ ବିମଳ ରଥ ପ୍ରେମୀଙ୍କ ଅନୁରୋଧ କ୍ରମେ ବରୁଣେଇ ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ପ୍ରାରମ୍ଭରେ ସ୍ୱ ରଥଙ୍କ ପତ୍ନୀ ପ୍ରାଧାପିକା କବିତା ମିଶ୍ର ପ୍ରସ୍ତାବ ପ୍ରଦାନ କରି କହିଲେ ଡ଼ଃ ରଥଙ୍କ ନାମରେ ଖୋର୍ଦ୍ଧାର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରିବା ସହିତ ପ୍ରତିବର୍ଷ ଡଃ ରଥଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳନ ଅବସରରେ ଜଣେ ବିଶିଷ୍ଟ ଚିକିତ୍ସକଙ୍କୁ ଡଃ ବିମଳ ରଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ଏହି ବୈଠକରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଡଃ ରଥଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଟ୍ରଷ୍ଟ ମାଧମରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ସେବା ଶିବିର, ନିରାଶ୍ରୟ ଓ ଗରୀବ ବ୍ୟକ୍ତିମାନଙ୍କୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ ଓ ପାଠ ପଢି ପାରୁ ନ ଥିବା ଗରୀବ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ ଆଦି ଉପକରଣ ଯୋଗାଇ ଦେବାକୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ଖୋର୍ଦ୍ଧା ବିକାଶ ମଂଚର ସଭାପତି ଆଇନଜୀବୀ ଶ୍ରୀ ନରେନ୍ଦ୍ର ପୃଷ୍ଟି କହିଲେ ଡ଼ଃ ରଥଙ୍କର ଏକ ପ୍ରତିମୂର୍ତୀ ସ୍ଥାପନ କରାଯିବା ଉଚିତ୍। ସେହିପରି ବିଶିଷ୍ଟ ଐତିହାସିକ ଶ୍ରୀ ସତ୍ୟବାଦୀ ବଳିୟାରସିଂହ ମତ ଦେଇ କହିଲେ ଡ଼ଃ ରଥଙ୍କର ଜୀବନୀ ସଙ୍କଳିତ ଏକ ପୁସ୍ତକ ରଚନା କରାଯାଉ। ଏଥିରେ କ୍ୟାପିଟାଲ ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ବୃନ୍ଦାବନ ପଣ୍ଡା କହିଲେ ତାଙ୍କ ନାମରେ ଏକ ପାଠାଗାର ନିର୍ମାଣ କରାଯିବା ଉଚିତ୍। ଏ ପ୍ରସ୍ତାବକୁ ସମର୍ଥନ ଜଣାଇ ବିଶିଷ୍ଟ ସାହିତ୍ୟିକା ଚପଳା ପଣ୍ଡା କହିଲେ ଏହି ପାଠାଗାର ପାଇଁ ସେ ୫୦୦ରୁ ଅଧିକ ପୁସ୍ତକ ଯୋଗାଇ ଦେବେ। ଏଥିରେ ବିଶିଷ୍ଟ ଯୁବ ସମାଜସେବୀ ସଂଜୟ ପଟ୍ଟନାୟକ କହିଲେ ଡଃ ରଥଙ୍କ ନାମରେ ଏକ ପାର୍କ ନିର୍ମାଣ ଓ ଏକ ରାସ୍ତାର ନାମକରଣ କରାଯିବାର ଆବଶ୍ୟକତା ଅଛି ଏବଂ ତାଙ୍କୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତି କିଛି କିଛି ଆର୍ଥିକ ସହାୟତା ତାଙ୍କ ଟ୍ରଷ୍ଟକୁ ପ୍ରଦାନ କଲେ ଅନେକ ଗୁଡିଏ ସେବା ମୂଳକ କାର୍ଯ୍ୟକ୍ରମ କରାଯାଇ ପାରିବ ଏବଂ ସେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିବେ। ଏ ପ୍ରସ୍ତାବ ପ୍ରତି ନିଜର ସମର୍ଥନ ରଖି ଖୋର୍ଦ୍ଧା ବ୍ଲକ୍‌ର ଉପାଧକ୍ଷ ପ୍ରକାଶ ସାମନ୍ତରାୟ କହିଲେ ବାଧ ବାଧକତା ନୁହେଁ ସ୍ୱ ଇଛାରେ ବିମଳ ପ୍ରେମୀମାନେ ଏହି ଟ୍ରଷ୍ଟ ନାମରେ ଖୋଲା ଯାଇଥିବା ବ୍ୟାଙ୍କ ଆକାଉଂଟରେ କିଛି ଅର୍ଥ ଜମା କରିପାରିବେ। ସେହିପରି ସାମ୍ବାଦିକ ସମରେନ୍ଦ୍ର ବଳିୟାରସିଂହ କହିଲେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡ଼ଃ ରଥଙ୍କ ପ୍ରତିଭାର ବିଭିନ୍ନ ଦିଗ ଉପରେ ତର୍କ ପ୍ରତିଯୋଗୀତା କଲେ ନୂତନ ପିଢୀ ଡ଼ଃ ରଥଙ୍କ ସମ୍ପର୍କରେ ବହୁ କଥା ଜାଣି ପାରିବେ। ଏହି ବୈଠକରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ କେଫାତୁଲ୍ଲା ଖାଁ, ବାଇନ ଭଞ୍ଜ, ଶିକ୍ଷକ ରମେଶ ପ୍ରଧାନ, ଅଖିଳ ପ୍ରଧାନ, ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି ପ୍ରମୂଖ ଶତାଧିକ ବ୍ୟକ୍ତିମାନେ ଉପସ୍ଥିତ ରହି ଟ୍ରଷ୍ଟର କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତାମତ ରଖିଥିଲେ। ଏହି ଟ୍ରଷ୍ଟର ମୁଖ୍ୟ ଭାବରେ କାର୍ଯ୍ୟ ସମ୍ପାଦନ କରିବାକୁ ଡ଼ଃ ରଥଙ୍କ ପତ୍ନୀ କବିତା ମିଶ୍ର ଦାୟୀତ୍ୱ ନେବାକୁ ସର୍ବସମ୍ମତିକ୍ରମେ ସଭାରେ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଟ୍ରଷ୍ଟ ଗଠନ କରିବାର ଦାୟୀତ୍ୱ ଆଇନଜୀବୀ ନରେନ୍ଦ୍ର ପୃଷ୍ଟିଙ୍କ ଉପରେ ନ୍ୟସ୍ତ କରାଗଲା। ଏହାପରେ ବରୁଣେଇ ପାହାଡ ନିକଟରେ ଡ଼ଃ ରଥଙ୍କ ସ୍ମୃତିରେ ବୃକ୍ଷ ରୋପଣ କାର୍ଯ୍ୟରେ ସମସ୍ତେ ସାମିଲ ହୋଇଥିଲେ।

## ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ଜନଜାତି ଏସଏଚଜିମାନଙ୍କ ଦକ୍ଷତା ବୃଦ୍ଧି ତାଲିମ




**ଭୁବନେଶ୍ୱର, ୨୬ ଜୁଲାଇ –** ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ମହୁଲ ଫୁଲ ସଂଗ୍ରହକାରୀମାନଙ୍କୁ ମହୁଲ ଫୁଲର ଉନ୍ନତ ପ୍ରକ୍ରିୟାକରଣ ଦିଗରେ ଉଦ୍ୟୋଗୀ କରି ସେମାନଙ୍କର ଅର୍ଥନୀତିକୁ ଅଗ୍ରଗାମୀ କରାଇବା ଦିଗରେ ଜୁଲାଇ ୨୫ ତାରିଖଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆରଟିଆଇ) ତଥା ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରଯୁକ୍ତି ବିଜ୍ଞାନ ବିଭାଗ ତଥା ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଆଜାଦି କି ଅମ୍ରିତ ମହୋତ୍ସବ ଅବସରରେ ମହୁଲର ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ବିଷୟରେ ଜନଜାତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦକ୍ଷତା ବୃଦ୍ଧି ତାଲିମର ଆୟୋଜନ କରାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ୩ଟି ପର୍ଯ୍ୟାୟରେ ପ୍ରାୟ ୧୦୦ ଜନଜାତି ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ ଓ ପ୍ରତ୍ୟେକ ପର୍ଯ୍ୟାୟର ଅବଧି ୩ ଦିନ ରହିବ । ପର୍ଯ୍ୟାୟ କ୍ରମେ ତାଲିମ ସୂଚୀ ୨୫ରୁ ୨୭ ଜୁଲାଇ, ୨୮ରୁ ୩୦ ଜୁଲାଇ ଓ ୨ରୁ ୪ ଅଗଷ୍ଟ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜନଜାତି ବହୁଳ ଜିଲ୍ଲାମାନଙ୍କରୁ ଜନଜାତି ମହିଳାମାନେ ଅଂଶଗ୍ରହଣ କରିଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟରେ ତାଲିମର ଉଦ୍‌ଘାଟନୀ ଉତ୍ସବରେ ଏସ୍‌ସିଏସ୍‌ଟିଆରଟିଆଇର ଉପଦେଷ୍ଟା ତଥା ନିର୍ଦ୍ଦେଶକ ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ପ୍ରଫେସର (ଡ.) ଅଖିଳ ବିହାରୀ ଓତା, ଓୟୁଏଟିର ଡିନ୍ ଡ. ସଂଜୟ କୁମାର ଦାସ, ଓୟୁଏଟି-ସିଏଇଟିର ବିଭାଗୀୟ ମୁଖ୍ୟ ଡ. କଳ୍ପନା ରାୟଗୁରୁ ତଥା ଉଭୟ ଅନୁଷ୍ଠାନର ବହୁ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ । ଓୟୁଏଟି-ସିଏଇଟିର ସହଯୋଗକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଦୁଇ ସହଯୋଗୀ ଅନୁଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ଅନେକ କାର୍ଯ୍ୟକ୍ରମ କରାଯାଇପାରିବ ବୋଲି ପ୍ରଫେସର ଡ. ଓତା ଆଶାପୋଷଣ କରିଥିଲେ ।

## ମିଳିତ ଜନ ଶୁଣାଣି ଅନୁଷ୍ଠିତ

**ଖୋର୍ଦ୍ଧା, ତା ୨୬/୦୭,** ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜିର ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ମୋଟ ୧୮୧ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ସମସ୍ତ ୧୭୮ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୩ଟି ସାମୁହିକ ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷ ରେ ୩ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଆଜି ପଞ୍ଚାୟତ ସମିତି ବୋଲଗଡ଼ ପରିସରରେ ଅନୁଷ୍ଠିତ ହୋଇଥିବା ଏହି ମିଳିତ ଜନଶୁଣାଣି ଅବସରରେ ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଦ୍ଧାର୍ଥ କାଟାରିଆ, ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଗୌରବ ଶିବାଜୀ, ବିଡିଓ ,ତହସିଲଦାର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ମାଣର ୧୫ଦିନ ମଧ୍ୟରେ ଦବି ଗଲା କେନାଲ ଗାର୍ଡୱାଲ



ଜଗତସିଂହପୁର(ନି.ପ୍ର) ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଅଧିନ କୂଳସାହି ଠାରେ ରହିଛି ଜଳ ସଂପଦ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଏହି ଜଳ ସଂପଦ ବିଭାଗଟି କଟକ ମହାନଦୀ ଦକ୍ଷିଣ ବିଭାଜନ ଅଧିନରେ କାର୍ଯ୍ୟ କରୁଛି ଏବଂ ଏଠାରେ ଅବସ୍ଥାପିତ ସହକାରୀ ଯନ୍ତ୍ରୀ କଟକ ତାଳଦଣ୍ଡା କେନାଲର କେତେକ ଅଂଶ ବ୍ୟତୀତ ରଘୁନାଥପୁର ବ୍ଲକ୍ ଅଂଚଳରେ ଯାଇଥିବା ଶାଖା କେନାଲ ଗୁଡିକର ରକ୍ଷଣାବେକ୍ଷଣ କାର୍ଯ୍ୟ କରିଥାନ୍ତି। ମାତ୍ର ସଂପୃକ୍ତ ଯନ୍ତ୍ରୀ ଜଣକ ଗତ ଦୁଇବର୍ଷ ମଧ୍ୟରେ କୌଣସି ଶାଖା କେନାଲକୁ ପରିଦର୍ଶନରେ ନଯାଇ ଲୁଚାଛପାରେ ଠିକାଦାରଙ୍କ ବିଲ୍ ପ୍ରସ୍ତୁତ କରୁଛନ୍ତି। ଏହିପରି ସରକାରଙ୍କ ବହୁ ନିର୍ମାଣଧିନ ପ୍ରକଳ୍ପ ଗୁଡିକୁ ଠିକ୍ ଯାଂଚ ନକରି ବିଲ୍ ପ୍ରସ୍ତୁତ କରୁଥିବାରୁ ଏଥିପାଇଁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଥିବା ବେଳେ ଚାଷୀମାନେ ପାଣି ବିନା ଚାଷକାର୍ଯ୍ୟରେ ଘୋର ଅସୁବିଧାର ସମ୍ମୁଖିନକୁ ଏଡାଯାଇ ନପାରେ। ଅଂଚଳର ବହୁ ଚାଷୀ ଏ ସଂପର୍କରେ ସ୍ୱର ଉତୋଳନ କଲେ ମଧ ବର୍ତମାନର କୂଳସାହିସ୍ଥିତ ଯନ୍ତ୍ରୀଙ୍କ ଉପରେ ଏହାର ପ୍ରଭାବ ପଡିବା ଦେଖିବାକୁ ମିଳୁନି। କୂଳସାହି ସେକ୍ସନର ଏହି ବାଦସାହା ଯନ୍ତ୍ରୀଙ୍କ ଖାମଖିଆଲି ନୀତି ଯୋଗୁ ଏବେ ମାତ୍ର ୧୫ଦିନ ପୂର୍ବେ ରଘୁନାଥପୁର ବ୍ଲକ୍ ନିକଟରେ ତଥା ୮ନଂ (କ) କେନାଲରେ ନିର୍ମାଣ ହୋଇଥିବା ଗାର୍ଡୱାଲ ଦବି ଯାଇଛି। ଏହାକୁ ଅତି କମ୍ ଭାଗ ସିମେଂଟ ଓ ବେସ୍ ଲେବୁଲ ଠାରୁ କମ୍ ଗଭୀରରେ ନିର୍ମାଣ କରିଥିବାରୁ ଏପରି ହେଉଛି ବୋଲି ଅଭିଯୋଗ ହେଉଛି। ରଘୁନାଥପୁର ଅଂଚଳର ସମାଜସେବୀ ତଥା ଚାଷୀ ପ୍ରିୟ ରଂଜନ ସାହାଣୀ ଜଳ ସଂପଦ ବିଭାଗର ଏହି ଯନ୍ତ୍ରୀଙ୍କୁ କଡା ସମାଲୋଚନା କରିବା ସହିତ କ୍ଷେତରେ ପାଣି ନପହଂଚିଲେ ଆନ୍ଦୋଳନ ଜୋରଦାର୍ ହେବ ବୋଲି ଚେତାବନୀ ଦେଇଛନ୍ତି।

# ଧାନ ମଣ୍ଡି ଉଚ୍ଛେଦ ହେଲେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

ବୌଦ୍ଧ,୨୬।୭ (ନିପ୍ର): ବୌଦ୍ଧ ଜିଲା ଏକ କୃଷିପ୍ରଧାନ ଜିଲା ଅଟେ । ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଜିଲାରେ ମୁଖ୍ୟ କହିଲେ ଚାଷ କହିଲେ ଧାନ ଚାଷ । ଚାଷୀ ଧାନ ଚାଷରୁ ହିଁ ନିଜର ପରିବାର ପ୍ରତିପୋଷଣ କରିଥାଏ। ଜିଲାରେ ସରକାରଙ୍କ ପକ୍ଷରୁ ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କିଣାଯାଇ ଆସୁଅଛି । ଫଳରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ଲାଭବାନ ହେବା ସହ ଅଭାବୀ ବିକ୍ରିରୁ ରକ୍ଷା ପାଇଥାଏ।



କିନ୍ତୁ ବର୍ତ୍ତମାନ ସରକାରଙ୍କ ପକ୍ଷରୁ ବୌଦ୍ଧ ବ୍ଲକର କସୁରବନ୍ଧ ଗ୍ରାମପଞ୍ଚାୟତର କୁରୁମପଦର ଧାନ କ୍ରୟ କେନ୍ଦ୍ର (ମଣ୍ଡି)କୁ ବନ୍ଦ କରାଯାଉଥିବା ଜାଣିବା ପରେ ଚାଷୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ସେମାନେ ଧାନମଣ୍ଡି ନ ଉଠାଇବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । କସୁରବନ୍ଧ ପଞ୍ଚାୟତର ରକ୍ସା ସେବା ସମବାୟ ସମିତିର କୁରୁମପଦର ଠାରେ ଗତ ୨୦୧୭-୧୮ ମସିହା ଠାରୁ ଧାନ ମଣ୍ଡି ଖୋଲାଯାଇ ଧାନ କ୍ରୟ ହୋଇଆସୁଅଛି । ଚାଷୀ ମାନେ ଖରିଫ ଓ ରବି ଋତୁ ଧାନକୁ ଏହି ମଣ୍ଡି ଜରିଆରେ ବିକ୍ରି କରିଆସୁଅଛନ୍ତି । ମଣ୍ଡିଟି ଯେଉଁ ସ୍ଥାନରେ ହୋଇଛି ତାହା ପଥରିଆ ସ୍ଥାନ ଓ କଂକ୍ରିଟ ହୋଇଥିବା ସହ ଏହା ଜାତୀୟ ରାଜପଥ କଡରେ ହୋଇଥିବାରୁ ଚାଷୀମାନେ ଠିକ ଭାବେ ଧାନ ଆଣି ବିକ୍ରି କରିପାରୁଛନ୍ତି । କିନ୍ତୁ ଚଳିତବର୍ଷ ଉକ୍ତ ମଣ୍ଡିରେ ଚାଷୀ ପଞ୍ଜୀକରଣ ନକରି ମଣ୍ଡିକୁ ବନ୍ଦ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଶୁଣିବା ପରେ ରକ୍ସା ସେବା ସମବାୟ ସମିତିର ଶତାଧିକ ଚାଷୀ ଚାଷୀନେତା ଶିବଶଙ୍କର କର୍ଣ୍ଣଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କୁରୁମପଦର ମଣ୍ଡି ବନ୍ଦ ନ କରିବାକୁ ଲିଖିତ ଭାବେ ଦେବାକୁ ଦାବି କରିଛନ୍ତି । ଉକ୍ତ ମଣ୍ଡିରେ ଚାଷୀଙ୍କ ନାମ ପଞ୍ଜୀକରଣ କରିବା ସହିତ ଧାନ କ୍ରୟ କେନ୍ଦ୍ର ଚାଲୁ ରଖିବାକୁ ଚାଷୀମାନେ ନିବେଦନ କରିଛନ୍ତି । ଯଦି ସରକାର ତିନିଦିନ ମଧ୍ୟରେ ଏହାର ବିଚାର କରି ତୁରନ୍ତ ପୁନର୍ବାର ଉକ୍ତ ଧାନ କ୍ରୟ କେନ୍ଦ୍ରରେ ଚାଷୀ ପିକରଣ ସହ ମଣ୍ଡି ଚାଲୁ ରଖିବାକୁ ଅନୁମତି ନଦେବେ ଆଗାମୀ ଦିନରେ ହଜାର ହଜାର ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଏହି ମର୍ମରେ ଚାଷୀମାନଙ୍କ ପକ୍ଷରୁ ଏକ ଦାବି ପତ୍ର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପ୍ରଦାନ କରାଯାଇଛି ।

# ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

ରାୟଗଡ଼ା,୨୬। ୭(ନିପ୍ର); ରାୟଗଡ଼ା ସ୍ଥିତ ଲାୟନସ କ୍ଲବ ଠାରେ ମହାନ କ୍ରାନ୍ତିକାରି ଜନନାୟକ ବାଲ ଗଙ୍ଗାଧର ତିଳକ ଜନ୍ମ ତିଥି ଅବସରରେ ଭାରତୀୟ ମଜଦୂର ସଂଘର ୬୮ତମ ପ୍ରତିଷ୍ଠା ଦିବସ ମହାଆଡମ୍ବର ସହକାରେ ପାଳନ ହୋଇଛି । ପ୍ରଥମେ ଭଗବାନ ବିଶ୍ୱକର୍ମା , ଭାରତ ମାତା ଏବଂ ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠାତା ଦତ୍ତାପନ୍ତ ଠେଙ୍ଗଡୀ ଜିଙ୍କ ଫଟୋ ଚିତ୍ର ରେ ପୁଷ୍ପ ଦ୍ୱିପ ପ୍ରଜ୍ୱଳନ କରି ଶ୍ରମିକ ଭାଇ ଭଉଣୀ ମାନଙ୍କ ଦ୍ୱାରା ଶ୍ରମିକ ଗୀତ ଗାନ କରାଯାଇ ମୃତ୍ୟୁ ବରଣ କରିଥିବା ସମସ୍ତ ଶ୍ରମିକ ଭାଇ ଭଉଣୀମାନଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ଭାରତୀୟ ମଜଦୁର ସଂଘର ରାଜ୍ୟ ସଂପାଦକ ତଥା ଜିଲ୍ଲା ପ୍ରଭାରୀ ଯୋଗେଶ୍ୱର ଦାସ ଯୋଗ ଦେଇ ନିଜ ବକ୍ତବ୍ୟରେ ସ୍ୱାଧୀନତା ପ୍ରାପ୍ତି ପରେ ଶ୍ରମିକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭିନ୍ନ ଭିନ୍ନ ରାଜନୈତିକ ବିଚାର ଧାରା ରଖୁଥିବା ଅନେକ ଶ୍ରମିକ ସଂଘଠନ ସୃଷ୍ଟି ହୋଇଥିଲା । କିନ୍ତୁ ରାଜନୈତିକ ବିଚାରା ଧାରା ଠାରୁ ଦୂରେଇ ରହି ଶ୍ରମିକମାନଙ୍କ ହିତ ପାଇଁ ଭାରତୀୟ ବିଚାରକୁ ଦୃଷ୍ଟିରେ ରଖି ଏକ ଅଣ ରାଜନୈତିକ ଶ୍ରମିକ ସଂଗଠନ ଏବଂ ଭାରତୀୟ ବିଚାରରେ ଶ୍ରମିକ ମାନଙ୍କ ସମସ୍ତ ସମସ୍ୟାର ସମାଧାନ କରିବା ନେଇ ଦେଶ ଗଠନରେ ଆଗରେ ରହି ଶ୍ରମିକମାନଙ୍କ ସମସ୍ତ ସମସ୍ୟାକୁ ସମାଧାନ କରିବା ସହ ତାଙ୍କ ସହ ରହି ଆଜି ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଆସୁଛି ଭାରତୀୟ ମଜଦୁର ସଂଘ ବୋଲି ପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି ଭାବେ ସଂଘର ଉପଦେଷ୍ଟା କିଶୋର କୁମାର ସାହୁ ଯୋଗ ଦେଇ ସଂଘ କିପରି ଜିଲ୍ଲାର କୋଣ ଅନୁକୋଣରେ ସୁଦୃଢ ହୋଇପାରିବ ଏବଂ ସଂଘ ବିଚାର ରେ ସମସ୍ତେ ଦେଶ ଗଠନର ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଗକୁ ଆସି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର ସହ ଶୃଙ୍ଖଳା ଭାବେ ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ କାର୍ଯ୍ୟ କ୍ରମରେ ଭାରତୀୟ ମଜଦୂର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିଜ ୱାରକର୍ସ ଆସୋସିଏସନ୍, ଓଡିଶା ରାଜ୍ୟ ଆଶାକର୍ମୀ ସଂଘ , ଜେକେ ପେପର ମଜଦୂର ସଂଘ , ଉତ୍କଳ ଆଲୁମିନା ମଜଦୂର ସଂଘ , ରାୟଗଡ଼ା ଜିଲ୍ଲା ବ୍ୟବସାୟ ମଜଦୂର ସଂଘ , ସ୍ୱାବଲମ୍ବୀ କାରିଗର ସଂଘ , ବିଶ୍ୱକର୍ମା ମଜଦୁର ସଂଘ, କୃଷି ଗ୍ରାମିଣ ମଜଦୁର ସଂଘ , ଇମ୍ପା ଠିକା ମଜଦୁର ସଂଘ , ଇମ୍ପା ଶ୍ରମିକ ସଂଘ , ପାଚିକା ସଂଘ , ହୋଟେଲ କର୍ମଚାରୀ ସଂଘ , ରାୟଗଡ଼ା ଜିଲ୍ଲା ସଫେଇ ମଜଦୁର ସଂଘ ଏବଂ ୧୧ ଟି ବ୍ଲକର ସମସ୍ତ ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଭାରତୀୟ ମଜଦୂର ସଂଘର ଜିଲ୍ଲା ସଭାପତି ଶମହନ ରାଓ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ଶ୍ରୀମତୀ ଜୟନ୍ତୀ ପଦ୍ମାଳୟା ସାହୁ , ଦୁର୍ଗା ମାଧବ ଘୋଷ , କୋଷାଧ୍ୟକ୍ଷ ଶ୍ରୀମତୀ ଉଷାରାଣୀ ଦାସ , ସଂଘଠନ ସଂପାଦକ ଖଗେଶ୍ୱର ସିଂ , ଶ୍ରୀମତୀ ନେହା ସିଂ , ଧର୍ମ ସିଂ ନାଗ , ପରମା ନନ୍ଦ ପ୍ରଧାନ , ପ୍ରଶାନ୍ତ କୁମାର ପାତ୍ର ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପଞ୍ଜୀକୃତ ଶ୍ରମିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ କୋଭିଡ ସମୟରେ ନିଜ ପରିବାର କୁ ଛାଡି ଜନସାଧାରଣଙ୍କ ସେବାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମୀ , ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ , ଆଶା ସାଥୀ, ସ୍ୱେଚ୍ଛାସେବୀମାନଙ୍କୁ କରୋନା ଯୋଦ୍ଧା ଭାବେ ଭାରତୀୟ ମଜଦୁର ସଂଘ ପକ୍ଷରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

# ଅଧ୍ୟାପକଙ୍କୁ ରେଡକ୍ରସର ସର୍ବୋଚ୍ଚ ଜାତୀୟ ପୁରସ୍କାର

ବୌଦ୍ଧ,୨୬।୭ (ନିପ୍ର): ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ତଥା ଜିଲା ରେଡକ୍ରସର ସମ୍ପାଦକ ପ୍ରବୀର କୁମାର ଦାସ ୨୦୧୯-୨୦ ବର୍ଷରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଭାରତୀୟ ରେଡକ୍ରସ ପକ୍ଷରୁ ସର୍ବୋଚ୍ଚ ମେରିଟ ଆୱାର୍ଡ ପୁରସ୍କାର ପାଇଛନ୍ତି । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓଡିଶାର ରାଜ୍ୟପାଳ ଗଣେଶୀ ଲାଲ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭାରତର ୬ ଜଣଙ୍କ ମଧ୍ୟରୁ ଅଧ୍ୟାପକ ଶ୍ରୀ ଦାସ ମନୋନୀତ ହୋଇ ଏହି ସମ୍ମାନ ପାଇଛନ୍ତି । କରୋନା ମହାମାରୀ ସମୟରେ ଶ୍ରୀ ଦାସ ଲୋକମାନଙ୍କ ସେବା କାର୍ଯ୍ୟ ସହିତ



ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସେ ନିଜେ ୧୦୦ ରୁ ଉର୍ଦ୍ଧ୍ୱ ଥର ରକ୍ତଦାନ କରି ଅନେକ ଲୋକଙ୍କ ଜୀବନ ବଞ୍ଚେଇଛନ୍ତି। ରେଡକ୍ରସର ଆଜୀବନ ସଦସ୍ୟ ଭାବରେ ଏହି ଜାତୀୟ ପରୁସ୍କାର ପାଇଥିବାରୁ ଜିଲା ଏବଂ ରାଜ୍ୟର ସ୍ୱେଚ୍ଛାସେବୀ ମହଲରେ ଆନନ୍ଦ ପ୍ରକାଶ ପାଇବା ସହିତ ରାଜ୍ୟ ରେଡକ୍ରସ ର ସଚିବ ସି.ଟି.ଏମ ସୁଗୁଣା,ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଅନ୍ୟାନ୍ୟ ଅଧିକାରୀ ଏବଂ ବନ୍ଧୁବର୍ଗ ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଜମରାରେ ଅଙ୍ଗନବାଡି କେନ୍ଦ୍ର ତୁରନ୍ତ ସ୍ଥାପନ ଦାବି

କାକଟପୁର,୨୬।୭ (ନିପ୍ର)- ପିଲା ଗର୍ଭରୁ ୬ ବର୍ଷ ପର୍ଯ୍ୟନ୍ତ ମାତୃ ଓ ଶିଶୁମାନଙ୍କ ମାନସିକ, ଶାରୀରିକ ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ଯୋଜନା ସାରା ଦେଶରେ ୧୯୭୫ ମସିହାରୁ କାର୍ଯ୍ୟ କରୁଥିବା ବେଳେ ଏହି ଯୋଜନା ଅନୁଯାୟୀ ଗ୍ରାମାଞ୍ଚଳରେ ଅଙ୍ଗନବାଡି କେନ୍ଦ୍ର ମାନ ଖୋଲିବା ସହିତ ଗର୍ଭବତୀ, ମାତୃତ୍ୱ ଓ ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ ସ୍ୱାସ୍ଥ୍ୟ ନିରୀକ୍ଷା ପାଇଁ କର୍ମୀ ମାନେ ନିୟୋଜନ ହେଇଛନ୍ତି। ଫଳରେ ଗ୍ରାମାଞ୍ଚଳରେ ମାତୃ ଓ ଶିଶୁ ମାନଙ୍କ ସାମାଜିକ, ମାନସିକ ଓ ସ୍ୱାସ୍ଥ୍ୟଗତ ସୁରକ୍ଷା ହେବା ସହ ପୃଷ୍ଟିକର ଖାଦ୍ୟ ମାଗଣାରେ ରାଜ୍ୟ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଦୀର୍ଘ ବର୍ଷ ପରେ ବି ପୁରୀ ଜିଲ୍ଲା କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତ ଜମରା ଗ୍ରାମରେ ଏକ ଅଙ୍ଗନବାଡି କେନ୍ଦ୍ର ନଥିବାରୁ ମହିଳା ଓ ଶିଶୁମାନେ ଆବଶ୍ୟକ ସୁବିଧା ପାଇବାରୁ ବଞ୍ଚିତ, ୫୦୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ସହିତ ଏହା ଏକ ରାଜସ ଗ୍ରାମ ହୋଇଥିଲେ ମଧ ପ୍ରାୟ ଦୁଇ କିମି ଦୂର ଗୋଧନପଡ଼ା ଗ୍ରାମରେ ଥିବା ଅଙ୍ଗନବାଡି କେନ୍ଦ୍ର ଉପରେ ନିର୍ଭର କରନ୍ତି। କେନ୍ଦ୍ରର କର୍ମୀ ଆବଶ୍ୟକ ଦାୟୀତ୍ୱ ନେଉଥିଲେ ମଧ ଦୁଇ କିମି ଦୂର ହୋଇ ଥିବାରୁ କେନ୍ଦ୍ର ଚାଲୁ ହେବା ଠାରୁ ଆଜିଯାଏ ଏହି ଗ୍ରାମର ପିଲାମାନେ ଅଙ୍ଗନବାଡି କେନ୍ଦ୍ର କଣ ଜାଣି ନହାନ୍ତି କି ଦେଖି ନାହାଁନ୍ତି। ଫଳରେ ସେମାନଙ୍କ ସାମାଜିକ, ଶାରୀରିକ ଓ ମାନସିକ କ୍ଷେତ୍ରରେ ବିକାଶର ବାଧା ସୃଷ୍ଟି ହେଉଛି। ବହୁ ଦୂର ହାଇଥିବାରୁ ଅଭିଭାବକ ମାନେ ତାଙ୍କର ପିଲାଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ଛାଡିବାକୁ ଠିକ ଭାବୁନାହାନ୍ତି,ତେଣୁ ୫୦୦ ରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ରାଜସ୍ୱ ଗ୍ରାମ ଜମରା ପାଇଁ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦୀର୍ଘ ୧୦ବର୍ଷ ହେବ ଦାବି ହୋଇ ଆସୁଛି। ହେଲେ ନୂତନ କେନ୍ଦ୍ର ଆସୁନାହିଁ କହି ବ୍ଲକ୍ ଅଧିକାରୀମାନେ ଆଶ୍ୱାସନା ଦେଉଛନ୍ତି। ଏନେଇ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ବାରମ୍ବାର ଦୀର୍ଘ ଦିନ ଧରି ଅଭିଯୋଗ କରିଥିଲେ ମଧ କୌଣସ ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ଫଳରେ ଗ୍ରାମର ଶିଶୁ ମାନଙ୍କ ପ୍ରତି ଘୋର ଅନ୍ୟାୟ ହେଉଥିବା ନେଇ ଗାଁ ଲୋକେ ଅଭିଯୋଗ କରି ଆସୁଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ମାନଙ୍କୁ ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ ଜମରା ଗ୍ରାମରେ ନୂତନ ଅଙ୍ଗନବାଡି କେନ୍ଦ୍ର ଶୁଭାରମ୍ଭ ପାଇଁ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ, ସରପଞ୍ଚ ରୁପାଲି କାଣ୍ଡି, ୱାର୍ଡ ମେମ୍ବର ବିପିନ ପ୍ରଧାନ, ଗ୍ରାମ୍ୟ ସଭାପତି ଜଗବନ୍ଧୁ ବିଶ୍ୱାଳ, ବନ ସୁରକ୍ଷା ସମିତି ସଭାପତି ସୁଦର୍ଶନ ସେଠୀ, ନିରୂପମ ବିଶ୍ୱାଳ ପ୍ରମୁଖ ଦାବି ଜଣାଇଛନ୍ତି।

# ପାଗ ଅନୁକୂଳ. ଆଗେଇଛି କୃଷି କାର୍ଯ୍ୟ

ବାଲିପାଟଣା,୨୪।୭ (ନିପ୍ର): କ୍ରମାଗତ ଭାବେ ସପ୍ତାହରୁ ଉର୍ଦ୍ଧ୍ୱ ହେବ କୋହଲା ପାଗ ସାଂଗକୁ ମୁଷଳ ଧାରାରେ ଅବିଶ୍ରାନ୍ତ ନହେଲେ ମଧ ଦୈନିକ ମାଧ୍ୟମ ଧରଣର ବର୍ଷା ଚାଷୀ କୁଳ ପାଇଁ ଅନୁକୂଳ ହୋଇଛି। ରାଜଧାନୀ ଉପକଣ୍ଠ ବାଲିପାଟଣା ବାଲିଅନ୍ତା ଅଞ୍ଚଳରେ ଚାଷୀ ମାନେ ଏହି ଅନୁକୂଳ ପାଗରେ ନିଜ ଚାଷ କାର୍ଯ୍ୟକୁ ଆଗେଇ ନେଉଥିବା ଦେଖାଯାଉଛି। ଧାନ ଚାଷ ପାଇଁ ପୂର୍ବରୁ ତଳି ପକାଇଥିବା ଚାଷୀମାନେ ବିଲ ପ୍ରସ୍ତୁତ କରି ରୋଇବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଆଉ କେତେକ ତଳି ପକାଇ ଛନ୍ତି। ବୁଣା ଧାନ ବିଲରେ ମଧ ଲଙ୍ଗଳ ମାରିବା କାର୍ଯ୍ୟ କରୁଛି । ଆହୁରି କେତେକ ଚାଷୀ ବିଲ ଓରଦା କରି ବିଲ ରୋଇବା ପାଇଁ ବିଲ ପ୍ରସ୍ତୁତ କରୁଛି ।ଟ୍ରାକ୍ଟର ପାୱାର ଟିଲର୍ ସାହାଯ୍ୟରେ ଚାଷ



କରୁଥିବାରୁ ଏହାର ଚାହିଦା ସିଜିନ ଅନୁସାରେ ବୃଦ୍ଧି ପାଇଛି ।ଟ୍ରାକ୍ଟର ଘଣ୍ଟାପ୍ରତି ଚାଷ କରିବାକୁ ୧୨୦୦ ଟଙ୍କା ଥିବା ବେଳେ ପାୱାର ଟିଲର ରହିଛି। ବିଲ ରୋଇବା ପାଇଁ ମଜୁରୀ ୩୦୦ ଟଙ୍କା ଉପରେ। ତ ପୁଣି ସୁଲଭ ଉପଲବ୍ଧ ନୁହେଁ। ଚାଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯଦି ହିସାବ କରାଯାଏ ତାହାଲେ ଏହା ଯେ ବହୁଳ ହୋଇ ନିଜ ମଜୁରୀ ମିଳିବା ଅନେକ ସମୟରେ ସମ୍ଭବ ହୁଏ ନାହିଁବୋଲି ଚାଷୀ କହିଚନ୍ତି। ପନିପରିବା ଫସଲ ବେଶୀ ପ୍ରଭାବିତ ହୋଇ ନଥିବା ବେଳେ ଭକର ସାହି ତଥା ଜୟଦେବ ପଞ୍ଚାୟତ ତଥା ଅନ୍ୟ ପଞ୍ଚାୟତରେ କଖାରୁ ଜହ୍ନିପାଚଳ କାଙ୍କଣ କଲାରା ପ୍ରଭୃତି ବିଲରେ ପାଣି ଜମିରହିବା ଫଳରେ ଫସଲ ପ୍ରଭାବିତ ହେବାର ଆଶଙ୍କା କରିଛନ୍ତି ଚାଷୀ।

# କଳାହାଣ୍ଡିର ଦୁଇ ଦୁର୍ଗମ ବ୍ଲକରେ ବାଇକ ଆମ୍ବୁଲାନ୍ସ ସେବା ଆରମ୍ଭ

ଭବାନୀପାଟଣା, ୨୬/୭ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ଦୁଇ ଆଦିବାସୀ ବହୁଳ ବ୍ଲକ ଥୁ.ରାମପୁର ଓ ଲାଗିଡ ବ୍ଲକରେ ଥିବା ଦୁର୍ଗମ ଅଞ୍ଚଳ ସକାଶେ ଦୁଇଟି ଆମ୍ବିଲାନ୍ସ ବାଇକ୍‌କୁ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଭବାନୀପାଟଣା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଲୋକାର୍ପଣ କାର୍ଯ୍ୟକ୍ରମରେ କେନ୍ଦ୍ର ପରିଚାଳକଙ୍କ ସମେତ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଦୁର୍ଗମ ଅଞ୍ଚଳରେ ଥିବା ଶତାଧରକ ଗାଁକୁ ନିତିଦିନିଆ ରାସ୍ତା ନାହିଁ। ପାହାଡ, ଜଙ୍ଗଲ ଓ ନଦୀ ନାଳ ଘେରି ରହିଛି। ଉକ୍ତ ଗାଁଗୁଡିକର ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ବଡ ଆମ୍ବୁଲାନ୍ସ ପହଞ୍ଚି ପାରୁ ନଥିବା ବେଳେ ଏହାର ସମାଧାନ ସକାଶେ ବାଇକ୍ ଆମ୍ବୁଲାନ୍ସକୁ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଗାଁଗୁଡିକର ରୋଗୀଙ୍କ ଠିକ୍ ସମୟରେ ଡାକ୍ତରଖାନା ପହଞ୍ଚାଇ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବାଇକ୍ ଆମ୍ବୁଲାନ୍ସ ସହାୟକ ହେବ ବୋଲି ଜିଲ୍ଲାପାଳ ଆଶା ପ୍ରକଟ କରିଥିଲେ।

# ବ୍ଲକସ୍ତରୀୟ ସାମ୍ବାଦିକ ସମ୍ମିଳନୀ

ଭବାନୀପାଟଣା, ୨୬/୭ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିରିମିସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଓଡିଆ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ପ୍ରଥମ ବ୍ଲକସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈରାଗୀ ଚରଣ ନାଏକ ସଭାପତିତ୍ୱ କରିଥିଲେ। କଳାହାଣ୍ଡି ଜିଲ୍ଲା ଓଷ୍ଟା ସଂପାଦକ ପ୍ରଭାତ କୁମାର ରଥ, କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ରଥ, ସୟ ମିଶ୍ର, ବିଷ୍ଣୁ ଚରଣ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଥୁଆମୂଳ ରାମପୁର ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ବେହେରା ଯୋଗଦେଇଥିଲେ। ଓଷ୍ଟାର ଇତିହାସ ମହତ୍ତ୍ୱ ଓ କାର୍ଯ୍ୟଶୈଳୀ ଓ ସମ୍ବିଧାନ ଉପରେ ବିଶେଷ ଆଲୋଚନା କରାଯାଇଥିଲା ଏବଂ ଏହି ବ୍ଲକରେ ଥିବା ଶିକ୍ଷକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଓଷ୍ଟାର ବ୍ଲକ ସ୍ତରୀୟ ସଂଘ ଗଠନ କରାଯାଇଥିଲା।

# ଘାଇ ଦ୍ୱାରା ଫସଲ ନଷ୍ଟ ,ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି

କଣାସ,୨୬।୭ (ନିପ୍ର): ଦୁଇଦିନ ଧରି କଣାସ ଅଞ୍ଚଳରେ ୧୬୦ମିମି ବର୍ଷା ହେବା ଦ୍ୱାରା ମଳାଗୁଣୀ ନଦୀରେ ବନ୍ୟାଜଳ ଆସି ଦିବ୍ୟସିଂହପୁର ପଞ୍ଚାୟତର ତୋଟାପଡା ନିକଟରେ ଖାଇହେବା ଦ୍ୱାରା ଜମିରେ ବୁଣାଯାଇଥିବା ଧାନଗଜା ଅବସ୍ଥାରେ ଥିବାବେଳେ ବୁଡିଯିବାରୁ ଗଜାଗୁଡିକ ପଚି ନଷ୍ଟ ହୋଇଯିବାରୁ ଋଷୀମାନେ ଫସଲ କ୍ଷତିପୁରଣ ପାଇବାପାଇଁ ବିଡିଓ, ତହସିଲଦାର ଓ କୃଷି ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବିକରିବା ପରେ ତଦନ୍ତ ନହେବାରୁ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ଋଷୀମାନେ ସଜବାଜ ହେଉଥିବା ଜଣାପଡିଛି । ଘାଇ ଦ୍ୱାରା ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ବକୁ, ସାହୁପଡା, ବଡାଲ, ଦୋଛିଆଁ, କାଦୁଆ ପଞ୍ଚାୟତର ଧାନଜମି କ୍ଷତିଗ୍ରସ୍ତ ହୋଇଛି । ଦୁଇପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଲିଙ୍ଗରାଜ ପାଇକରାୟ, ଅଜୟ ପ୍ରଧାନ, କପିଳ ଗୁମାନସିଂହ, ଗଦାଧର ସୁବୁଦ୍ଧି, ନନ୍ଦ ଜୟସିଂହ, ତେଲାଙ୍ଗାପଡା ଗ୍ରାମର ଭାସ୍କର ବିଶ୍ୱାଳ, ମନୁ ପାତଳାସିଂହ, ହାରାଧନ ମଙ୍ଗରାଜ ପ୍ରମୁଖ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବାପାଇଁ ଚେତାବାଣୀ ଦେଇଥିବା ଜଣାପଡିଛି ।

# ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସେଞ୍ଚୁରିୟନ୍ ଛାତ୍ରଛାତ୍ରୀଙ୍କ ସଫଳତା

ପାରଳାଖେମୁଣ୍ଡି,୨୬।୭ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତସେଞ୍ଚୁରିୟନ୍ ପବ୍ଲିକ ସ୍କୁଲର ସଫଳତାରେ ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଛି । ସିବିଏସଇ ଦ୍ୱାରା ପ୍ରକାଶ ପାଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଈଶ୍ରିତା ମିଶ୍ର ୯୩.୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗୌତମ ଚରତି ୯୩.୨ ପ୍ରତିଶତ, ପୂର୍ଣ୍ଣିମା ପଟ୍ଟନାୟକ ୯୨.୪ ପ୍ରତିଶତ , ରୋଜାଲିନ ପଣ୍ଡା ୯୦.୮ ପ୍ରତିଶତ ଏବଂ ବିବେକ ପାତ୍ର ୯୦.୬ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ରାହୁଲ ଗୌଡ଼ ୯୮.୮ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତନିଶା ପାତ୍ର ୯୮.୨ ପ୍ରତିଶତ , ଆଶିଷ ପାଣିଗ୍ରାହୀ ୯୩.୪ ପ୍ରତିଶତ, ସାଇ ଶ୍ରୀନିବାସ ପଣ୍ଡା ୯୩ ପ୍ରତିଶତ ନମ୍ବର ରଖିଛନ୍ତି । ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୧୧୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକା ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।

# କୁକୁଡା ଓ ଛେଳି ଋଷ ଋଣ କରାଇବା ପାଇଁ ଦଲାଲଙ୍କ ବଟି ଆଦାୟ !

କଣାସ ,୨୬।୭ (ନିପ୍ର): ରାଜ୍ୟସରକାର କୃଷକମାନଙ୍କର ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି ଆର୍ଥିକ ସହାୟତା ଯୋଗାଉଥିବା ବେଳେ କିଷାନା କ୍ରେଡିଟ୍ ଯୋଜନାରେ ଋଷୀମାନଙ୍କୁ କୁକୁଡା, ବତକ, ଛେଳି, ଗାଈ ଯୋଗାଦେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କେତେକ ପଞ୍ଚାୟତରେ ଦଲାଲ ମାନେ ସହାୟତା ଯୋଗାଦେବା ପାଇଁ ୫୦୦ଶହ ଟଙ୍କା ବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ କଣାସ ମୁଖ୍ୟ ପଶୁଚିକିତ୍ସାଳୟ ଭି.ଏସ୍ ଡାକ୍ତର ବିଶ୍ୱରଂଜନ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ପ୍ରତି ଜେରକ୍ସ ଦୋକାନରେ ଉକ୍ତ ଯୋଜନାର ଫର୍ମ ବିକ୍ରି ହେଉଛି । ଫର୍ମଟି ପୂରଣ କରି ତାହା ସହିତ ଆଧାରକାର୍ଡ,ନିଜ ନାମରେ ଜମିପଟା, ବ୍ୟାଙ୍କ ପାସ୍ ବୁକ୍ ଜେରକ୍ସ ସହିତ ଫଟୋ ମାରି ନିଜ ଏରିଆର ଏଲ.ଆଇମାନଙ୍କୁ ଦେବେ । କୌଣସି ବ୍ୟକ୍ତିକୁ ସହାୟତା ପାଇଁ ଉତ୍କୋଚ ନ ଦେବାପାଇଁ ଡାକ୍ତର ଶ୍ରୀବେହେରା ସୂଚନା ଦେଇଛନ୍ତି ।

# ରାଉରକେଲା କଳାକାର ଆସୋସିଏସନର ପ୍ରଥମ ବାର୍ଷିକୋତ୍ସବ

ରାଉରକେଲା,୨୬।୭ (ନିପ୍ର); ସହରର ବିଭିନ୍ନ ସଂଗଠନର କଳାକାରଙ୍କୁ ନେଇ ନବଗଠିତ ରାଉରକେଲା କଳାକାର ଆସୋସିଏସନ ପ୍ରଥମ ବାର୍ଷିକୋତ୍ସବ ସ୍ଥାନୀୟ ସିଭିକ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶଙ୍କର ଜେନାଙ୍କ ଅଧ୍ୟକ୍ଷତା ଓ ସାଧାରଣ ସଂପାଦକ ଲୁଲୁ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆରଏସପି ର ମହାପ୍ରବନ୍ଧକ ବିଜୟ କୁମାର ରାଉତ ଓ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାଶ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ବକ୍ତବ୍ୟରେ କହିଥିଲେ ଯେ ସଂପ୍ରତି ରାଉରକେଲାରେ ଯେତେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ତାହା ରାଜଧାନୀ ଠାରୁ କୌଣସି ଗୁଣରେ କମ୍ ନୁହେଁ। ଏହି ନବଗଠିତ କଳାକାର ଆସୋସିଏସନ ନୂତନ ତଥା ପୁରାତନ ପ୍ରତିଭାକୁ ସୁଯୋଗ ଦେଇ ସେମାନଙ୍କ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରି ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇପାରିଛି। କଳା ଓ ସଂସ୍କୃତି ଆମ ଜୀବନ ଶୈଳୀ ସହ ଅଙ୍ଗାଅଙ୍ଗୀ ଭାବେ ଜଡିତ। ତେଣୁ ଏହାକୁ ଅଧିକ ଶ୍ରୀବୃଦ୍ଧିମନ୍ତ କରିବା ସହ ଆଗାମୀ ଦିନରେ ଏହି ସଂଘ ଏକ ସ୍ୱତନ୍ତ୍ର ପରିଚୟ ଲାଭ କରିବ ବୋଲି ମତ ରଖିଥିଲେ। ଏହି ଅବସରରେ ଅତିଥି ମାନେ ସଂଗୀତ ଗୁରୁ ସୁକଦେବ ଜେନା,ସଂଗୀତ ଗୁରୁ ଆଶାଲତା ଷଡଙ୍ଗୀ ଓ ବାଦ୍ୟ ଗୁରୁ ଗୋଲକ ବିହାରୀ ରାଉତଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ, ମେମୋଣ୍ଟୋ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକାରୀ ସଭାପତି ସ୍ମିତା ମିଶ୍ର ମାନପତ୍ର ପାଠ କରିଥିଲେ। ମଞ୍ଚ ସଂଯୋଜନା ରେ ମମତାଞ୍ଜଳୀ ଦାସ, ମାନସୀ ଦେ, ଶୁଭଶ୍ରୀ ସାହୁ,ଯଶୋବନ୍ତ ମହାନ୍ତି ଓ ବାଦ୍ୟ ସଂଯୋଜନାରେ ଗୁରୁ ମନୋଜ କୁମାର ନାୟକ ଓ ଗୁରୁ ସରୋଜ କୁମାର ପଣ୍ଡା ତଥା କାର୍ଯ୍ୟକ୍ରମ ପରିଚାଳନା ରେ ସର୍ବଶ୍ରୀ ଜୟନ୍ତ ମଲ୍ଲିକ୍,ସୁକାନ୍ତ କୁମାର ବାରିକ,ପିଙ୍କି ପ୍ରିୟଦର୍ଶନୀ,ସୁଶାନ୍ତ ଗିରି,ମୁରଲୀ ଗାସାଇଁ,ମୀନାକ୍ଷୀ ପଲେଇ,ଲିଲିରାଣୀ ପଣ୍ଡା,ଆଶା ବାଲାନ,ମନାଜ ସେଠୀ,ବିଭୁଦତ୍ତ ପ୍ରମୁଖ ସହଯୋଗ କରିଥିଲେ ।

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୬।୭ (ନିପ୍ର): ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସଂପର୍କ ଏକ ମାମଲାକୁ ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣା ବିଚାର କରି ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ ବୌଦ୍ଧ ଥାନାର ଖମାରୀପଡାର ଗ୍ରାମର ଅଭିଯୁକ୍ତ ଶ୍ରୀକାନ୍ତ ପ୍ରଧାନ ତାର ଭିଣୋଇ ଗୋଠସାହି(ସରସରା) ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଘରକୁ ଆସି ମାସ ମାସ ରହିଆସୁଥିଲା। ଅଭିଯୁକ୍ତ ଜଣକ ଭିଣୋଇ ଘର ପଡୋଶୀ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଜୋର ଜବରଦସ୍ତ ଶାରୀରିକ ସଂପର୍କ ରଖିଆସୁଥିଲା। ଯୁବତୀ ଜଣକ ଗର୍ଭବତୀ ହେବାପରେ ଅଭିଯୁକ୍ତକୁ ଜଣାଇବା ପରେ ସେ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଥିଲା । ଅଭିଯୁକ୍ତ ଶ୍ରୀକାନ୍ତ ଗର୍ଭ ନଷ୍ଟ କରିବାକୁ କହିବାପରେ ଯୁବତୀ ଜଣକ ମନାକରିବାରୁ ତାକୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକିଥିବା ନେଇ ଯୁବତୀ ଜଣକ ଗତ ୧୪.୮.୨୦୧୭ରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲା । ଅଭିଯୋଗ ପରେ ବୌଦ୍ଧ ଥାନା ପକ୍ଷରୁ ଥାନା କେସ ନଂ ୧୮୪/୧୭ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତଆରମ୍ଭ କରିଥିଲା। ପରେ ମାମଲାଟି ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ଏସଟି ୬୫/୨୦୧୮ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଦୌରାଜଜ ଆନନ୍ଦ ନାରାୟଣ ମହାରଣା ପ୍ରମାଣ ଅଭାବରୁ ଅଭିଯୁକ୍ତ ଶ୍ରୀକାନ୍ତ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ।

# ଗୋଠଛଡ଼ା ଦନ୍ତାହାତୀ ଆତଙ୍କ

ନିରାକାରପୁର, ୨୬/୭ (ନିପ୍ର): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ରେଞ୍ଜ ନିରାକାରପୁର ଓ ଜଂକିଆ ଅଞ୍ଚଳରେ ଦିନକୁଦିନ ହେବ ଦନ୍ତାହାତୀ ଉପଦ୍ରବ ଦେଖିବାକୁ ମିଳିଛି। କେତେବେଳେ ହାତୀ ଆକ୍ରମଣରେ ଧନଜୀବନ ନଷ୍ଟ ହେଉଛି ତ କେତେବେଳେ ହାତୀର ଜୀବନ ଯାଉଛି।ଖାଦ୍ୟ ଲୋଭରେ ଜଂଗଲ ଛାଡି ଦନ୍ତାହାତୀ ଜନବସତି ଆଡକୁ ମାଡି ଆସି ବାଗିଚାରେ ଫସଲ କ୍ଷତି କରିବା ସହିତ ଘର ଦ୍ୱାର ଭାଙ୍ଗୁଛନ୍ତି।ଗତକାଲି ରାତିରେ ନିରାକାରପୁର କଲେଜ ଛକ ନିକଟରେ ଘର କରି ରହିଥିବା କେତେକ ଲୋକଙ୍କ ବାଡିବଗିଚାରେ ପଶି ଗଛପତ୍ର ଖାଇ ଘର ଭାଙ୍ଗିଛି ଦନ୍ତାହାତୀ। ରାତିଅଧରେ ଘରେ ଲୋକେ ଶୋଇଥିବା ବେଳେ ଦନ୍ତା କରିଛି ଉପଦ୍ରବ। ଦନ୍ତାହାତୀ ଲଗାତର ଭାବରେ ନିରାକାରପୁର, କମାଗୁର,ଅରିସଲ,ଜଂକିଆ,



ଗୋଲବାଇ, ଗାଡିପଡା, କାୟା ଜଂଗଲରେ ଘୁରିବୁଲି କରୁଛି ଉପଦ୍ରବ।

## ସଂପାଦକୀୟ

# ଆଚରଣବିଧି ଉଲ୍ଲଂଘନକାରୀଙ୍କୁ ଦଣ୍ଡ ମିଳୁ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସାରା ରାଜ୍ୟରେ ରାଜନୈତିକ ମାହୋଲ ସରଗରମ ହୋଇ ଉଠିଛି । ଇତିମଧ୍ୟରେ ଏହି ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ସହ ପ୍ରଚାର କାର୍ଯ୍ୟ ଜୋର ଧରିଛି । ପ୍ରାର୍ଥୀମାନେ ମଧ୍ୟ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଲାଗି ପଡ଼ିଛନ୍ତି । କରୋନା ସଂକ୍ରମଣ ପାଇଁ ପ୍ରଚାର ସମୟରେ ଗହଳି ନ କରିବାକୁ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିବାରୁ ସୀମିତ ସଂଖ୍ୟକ ସମର୍ଥକଙ୍କୁ ନେଇ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କାର୍ଯ୍ୟରେ ମାତିଛନ୍ତି । ତେବେ ପ୍ରଚାର ସମୟରେ ବହୁ ସ୍ଥାନରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେଉଥିବା ନେଇ ଅନେକ ଅଭିଯୋଗ କମିଶନଙ୍କ ନିକଟରେ ପହଞ୍ଚୁଥିବାର ଦେଖିବାକୁ ମିଳୁଛି । ଯଦିଓ ଅଭିଯୋଗଗୁଡ଼ିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତେବେ ଏହା ଥମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି । କେଉଁଠି ବିଜେଡି ପ୍ରାର୍ଥୀ ଶତାଧିକ ଲୋକଙ୍କୁ ନେଇ ସଭା, ସମିତି ଓ ସମାବେଶ କଲେଣି ତ ଆଉ କେଉଁଠି ବିଜେପି ପ୍ରାର୍ଥୀ କଟକଣା ଭାଙ୍ଗିରାଲି କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ଅନୁରୂପ ଭାବେ କଂଗ୍ରେସ ପ୍ରାର୍ଥୀମାନେ ଆଚରଣବିଧି ଉଲ୍ଲଂଘନ କରିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ସରକାରୀ ବାବୁମାନେ ମଧ୍ୟ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀମାନଙ୍କୁ ସମର୍ଥନ ଜଣାଇ ଆଚରଣ ବିଧି ଭାଙ୍ଗୁଥିବା ଅଭିଯୋଗ ଜୋର ଧରିଛି । ନିକଟରେ ମହାକାଳପଡ଼ାର ଏକ କଲେଜରେ ଶତାଧିକ ଲୋକଙ୍କୁ ନେଇ ସଭା କରାଯିବା ଅଭିଯୋଗ ଉଠିବା ପରେ ନିର୍ବାଚନ କମିଶନ ସଂପୃକ୍ତ କଲେଜ ଅଧ୍ୟକ୍ଷ ଓ ସ୍ଥାନୀୟ ଏସଡିପିଓଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି । ସେହିପରି ଚାନ୍ଦବାଲିର ଏକ ପଞ୍ଚାୟତ କାର୍ଯ୍ୟାଳୟରେ ଦଳୀୟ ସମାବେଶ ଅନୁଷ୍ଠିତ ହେବା ଘଟଣାକୁ କମିଶନ ଗମ୍ଭୀରତାର ସହକାରେ ନେଇ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଏହି ଦୁଇଟି ଘଟଣା ନୁହେଁ, ସାରା ରାଜ୍ୟରେ ଆଦର୍ଶ ଆଚରଣବିଧିର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ବାରମ୍ବାର ହୋଇ ଆସୁଛି । ତେବେ ସବୁ ଅଭିଯୋଗ କମିଶନଙ୍କ ନିକଟରେ ପହଞ୍ଚି ପାରୁନଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ପ୍ରଶ୍ନ ଉଠୁଛି, ଯଦି ସରକାରୀ ବାବୁମାନେ ନିଜେ ନିୟମ ଉଲ୍ଲଂଘନ କରିବେ ତେବେ ସାଧାରଣ ଲୋକେ ଭୁଲ କଲେ କ୍ଷତି କଣ ବୋଲି କୁହାଯାଉଛି । ନିର୍ବାଚନ ସମୟରେ ସରକାରୀ ବାବୁମାନେ ହେଉଛନ୍ତି ଆଇନର ରକ୍ଷକ । ସେମାନେ ସରକାରୀ କଟକଣା ନେଇ ଲୋକମାନଙ୍କୁ ଅବଗତ କରାଇବା କଥା । କିନ୍ତୁ ସେମାନେ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇ ଆଚରଣବିଧି ଉଲ୍ଲଂଘନ କରିବା ସହ ଏ ନେଇ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରୁନାହାନ୍ତି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ସାରା ରାଜ୍ୟରେ ନିର୍ବାଚନୀ ହିଂସା ମଧ୍ୟ ଜୋର ଧରିଛି । ଏଥିପ୍ରତି କଡ଼ା ନଜର ରଖିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ବାଚନ କମିଶନ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଗକୁ ଆଚରରବିଧି ଉଲ୍ଲଂଘନ ଓ ନିର୍ବାଚନୀ ହିଂସା ଅଧିକ ପରିମାଣର ହେବା ନେଇ ଆଶଙ୍କା ଥିବାରୁ ଏବେଠାରୁ ପଦକ୍ଷେପ ନେବାର ଜରୁରି ଆବଶ୍ୟକତା ରହିଛି । ଯଦିଓ ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି, ତଥାପି ଆଚରଣବିଧି ନିୟମର ଖୋଲାଖୋଲି ଉଲ୍ଲଂଘନ ସଂକ୍ରମଣ ବୃଦ୍ଧିରେ ଯେ ସହାୟକ ନ ହେବ ତାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ । ତେଣୁ ଶାସକ ହୁଅନ୍ତୁ ବା ବିରୋଧୀ ଯେଉଁମାନେ ନିୟମ ଭଙ୍ଗ କରିବେ ସେମାନଙ୍କ ବିରୋଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି । କାରଣ କରୋନାକୁ ନେଇ ରାଜ୍ୟବାସୀ ସଂପ୍ରତି ଘୋର ଦୁର୍ଦ୍ଦିନ ଭିତରେ ଗତି କରୁଛନ୍ତି । ଏ କ୍ଷେତ୍ରରେ କୌଣସି ଅବହେଳା ବା ନିୟମ ଭାଙ୍ଗିବା ନିଶ୍ଚିତ ଭାବେ ଅକ୍ଷମଣୀୟ ଅପରାଧ । ଆମେ ସମସ୍ତେ ସତର୍କ ଓ ସଚେତନ ହୋଇ ଆଦର୍ଶ ଆଚରଣବିଧି ଓ କରୋନା କଟକଣାକୁ କଡ଼ାକଡ଼ି ପାଳନ କରିବାର ଜରୁରି ଆବଶ୍ୟକତା ରହିଛି । ଏଥିନେଇ କୌଣସି ପ୍ରକାର ସାଲିସ ଗ୍ରହଣୀୟ ନୁହେଁ ବୋଲି କୁହାଯାଇପାରେ ।

# ଚାଷ ଓ ଚାଷୀର ଆୟ

**ବୈଷ୍ଣବ ମେହେର**

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା କ୍ରିୟାନ୍ୱୟ ମଂତ୍ରାଳୟର ରିପୋର୍ଟ ଅନୁଯାୟୀ ଓଡ଼ିଶାର ଚାଷୀ ପରିବାରର ମାସିକ ହାରାହାରି ଆୟ ମାତ୍ର ୫୧୧୨ ଟଙ୍କା ରହିଛି । ସେ ମଧ୍ୟରୁ ଫସଲରୁ ୧୫୫୯ ଟଙ୍କା, ମଜୁରୀରୁ ୨୬୪୯ ଟଙ୍କା, ଭାଗଚାଷରୁ ମାତ୍ର ୨୯ ଟଙ୍କା, ପଶୁ ସମ୍ପଦରୁ ୪୧୬ ଟଙ୍କା ଏବଂ ଅଣକୃଷି କାର୍ଯ୍ୟରୁ ୪୪୯ ଟଙ୍କା ଚାଷୀ ଆୟ କରିପାରେ । ଅପରପକ୍ଷେ ରାଜ୍ୟର ୬୧.୨ ପ୍ରତିଶତ ଚାଷୀ ଋଣଗ୍ରସ୍ତ ଏବଂ ଚାଷୀଙ୍କ ମୁଣ୍ଡ ପିଛା ଋଣଭାର ୩୨,୭୨୧ ଥିବା କୁହାଯାଇଛି । ପୁନଶ୍ଚ ଓଡ଼ିଶାର ଚାଷୀମାନେ ଚାଷ କାର୍ଯ୍ୟରେ ମାସକୁ ହାରାହାରି ୧୫୮୭ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଆସାମ ରାଜ୍ୟର ଚାଷୀ ମାସକୁ ୧୨୦୦ ଟଙ୍କା ଖର୍ଚ୍ଚ କରି ଓଡ଼ିଶା ଚାଷୀଙ୍କ ଠାରୁ ଦୁଇ ଗୁଣା ଅଧିକ ଆୟ ପାଇଥାନ୍ତି ।

ଓଡ଼ିଶା କେବଳ କୃଷି ପ୍ରଧାନ ରାଜ୍ୟ ନୁହଁ ବରଂ ଏହା ଗ୍ରାମୀଣ କୃଷି ଅର୍ଥନୀତି ଭିତ୍ତିକ ରାଜ୍ୟ ମଧ୍ୟ । ରାଜ୍ୟର ମୋଟ ୪ କୋଟି ୭୬ ଲକ୍ଷ ଜନସଂଖ୍ୟା ମଧ୍ୟରୁ ୩ କୋଟି ୨୮ ଲକ୍ଷ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି । ଧାନ ହେଉଛି ଏଠିକାର ମୁଖ୍ୟ ଚାଷ । ସମାନ ଖର୍ଚ୍ଚ ଓ ସମାନ ପରିଶ୍ରମ ରେ ଉପାର୍ଜିତ ଧାନର ସର୍ବନିମ୍ନ ମୂଲ୍ୟ କ୍ୟୁଣ୍ଟାଲ ପିଛା ପଡ଼ୋଶୀ ରାଜ୍ୟରେ ୨୫୦୦ ଟଙ୍କା ହୋଇଥିବା ବେଳେ ଆମ ରାଜ୍ୟରେ ଏହା ୧୯୪୦ ଟଙ୍କା ଧାର୍ଯ୍ୟ ହୋଇଛି । କିନ୍ତୁ ପରିତାପର ବିଷୟ ଯେ, ଏହି ସର୍ବନିମ୍ନ ରାଶି ପାଇବା ମଧ୍ୟ ଆମ ଚାଷୀଙ୍କ କପାଳ ରେ ଜୁଟୁ ନାହିଁ । ଧାନର ସର୍ବନିମ୍ନ ଦର ୧୯୪୦ ଟଙ୍କାକୁ କରିଦେଲେ ଚାଷୀଙ୍କ ଭାଗ୍ୟ ବଦଳିଯିବ ବୋଲି ଭାବିବା ପୂର୍ବରୁ, ଗୋଟିଏ ଏକର ଜମିରେ ଧାନଚାଷର ପ୍ରକୃତ ଖର୍ଚ୍ଚ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ । ପ୍ରଥମେ ବିଶୋଧିତ ବିହନ ବାବଦକୁ ଏକର ପିଛା ୬୦୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ପହ୍ଲ ପକାଇବା ପାଇଁ ଜମି ପ୍ରସ୍ତୁତି ଓ ସାର ପ୍ରୟୋଗ ବାବଦକୁ ୧୦୦୦ ଟଙ୍କା ଲାଗିଯାଏ । ଏହା ପରେ ପାଗ ଦେଖି ପହ୍ଲ ରୁଆ ପାଇଁ ଜମି ମରାମତି ଓ ପ୍ରସ୍ତୁତିରେ ହଳ, ଲଙ୍ଗଳ, ଶ୍ରମିକ ଆଦି ବାବଦକୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଯାଏ । ଧାନପହ୍ଲକୁ ୧୫ ରୁ ୨୦ ଦିନ ହୋଇଗଲା ପରେ ଭଲ ପାଗ ଦେଖି ତଳି ଓପାଡ଼ି ଭଲ ଭାବରେ ଧୋଇବା ପାଇଁ ଶ୍ରମିକ ବାବଦକୁ ୧୦୦୦ ଟଙ୍କା ଏବଂ ଜମିରେ ପହ୍ଲ ରୁଆ ପାଇଁ ପ୍ରାୟ ୨୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ରୁଆ ସମୟରେ ପ୍ରଥମ ପର୍ଯ୍ୟାୟରେ ଏକରକୁ ଏକ ବସ୍ତା ଡିଏପି ସାର ବାବଦକୁ ୧୩୦୦ ଟଙ୍କା ଏବଂ ପଟାସ ସାର ୨୦୦ ଟଙ୍କା ଓ ଜିଙ୍କ ବାବଦକୁ ୩୦୦ ଟଙ୍କା ଖର୍ଚ୍ଚ ହୁଏ । ଏହାର ୨୫ରୁ ୩୦ ଦିନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୦ କି.ଗ୍ରା. ଯବକ୍ଷାରଜାନ ଏବଂ ପ୍ରାୟ ୧୦ କି.ଗ୍ରା. ପଟାସ ସାର ର ବ୍ୟବହାର କରାଯାଏ, ଯାହାର ମୂଲ୍ୟ ୬୦୦ ଟଙ୍କା ହୋଇଥାଏ । ଏହାର ୨୦ ରୁ ୨୫ ଦିନ ପରେ ଜମିରୁ ଅନାବନା ଘାସ ବାଛିବାକୁ ପଡ଼େ ଏବଂ ଏ ବାବଦକୁ ୨୦୦୦ ଟଙ୍କା ର ଶ୍ରମିକ ଖର୍ଚ୍ଚ ପଡ଼ିଥାଏ । ଏହି ସମୟରେ ତୃତୀୟ ପର୍ଯ୍ୟାୟରେ ଏକର ପ୍ରତି ୧୪ କି.ଗ୍ରା. ପଟାସ ଓ ୧୨ କି.ଗ୍ରା. ଯବକ୍ଷାରଜାନ ସାର ବାବଦକୁ ପୁଣି ୫୦୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏଥିସହ ବିଭିନ୍ନ ପର୍ଯ୍ୟାୟରେ ସାର ପ୍ରୟୋଗ ପାଇଁ ଶ୍ରମିକ ଖର୍ଚ୍ଚ ପ୍ରାୟ ୬୦୦ ଟଙ୍କା ଲାଗିଥାଏ । ଧାନ ପାଚିଲା ପରେ ଧାନ କଟା ବାବଦକୁ ୩୦୦୦ ଟଙ୍କା ଏବଂ ଧାନକୁ ଖଳାକୁ ନେଇ ଶୁଖାଇ ଅଘି(ମଇଳା) ସଫା କରିବା ଓ ଧାନକୁ ବସ୍ତାରେ ଭରିବା ପାଇଁ ୧୫୦୦ ଟଙ୍କା ଲାଗିଯାଏ । ସେହିପରି ଧାନ ରଖିବାର ଅଖା ପାଇଁ ୨୦୦୦ ଟଙ୍କା ପଡ଼ିଥାଏ । ଏହା ପରେ ଧାନକୁ ଘରକୁ ଆଣିବା ଓ ମଣ୍ଡି ଖୋଲିବା ପରେ ଧାନ ବିକ୍ରି ପାଇଁ ମଣ୍ଡିକୁ ନେବାରେ ଶ୍ରମିକ ଏବଂ ଗାଡ଼ି ବାବଦକୁ ପ୍ରାୟ ୧୫୦୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ । ଏଥିସହ ପ୍ରତି ଚାରି ବର୍ଷରେ ଥରେ ଦଶ ହଜାର ଟଙ୍କାର ଦେଶୀ କମ୍ପୋଷ୍ଟ ଖତ ଦେବାକୁ ପଡୁ ଥିବାରୁ, ଗୋଟିଏ ବର୍ଷ ପାଇଁ ୨୫୦୦ ଟଙ୍କା ଖର୍ଚ୍ଚ ହୁଏ । ଯଦି ଫସଲରେ ରୋଗପୋକ ଲାଗେ ତେବେ ତାର ଔଷଧ ବାବଦକୁ ୫୦୦ ଟଙ୍କା ପଡ଼ିଥାଏ । ସେହିଭଳି ମଝିରେ ପାଣିର ଅଭାବ ହେଲେ ଜମିରେ ପାଣି ମଡ଼ାଇବା ରେ ଏକର ପିଛା ପ୍ରାୟ ୧୦୦୦ ଟଙ୍କା ଖର୍ଚ୍ଚ ହୋଇଯାଏ । ଏହି ସବୁ ଖର୍ଚ୍ଚ କୁ ହିସାବ କଲେ ଗୋଟିଏ ଏକର ଜମିରେ ଚାଷ ପାଇଁ ମୋଟ ୨୪୬୦୦ ଟଙ୍କା ଖର୍ଚ୍ଚ ହୋଇଥାଏ ।

ଓଡ଼ିଶା ସରକାରଙ୍କ ଏକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ରାଜ୍ୟର ମୋଟ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ରହିଛନ୍ତି । ଅମଳ ହୋଇଥିବା ଧାନରୁ ପରିବାରର ଖାଇବା ପାଇଁ ରଖିଲା ପରେ ବଳକା ଧାନ ବିକ୍ରି କରାଯାଏ । ଏପରି ସ୍ଥଳେ ଛଅ ମାସରୁ ଅଧିକ ସମୟ କଠିନ ପରିଶ୍ରମ କରି ଜଣେ ଚାଷୀ ଯଦି ଏତିକି ମାତ୍ର ଲାଭ ପାଏ ତେବେ ସାରା ବର୍ଷ ଚାଷୀର ପରିବାର କିଭଳି ଚଳିବ ତାହା ସହଜେ ଅନୁମେୟ । ଏହା ତ ସରକାରୀ ମଣ୍ଡିରେ ଫସଲ ବିକ୍ରିର ହିସାବ କରାଯାଇଛି, ରାଜ୍ୟରେ ଏଭଳି ଅନେକ ଚାଷୀ ଅଛନ୍ତି ଯେଉଁମାନେ ମଣ୍ଡି ବ୍ୟବସ୍ଥାର ଜଟିଳତା ଭିତରକୁ ପଶି ନପାରି ବାଧ୍ୟ ହୋଇ କମ୍ ଦାମରେ ନିଜ ଫସଲକୁ ମହାଜନ ପାଖରେ ବିକ୍ରି କରିଦିଅନ୍ତି । ପୁନଶ୍ଚ ପ୍ରତିବର୍ଷ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଯୋଗୁଁ ଫସଲହାନୀ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ତେଣୁ ବିପର୍ଯ୍ୟୟ ପ୍ରଭାବିତ ଚାଷୀଙ୍କ ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ । ସୁତରାଂ ଚାଷ ଓ ଚାଷୀଙ୍କ ନିକଟକୁ ପ୍ରର୍ଯ୍ୟାପ୍ତ ପ୍ରୋତ୍ସାହନ ପହଂଚା ନଯାଇ ଓଡ଼ିଶା ଭଳି କୃଷିଭିତ୍ତିକ ରାଜ୍ୟର ବିକାଶର ସ୍ୱପ୍ନ ଦେଖିବା ଆଦୌ ସମୀଚୀନ ହେବ ନାହିଁ, ଏହା ନିସନ୍ଦେହ ।

# ଭାରତର ମଧ୍ୟଏସିଆ ଅଭିଯାନ

**ସୌମେନ୍ଦ୍ର ଜେନା**

ଡିସେମ୍ବର ୧୮-୧୯ (୨୦୨୧) ଦୁଇଦିନ ଧରି ନୂଆଦିଲ୍ଲୀଠାରେ ଭାରତ -କେନ୍ଦ୍ର ଏସିଆ ଶିଖର ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ର ଏସିଆର ପାଞ୍ଚୋଟି ଦେଶ କାଜାଖସ୍ଥାନ, କିର୍ଗିଜସ୍ଥାନ, ତାଜିକିସ୍ଥାନ, ଉଜ୍‌ବେକିସ୍ଥାନ ଓ ତୁର୍କମେନିସ୍ଥାନର ବୈଦେଶିକ ମନ୍ତ୍ରୀଗଣ ଯୋଗ ଦେଇଥିଲେ । ସମାନ ସମୟରେ ପାକିସ୍ଥାନର ଇସଲାମାବାଦରେ ଆୟୋଜିତ ହୋଇଥିବା ଇସଲାମିକ ରାଷ୍ଟ୍ର ଗୋଷ୍ଠୀର ବୈଠକରେ ଯୋଗ ନ ଦେଇ ଏହି ମନ୍ତ୍ରୀଗଣ ନୂଆଦିଲ୍ଲୀର ବୈଠକକୁ ଅଧିକ ଗୁରୁତ୍ୱ ଦେଇଥିଲେ । ଏହି ଆଲୋଚନାରେ ଭାରତ-କେନ୍ଦ୍ର ଏସିଆର ବାଣିଜ୍ୟିକ ବୃଦ୍ଧି ପାଇଁ ଚାବହର ବନ୍ଦରକୁ ସମସ୍ତେ ବ୍ୟବହାର କରିବା, ମାଲ ପରିବହନ ପାଇଁ ନୂଆ ସଡକମାର୍ଗ ଖୋଲିବା, ସନ୍ତ୍ରାସବାଦ ଓ ନିଶା କାରବାର ବିରୋଧରେ ଲଢ଼ିବା, ଆଫଗାନିସ୍ଥାନର ମହିଳା, ଶିଶୁ ଏବଂ ସଂଖ୍ୟାଲଘୁ ବର୍ଗଙ୍କ ସୁରକ୍ଷା ସହ ମାନବିକ ସହାୟତା ଯୋଗାଇ ଦେବା ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଉଜ୍‌ବେକ୍ ବିଦେଶମନ୍ତ୍ରୀ ଅବଦୁଲାଜିଜ୍ କାମିଲୋଭ ସ୍ୱାଗତ ଭାଷଣ ଦେଇ ଆଫଗାନିସ୍ଥାନର ସମସ୍ୟା ବିଷୟରେ ଉଲ୍ଲେଖ କରିଥିଲେ । ତୁର୍କମେନ ବିଦେଶ ମନ୍ତ୍ରୀ ରସିଦ ମେରେଡୋଭ ବୈଠକର ସଫଳତା ନେଇ ଆଶାବ୍ୟକ୍ତ କରିଥିଲେ । ଜାତିସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ୨୫୯୩ ଅନୁଯାୟୀ ଆଫଗାନ ପରିସୀମା ଯେପରି ସନ୍ତ୍ରାସବାଦକୁ ଆଶ୍ରୟ, ଯୋଜନା ଓ ଅର୍ଥ ଯୋଗାଣ ନକରେ ସେଥିପ୍ରତି ଦୃଷ୍ଟିରଖି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମତ ବ୍ୟକ୍ତ କରିଥିଲେ । ସେହିପରି ମୌଳବାଦ ବିଚାରକୁ ବନ୍ଦ କରିବା, ସାଇବର ସୁରକ୍ଷା ସହ ମିଥ୍ୟା ପ୍ରଚାର ଯୋଗେ ହିଂସାକାଣ୍ଡକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଦରକାର ବୋଲି ମିଳିତ ଘୋଷଣାପତ୍ରରେ ପ୍ରକାଶ ପାଇଥିଲା । ଉତ୍ତର -ଦକ୍ଷିଣ ପରିବହନ ସଡକ ସହ ଚାବହର ବନ୍ଦରକୁ ଯୋଡି ଦକ୍ଷିଣ ଏସିଆ ସହ କେନ୍ଦ୍ର ଏସିଆର ବାଣିଜ୍ୟକୁ ବୃଦ୍ଧି କରିବା ନେଇ ପ୍ରସ୍ତାବକୁ ସମସ୍ତେ ସ୍ୱାଗତ କରିଥିଲେ । କୋରୋନା ପର ଚିକିତ୍ସା, ସମସ୍ତଙ୍କ ଟିକାକରଣ, ଟିକାଯୋଗାଣରେ ସହଯୋଗ, ସ୍ଥାନୀୟ ସ୍ତରରେ ଟିକା ଉତ୍ପାଦନ, ବୈଷୟିକ ଜ୍ଞାନ ହସ୍ତାନ୍ତରଣ, ଚିକିତ୍ସା ଉପକରଣର ଯୋଗାଣକୁ ପ୍ରୋତ୍ସାହନ,ଟିକାର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ନେଇ କାର୍ଯ୍ୟ କରାଯିବା ଉପରେ ଜୋର ଦେଇଥିଲେ । ଭାରତ-କେନ୍ଦ୍ର-ଏସିଆ ପର୍ଯ୍ୟଟନ ବୃଦ୍ଧି ଓ ବାଣିଜ୍ୟିକ ସହଯୋଗ ପାଇଁ ସବୁଦେଶ ସମର୍ଥନ କରିଥିଲେ । ଭାରତର କୋରୋନା ପ୍ରମାଣପତ୍ର ସ୍ୱୀକୃତିକୁ ପୂର୍ବରୁ କାଜାଖସ୍ଥାନ ଏଂବ କିର୍ଗିଜସ୍ଥାନ ଗ୍ରହଣ କରିସାରିଛନ୍ତି । ତାଜିକିସ୍ଥାନ, ତୁର୍କମେନିସ୍ଥାନ ଏବଂ ଉଜ୍‌ବେକିସ୍ଥାନ ଏଥିପାଇଁ ଖୁବ୍ ଶିଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଧ୍ୟ ଏସିଆ ରାଷ୍ଟ୍ରଗୁଡିକର ବିଦେଶ ମନ୍ତ୍ରୀଗଣ ଭାରତ ସହ ଯୋଗାଯୋଗ, ପରିବହନ, ଶକ୍ତି ଏବଂ ଯୋଗାଣ ଉପରେ ଅଧିକ ଜୋର ଦେବାକୁ କହିଥିଲେ । ଶେଷରେ ଭାରତର ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ବାଣିଜ୍ୟ, ଦକ୍ଷତାବୃଦ୍ଧି, ଯୋଗାଯୋଗ ଏବଂ ସଂପର୍କ ଉପରେ ଅଧିକ ଧ୍ୟାନ ଦେବାକୁ ସମସ୍ତ ବିଦେଶ ମନ୍ତ୍ରୀଙ୍କୁ କହିଥିଲେ । ୨୦୧୯ରୁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଥିବା ଏହି ବୈଠକ ତୃତୀୟ ଥର ପାଇଁ ଆୟୋଜିତ ହୋଇଥିଲା । ଚଳିତବର୍ଷ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ପୂର୍ବରୁ କାଜାଖସ୍ଥାନ, କିର୍ଗିଜସ୍ଥାନ,ତାଜିକିସ୍ଥାନ, ଉଜ୍‌ବେକିସ୍ଥାନ ଗସ୍ତ କରିବା ସହ ଗତ ଅକ୍ଟୋବର ମାସରେ ତୁର୍କମେନିସ୍ଥାନର ବିଦେଶମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ନଭେମ୍ବର ୧୦,୨୦୨୧ରେ କେନ୍ଦ୍ର ଏସିଆର ଏହି ପାଞ୍ଚୋଟି ରାଷ୍ଟ୍ରର ସୁରକ୍ଷା ପରାମର୍ଶଦାତାଙ୍କ ସହ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କର ଆଫଗାନିସ୍ଥାନ ଯୋଗୁ ମଧ୍ୟ ଏସିଆରେ ସୃଷ୍ଟି ହୋଇଥିବା ସୁରକ୍ଷାଗତ ଆଶଙ୍କା ନେଇ ଆଲୋଚନା ହୋଇଥିଲା । ତେବେ ଆସନ୍ତା ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପରେଡକୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମଧ୍ୟ ଏସିଆର ରାଷ୍ଟ୍ରମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି । ଏଥିରେ କାଜାଖସ୍ଥାନର କାସିମ-ଜୋମାର୍ଟ ଟୋକାୟେଭ, ଉଜ୍‌ବେକିସ୍ଥାନର ସଭକାତ ମିରଜିୟୋୟେଭ, ତାଜିକିସ୍ଥାନର ଇମୋମାଲି ରହମନ, ତୁର୍କମେନିସ୍ଥାନର ଗୁରୁବାଙ୍ଗୁଲି ବର୍ଦ୍ଦିମୁହାମୋଡୋ ଏବଂ କିର୍ଗିଜସ୍ଥାନର ସାଦିର ଜାପାରୋଭ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ ଅବସରରେ ମଧ୍ୟ ଏସିଆର ବୈଦେଶିକ ମନ୍ତ୍ରୀମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ । ଶ୍ରୀ ମୋଦି କେନ୍ଦ୍ର ଏସିଆ ସହ ଭାରତର ପ୍ରାଚୀନ ସଂପର୍କ କଥା କହି ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ ହେବ ବୋଲି କହିଥିଲେ ।

ମଧ୍ୟ ଏସିଆର ପଞ୍ଚରାଷ୍ଟ୍ର ମଧ୍ୟରୁ ଭାରତ ଫେବୃଆରୀ ୧୯୯୨ରେ କାଜାଖସ୍ଥାନକୁ ସ୍ୱୀକୃତି ଦେଇଥିବା ଅନ୍ୟତମ ପ୍ରଥମ ରାଷ୍ଟ୍ର ଭାବେ ପରିଚିତ । ମଇ ୧୯୯୨ରେ ତତ୍‌କାଳୀନ ରାଜଧାନୀ ଅଲମାଟୀଠାରେ ଭାରତର ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଖୋଲିଥିଲା । ୧୯୯୭ରେ ରାଜଧାନୀ ଅସ୍ତାନାକୁ ଯାଇଥିଲା, ଯାହାର ନାମ ଏବେ ନୁରସୁଲତାନ ହୋଇଛି । ୧୯୯୩ରେ ନୂଆଦିଲ୍ଲୀରେ କାଜାଖ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଖୋଲିଥିଲା । ୨୦୨୧ରେ କାଜାଖସ୍ଥାନ ଗଠନର ୩୦ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ବାର୍ଷିକ ୧୮୦ ବିଲିଅନ ଡଲାରର ଜିଡିପି ସହ ଏହା ମଧ୍ୟ ଏସିଆର ସବୁଠୁ ବଡ ଆର୍ଥିକ ଶକ୍ତି ସଂପନ୍ନ ଦେଶ । ଏହି ରାଷ୍ଟ୍ର ସହ ଭାରତର ସଂପର୍କ ୨୦୦୦ ବର୍ଷର ପୁରୁଣା । ଏବେ ଦୁଇଦେଶ ମଧ୍ୟରେ ୧.୫୬ ବିଲିଅନର ବାଣିଜ୍ୟିକ କାରବାର ହେଉଛି । ମଧ୍ୟ ଏସିଆରେ ଏହା ଭାରତର ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଫେବୃଆରୀ ୨୦୧୮ରୁ ଭାରତ ସରକାର ଇ-ଭିସା ବ୍ୟବସ୍ଥା କାଜାଖ ଲୋକଙ୍କ ପାଇଁ କରିଛନ୍ତି । ୨୦୧୫ରେ ଦୁଇଦେଶ ମଧ୍ୟରେ ୫୦୦୦ଟନ୍‌ର ୟୁରାନିୟମ ଯୋଗାଣ ନେଇ ପାଞ୍ଚବର୍ଷିଆ ବୁଝାମଣା ହୋଇଥିଲା । ଚଳିତବର୍ଷ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଦୁଇଦେଶ ମଧ୍ୟରେ ପଞ୍ଚମ ସାମରିକ ଅଭ୍ୟାସ କାଜିଣ୍ଡ-୨୧ କାଜାଖସ୍ଥାନରେ ଏଇସା ବିବି ଟ୍ରେନିଂ ସେଣ୍ଟରଠାରେ ହୋଇଥିଲା । ଭାରତୀୟ ସ୍ଥଳସେନାର ବିହାର ରେଜିମେଣ୍ଟର ଜଣେ କମାଣ୍ଡରଙ୍କ ସମେତ ୯୦ଜଣ ଅଧିକାରୀ ଉକ୍ତ ସମରାଭ୍ୟାସରେ ଯୋଗଦାନ କରିଥିଲେ । ସେମିତି ଭାରତ ସହ କିର୍ଗିଜସ୍ଥାନର ସଂପର୍କ ବେଶ୍ ଭଲ । ଗତ ଅକ୍ଟୋବର ମାସରେ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କିର୍ଗିଜସ୍ଥାନ ଯାତ୍ରା କରି ରାଷ୍ଟ୍ରପତି ସାଦିର ଜାପାରୋଭଙ୍କୁ ସାକ୍ଷାତ କରିଥିଲେ । ଏହା ପରେ ସେ ବିଦେଶ ମନ୍ତ୍ରୀ ରସଲାନ କାଜାଖବାୟେଭଙ୍କୁ ମଧ୍ୟ ଭେଟିଥିଲେ । ଭାରତ କାଜାଖସ୍ଥାନକୁ ୨୦୦ ମିଲିଅନ ଡଲାର ଅର୍ଥ ଦୀର୍ଘ ସୂତ୍ରୀ ଋଣ ଆକାରରେ ବିକାଶମୂଳକ କାର୍ଯ୍ୟ ପାଇଁ ଦେବାକୁ ଇଛା ପ୍ରକାଶ କରିଥିବା ସେ କହିଥିଲେ । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଆଦାନପ୍ରଦାନ, ଅଧିକାରୀଙ୍କ ପ୍ରଶିକ୍ଷଣ, ପ୍ରତିରକ୍ଷା ସହଯୋଗ, ପାର୍ବତ୍ୟାଞ୍ଚଳରେ ପ୍ରଶିକ୍ଷଣ, ଜୈବିକ ଚିକିତ୍ସା ଗବେଷଣା, ବାର୍ଷିକ ସମରାଭ୍ୟାସ ଖଞ୍ଜରକୁ ନେଇ ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି -୨୦୧୯ରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇସାରିଛି । ଦୋହରା ଟିକସ ହ୍ରାସ ପାଇଁ ଏବେ ଚେଷ୍ଟା ଚାଲିଛି । ପର୍ଯ୍ୟଟନ, ଅଳଙ୍କାର ପ୍ରସ୍ତୁତି, ଔଷଧ, ଡାକ୍ତରୀଶିକ୍ଷା, ଆଇଟି ପାର୍କ, ଡାଟା ବ୍ୟାଙ୍କ ନିର୍ମାଣ କରିବାକୁ ଦୁଇଦେଶ ମଧ୍ୟରେ ବିଶଦ ଆଲୋଚନା ହୋଇଥିଲା । ପୂର୍ବରୁ ଭାରତ ପକ୍ଷରୁ ଟେଲିମେଡିସିନ୍ କେନ୍ଦ୍ରମାନ କିର୍ଗିଜସ୍ଥାନର କେତେକ ସହରରେ ଖୋଲିଛି । ଏବେ ବଟକେନ, ଜଲାଲାବାଦ, ଚୁଇ ଅଞ୍ଚଳରେ ଖୋଲାଯିବ ବୋଲି ସ୍ଥିର ହୋଇଛି । ବିସ୍‌କେକ୍‌ର ମାନସ, ମହାତ୍ମାଗାନ୍ଧି ପାଠାଗାର କିର୍ଗିଜ ଲୋକଙ୍କ ପାଇଁ ଭାରତର ଉପହାର ସଦୃଶ । ନିକଟରେ ହିନ୍ଦୀ -କିର୍ଗିଜ ଭାଷାର ଏକ ଶବ୍ଦକୋଷକୁ ଦୁଇଦେଶର ବିଦେଶ ମନ୍ତ୍ରୀ ମିଳିତ ଭାବେ ଉନ୍ମୋଚନ କରିଥିଲେ । ଏହାଛଡା ସନ୍ତ୍ରାସବାଦର ନିୟନ୍ତ୍ରଣ, ନିଶା କାରବାର ରୋକିବା, ମୌଳବାଦର ଦମନ ପାଇଁ ଦୁଇ ଦେଶ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ । ଚଳିତବର୍ଷ ରାଜଧାନୀ ବିସକେକ୍ ବାହାରେ ଏପ୍ରିଲ ମାସରେ ପନ୍ଦରଦିନ ଧରି ଦୁଇ ଦେଶର ସେନା ଖଞ୍ଜର ସମରାଭ୍ୟାସରେ ଯୋଗଦେଇଥିଲେ ।

ମଧ୍ୟ ଏସିଆର ଅନ୍ୟତମ ରାଷ୍ଟ୍ର ତାଜିକିସ୍ଥାନ ସହ ଭାରତର ସଂପର୍କ ବହୁତ ଭଲ । ୨ରୁ ୯ ଅକ୍ଟୋବର ୨୦୧୮ରେ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଜିକିସ୍ଥାନ ଗସ୍ତରେ ଯାଇ ୨୦ ମିଲିଅନ ସହାୟତା ଭାରତ ପକ୍ଷରୁ ଘୋଷଣା କରିଥିଲେ । ସେ ସମୟରେ ମୋଟ ୮ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଚଳିତବର୍ଷ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କର ମାର୍ଚ୍ଚ-ଏପ୍ରିଲ ଏବଂ ଜୁଲାଇ ମାସରେ ଦୁଇଥର ତାଜିକଗସ୍ତରେ ଯାଇଥିଲେ । ମାର୍ଚ୍ଚ ୨୯ରୁ ୧ ଏପ୍ରିଲ ୨୦୨୧ ଦୁସାନବେ ଗସ୍ତରେ ଯାଇ ଜୟଶଙ୍କର ତାଜିକସ୍ଥାନର ରାଷ୍ଟ୍ରପତି ଇମୋମାଲି ରହମନଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ଗସ୍ତ କାଳରେ ତାଜିକ ବିଦେଶମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ । ୯ମ ମନ୍ତ୍ରିସ୍ତରୀୟ ବୈଠକରେ ସେ ଯୋଗଦେଇଥିଲେ । କୋରୋନା ମୁକାବିଲା ପାଇଁ ମଇ ୨୦୨୦ରେ ଭାରତ ପକ୍ଷରୁ ୫ଲକ୍ଷ ହାଇଡ୍ରୋକ୍ଲୋରୋକୁଇନ ବଟିକା ଏବଂ ୧ଲକ୍ଷ ପାରାସିଟାମଲ ବଟିକା ତାଜିକସ୍ଥାନକୁ ଯୋଗାଇ ଦିଆଯାଇଥିଲା । ଜୁନ୍ ୨୦୨୦ରେ ୪.୬ଟନର ଚିକିତ୍ସା ସାମଗ୍ରୀ ଏବଂ ପୁଣିଥରେ ୮ କୁଇଣ୍ଟାଲ ଔଷଧ ମଧ୍ୟ ପଠାଇଥିଲା । ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ୨୨ରୁ ୨୪ ଜୁନ ୨୦୨୧ରେ କିର୍ଗିଜ ରାଜଧାନୀ ଦୁସାନବେ ଗସ୍ତ କରି ଏସସିଓ ସଂଗଠନର ସୁରକ୍ଷା ପରିଷଦ ବୈଠକରେ ଯୋଗଦେଇଥିଲେ । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୦-୨୧ରେ ଢେର ବୃଦ୍ଧିପାଇ ୨୨ମିଲିଅନ ଡଲାରରୁ ଅଧିକ ହୋଇଛି । ମଧ୍ୟ ଏସିଆର ଅନ୍ୟତମ ବନ୍ଧୁରାଷ୍ଟ୍ର ହେଉଛି ଉଜ୍‌ବେକିସ୍ଥାନ, ଯାହାକୁ ଭାରତ ଅଧିକ ଗୁରୁତ୍ୱ ଦିଏ । ଜୁନ୍ ୧୯୯୦ରୁ ସୋଭିଏତ୍ ରୁଷିଆରୁ ସ୍ୱାଧୀନ ହେବା ପରଠାରୁ ଏହି ରାଷ୍ଟ୍ର ସହ କୂଟନୀତିକ ସଂପର୍କ ଆରମ୍ଭ । ୨୦୧୫ ଓ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାସକେଣ୍ଟ ଗସ୍ତ କାଳରେ ଏହି ସଂପର୍କକୁ ଅଧିକ ସୁଦୃଢ କରିଥିଲେ । ପରେ ଉଜ୍‌ବେକ୍ ପ୍ରଧାନମନ୍ତ୍ରୀ ମିରଜିୟୋୟେଭ ଅକ୍ଟୋବର ୨୦୧୮ ଏବଂ ଜାନୁଆରୀ ୨୦୧୯ରେ ଭାରତ ଗସ୍ତ କରି ଦ୍ୱିପାକ୍ଷିକ ସଂପର୍କକୁ ଆଗେଇ ନେଇଥିଲେ । ଏବେ ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ, ନିବେଶ, ଶକ୍ତି, କୃଷି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଆଦି ଅନେକ କ୍ଷେତ୍ରରେ ଉଭୟଦେଶ କାର୍ଯ୍ୟରତ । କରୋନା ସମୟରେ ୧୭ମାର୍ଚ୍ଚ ୨୦୨୧ରେ କୋଭାକ୍ସ ଯୋଜନାରେ ୬୬୦୦୦କୋଭିସିଲ୍ଡ ଟିକା ଉଜ୍‌ବେକିସ୍ଥାନକୁ ଭାରତ ଯୋଗାଇଥିଲା । ଭାରତରେ ପ୍ରାୟ ୨୪୦୦ ଉଜ୍‌ବେକ ଅଧିକାରୀଙ୍କୁ ଦେଶର ପ୍ରମୁଖ ଅନୁଷ୍ଠାନଗୁଡିକରେ ପ୍ରଶିକ୍ଷଣ ଦିଆଯାଇଛି । ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ସଂପର୍କ ବେଶ୍ ନିବିଡ ରହିଛି । ଅନେକ ଉଜ୍‌ବେକ୍ କଳାକାର ହିନ୍ଦୀ ସିନେମା ସଂଗୀତ ଗାନ କରି ପ୍ରସିଦ୍ଧିଲାଭ କରିଛନ୍ତି । ଉଜ୍‌ବେକ ସରକାରଙ୍କ ଅନୁରୋଧ କ୍ରମେ ଭାରତ ସରକାର ୨୦୦ ମିଲିଅନ ଡଲାର ଅର୍ଥ ଦୀର୍ଘ ମିଆଦୀ ଋଣ ବୁଝାମଣା କ୍ରମେ ଜାନୁଆରୀ ୨୦୧୯ରେ ପ୍ରଦାନ କରିଥିଲେ । ମଧ୍ୟ ଏସିଆର ପଞ୍ଚମ ରାଷ୍ଟ୍ର ତୁର୍କମେନିସ୍ଥାନ ସହ ୧୯୯୪ରୁ ଭାରତ କୂଟନୀତିକ ସଂପର୍କ ସ୍ଥାପନ କଲେ ମଧ୍ୟ ଖ୍ରୀ ୧୬୫୦ରେ ଦିଲ୍ଲୀରେ ନିର୍ମିତ ତୁର୍କମେନଗେଟ ଉଭୟ ଦେଶର ପୁରୁଣା ସଂପର୍କକୁ ସୂଚାଇଥାଏ । ଇତି ମଧ୍ୟରେ ୪୦୦ରୁ ଅଧିକ ତୁର୍କମେନ ଅଧିକାରୀ ଭାରତରେ ପ୍ରଶିକ୍ଷଣ ପାଇଛନ୍ତି । ତୁର୍କମେନିସ୍ଥାନରୁ ଭାରତକୁ ସାପ୍ତାହିକ ୯ଟି ବିମାନ ଚଳାଚଳ କରିଥାଏ । ୨୦୨୦ ହିସାବ ଅନୁଯାୟୀ ଦୁଇଦେଶ ମଧ୍ୟରେ ମୋଟ ୪୪.୩ ମିଲିଅନ ବାଣିଜ୍ୟ ହେଉଛି । ୨୦୨୦ରେ ଭାରତ ୨୫.୦୪ ମିଲିଅନ ଡଲାର ରପ୍ତାନୀ କଲାବେଳେ ୫.୬୫ ମିଲିଅନ ଡଲାର ମୂଲ୍ୟର ବସ୍ତୁ ଆମଦାନୀ କରିଛି । ତାପି ଗ୍ୟାସ୍ ପ୍ରକଳ୍ପ ଦୁଇ ଦେଶ ମଧ୍ୟରେ ପ୍ରମୁଖ ବାଣିଜ୍ୟିକ ପ୍ରକଳ୍ପ ଯାହା ଶେଷ ହୋଇପାରିନାହିଁ । ଯେଉଁଥିପାଇଁ ଭାରତର ଗ୍ୟାସ ଆବଶ୍ୟକତା ସବୁବେଳେ ଚାପରେ ରହିଛି । ଏହି ପ୍ରକଳ୍ପ ଶେଷ ହେଲେ ଭାରତ ଗ୍ୟାସ ପାଇବାର ଚିନ୍ତାରୁ ଅନେକାଂଶରେ ହାଲୁକା ହେବ ।

କହିବାକୁ ଗଲେ ମଧ୍ୟ ଏସିଆ ଏବଂ ଭାରତର ଅନେକ ସମସ୍ୟା ଏକପ୍ରକାର ରହିଛି । ବିଶେଷକରି ସନ୍ତ୍ରାସବାଦ, ଧାର୍ମିକ ମୌଳବାଦ, ନିଶାଦ୍ରବ୍ୟର ଚୋରା ଚାଲାଣ ପରି ସଙ୍କଟ ଏବେ ମଧ୍ୟ ଏସିଆ ଓ ଭାରତରେ ଦେଖାଦେଇଛି । ତାଲିବାନ ହକ୍‌କାନୀ ଗୋଷ୍ଠୀ ଆଫଗାନିସ୍ଥାନରେ କ୍ଷମତା ହାସଲ କରିବା ପରେ ମଧ୍ୟ ଏସିଆ ଓ ଭାରତର ଚିନ୍ତା ବଢିଛି । ମଧ୍ୟ ଏସିଆ ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ବହୁତ କମ୍ ରହିଛି । ୨୦୧୪-୧୫ରେ ୧୩୮୦.୩୧ ମିଲିଅନ ଡଲାର, ୨୦୧୫-୧୬ ୮୧୯.୩୭, ୨୦୧୬-୧୭ରେ ୯୫୦.୭୭, ୨୦୧୭-୧୮ରେ ୧୪୮୧.୪୨, ୨୦୧୮-୧୯ରେ ୧୩୦୫.୪୪ ଏବଂ ୨୦୧୯-୨୦ରେ ୧୨୮୫.୪୭ ମିଲିଅନ ଡଲାର ରହିଛି । ଅପରପକ୍ଷେ ଏହିସବୁ ଦେଶ ସହ ଚୀନର ବାଣିଜ୍ୟ ବାର୍ଷିକ ୧୩୭ ବିଲିଅନ ଡଲାର ରହିଛି । ଭାରତର ରପ୍ତାନୀ କମ ଆମଦାନୀ ଅଧିକ ହୋଇଛି । ରୁଷିଆ ଓ ଚୀନ ଏହିସବୁ ରାଷ୍ଟ୍ରରେ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ସ୍ଥଳେ ଏସବୁ ଦେଶକୁ ସିଧାସଳଖ ସଡକ ଓ ଜଳମାର୍ଗ ଭାରତ ପାଇଁ ନଥିବା ଯୋଗୁ ବାଣିଜ୍ୟରେ ପ୍ରତିବନ୍ଧକ ହୋଇଛି । ୨୦୨୦ରେ ଭାରତ ମଧ୍ୟ ଏସିଆ ବାଣିଜ୍ୟିକ ପରିଷଦ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଗଠିତ ହୋଇଛି । ଏସବୁ ଦେଶରେ ପୁଞ୍ଜିନିବେଶ କରି ଭାରତ ଲାଭ ଉଠାଇବାର ଢେର ସୁଯୋଗ ରହିଛି ଆନ୍ତର୍ଜାତିକ ସ୍ତରର ସଂଗଠନ ସାଂଘାଇ କୋ-ଅପରେସନ୍ ଅର୍ଗାନାଇଜେସନ, ୟୁରେସିଆନ ଇକୋନୋମିକ୍ ୟୁନିଅନ,ସିକା ସହ ରହି ସୁବିଧା ନେବାର ସମ୍ଭାବନା ରହିଛି । ଡିସେମ୍ବର ୨୦୨୦ରେ ନୂଆଦିଲ୍ଲୀ- ତାସ୍‌କେଣ୍ଟ ମଧ୍ୟରେ ସଡକ ନିର୍ମାଣ ଏବଂ ଆଇଟି କ୍ଷେତ୍ରର ବିକାଶ ପାଇଁ ୪୪୮ ମିଲିଅନ ଡଲାର ଋଣ ଦେବାକୁ ଭାରତ ରାଜି ହୋଇଥିଲା । ୨୦୧୯ରେ ଆଫଗାନିସ୍ଥାନ- ଉଜ୍‌ବେକିସ୍ଥାନ ରେଳପଥ ନିର୍ମାଣ ପାଇଁ ଉଜ୍‌ବେକ୍ ସରକାର ଭାରତକୁ ଆଲୋଚନା ପାଇଁ ଡାକିଥିଲେ । ଭାରତ-ରାଜନୈତିକ ପରିସ୍ଥିତି ଉପରେ ଲକ୍ଷ୍ୟ ରଖିଛନ୍ତି ସରକାର । ମଧ୍ୟ ଏସିଆରେ ପ୍ରଭାବ ଓ ବାଣିଜ୍ୟ ବୃଦ୍ଧି ପାଇଁ ୨୦୨୦ରୁ ଚୀନ ସରକାର ୫+୧ ଯୋଜନାରେ କାର୍ଯ୍ୟ କରୁଛନ୍ତି । ୧୯୯୧ରୁ ଚୀନ ସରକାରଙ୍କ ମଧ୍ୟ ଏସିଆରେ କାର୍ଯ୍ୟ ଆରମ୍ଭ ହୋଇଥିଲା । କିର୍ଗିଜସ୍ଥାନ ଓ ତାଜିକିସ୍ଥାନ ପରି ଦେଶ ଯଥାକ୍ରମେ ଚୀନଠାରୁ ୪ ବିଲିଅନ ଏବଂ ୧.୩୮ ବିଲିଅନ ଡଲାର ଋଣ ନେଇଛନ୍ତି । ଋଣ ପରିଶୋଧ କରିନପାରିଲେ ଏହି ଦେଶ ଚୀନ ହାତକୁ ନିଜର ଜମି ଟେକି ଦେବା ନିଶ୍ଚିତ । ଏସବୁ ଦେଶର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଚୀନର ଅଧିକ ଅର୍ଥ ବିନିଯୋଗ ସତ୍ତ୍ୱେ ମଧ୍ୟ ଏସିଆର ଲୋକମାନଙ୍କ ମନରେ ଚୀନ ପ୍ରତି ବିଶ୍ୱାସର ଅଭାବ ରହିଛି । ଏହି ସୁଯୋଗରେ ଭାରତ ସଡକ ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନର ବିକାଶ , ପର୍ଯ୍ୟଟନ, ଗ୍ୟାସ ପରିବହନ, ସୁରକ୍ଷା ବ୍ୟବସ୍ଥା ନିର୍ମାଣ, ବୟନ ଶିଳ୍ପ ଆଦି କ୍ଷେତ୍ରରେ ନିଜକୁ ଏସବୁ ଦେଶରେ ସୁଦୃଢ କରିପାରିବ । ପାକ୍ ଅଧିକୃତ କାଶ୍ମୀର ଭାରତର ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ମଧ୍ୟ ଏସିଆ ସହ ଭାରତର ସଡକ ଯୋଗାଯୋଗ ଦୀର୍ଘ ବର୍ଷ ହେଲା ବନ୍ଦ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିକଳ୍ପ ପରିବହନ ମାର୍ଗଗୁଡିକୁ ଶକ୍ତିଶାଳୀ କଲେ ଭାରତ ବାଣିଜ୍ୟିକ ସୁଯୋଗ ଉପଯୋଗ କରିପାରିବ । ଚୀନ -ପାକ୍ ମେଣ୍ଟ ଭାରତର ପ୍ରୟାସକୁ ଦୁର୍ବଳ କରିବାକୁ ଚେଷ୍ଟା କରିବେ ନିଶ୍ଚୟ । ବସ୍ତୁର ଉତ୍ପାଦନ ଖର୍ଚ୍ଚ ହ୍ରାସ, ପରିବହନ ଖର୍ଚ୍ଚ ହ୍ରାସ ସହ ରପ୍ତାନୀ ପଦ୍ଧତିକୁ ସରଳ କଲେ ଏହି ଦେଶଗୁଡିକରେ ଚୀନ ବସ୍ତୁ ବଦଳରେ ଭାରତୀୟ ବସ୍ତୁ ଗ୍ରହଣ ଯୋଗ୍ୟ ହୋଇପାରିବ,ଏଥିରେ ସନ୍ଦେହ ନାହିଁ ।

# ‘ପଢିଲେ ଜାଣିବା-ଜାଣିଲେ ଜିଣିବା’

**ହିଂମାଶୁ ଶେଖର ଆଚାର୍ଯ୍ୟ**

ସାକ୍ଷରତା ଓ ଶିକ୍ଷାର ସ୍ତର ଗୋଟିଏ ଦେଶର ପ୍ରଗତିର ଚାବିକାଠି ।କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ ।ଅନ୍ୟ ଅର୍ଥରେ କହିଲେ ତେଣୁ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ – “ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ । ଏଥିରୁ ଶିକ୍ଷାର ଗୁରୁତ୍ୱ କେତେ ତାହା ସ୍ପଷ୍ଟ ଅନୁମେୟ । ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବ ସମ୍ବଳ ବିକାଶର ପ୍ରମୁଖ ଆଧାର ଅଟେ । । କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ । ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ବିଶେଷକରି କମ୍ପ୍ୟୁଟର, ଇଣ୍ଟରନେଟ୍, ମୋବାଇଲ, ହ୍ୱାଟସଆପ୍, ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତା ସହ ବହୁଭାଷୀ ଦକ୍ଷତାର ଗୁରୁତ୍ୱ ଆହୁରି ବଢିଯାଇଅଛି । କାରଣ ଏହା କାର୍ଯ୍ୟ କୁଶଳତା ବୃଦ୍ଧି କରିବା ସହ ଜୀବନଧାରଣର ମାନକୁ ଉନ୍ନତ କରିଥାଏ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ମ୍ନ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଜଣାପଡେ ଯେ, ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ । ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମ୍ନରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ୍ୟ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି । ଆମକୁ ମନେ ରଖିବାକୁ ହେବ ଯେ, ନିରକ୍ଷରତା ଏକ ଜାତୀୟ ଲଜ୍ଜା ।ଏହାଲୁ ନିଶ୍ଚିନ୍ତଭାବେ ହଟାଇବାକୁ ହେବ । ଏଥିପାଇଁ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ଅଙ୍ଗନକୁ ଆଣିବାକୁ ହେବ । କାରଣ ସେ ହିଁ ଦେଶର ପ୍ରଗତିର ମୂଳଦୁଆ । ମୂଳଦୁଆ ଯେତେ ଶକ୍ତ ହେବ, ଦେଶର ଭବିଷ୍ୟତ ସେତେ ସୁଦୃଢ ହେବ । ଏଥିପାଇଁ ସବୁ ଶିଶୁଙ୍କୁ ଦି’ ଅକ୍ଷର ପାଠ ଯୋଗାଇ ଦେବାପାଇଁ ସବୁ ସ୍ତରରେ ନିରନ୍ତର ଉଦ୍ୟମ ଲୋଡା ସେଥିପାଇଁ କୁହାଯାଏ- ‘ପଢିଲେ ଜାଣିବା, ଜାଣିଲେ ଜିଣିବା’ ।

# ପ୍ଲାଷ୍ଟିକ ଓ ପଲିଥିନକୁ ନେଇ ଯୁବକ ତିଆରି କଲେ ଜୋତା

ଭାରତରେ ଅନେକ ପ୍ରତିଭା ଲୁଚିରହିଛି । ଛୋଟ ବୟସରୁ ପିଲା ବଡ ବଡ କାମ କରି ଦେଖାଉଛନ୍ତି । ସେହିଭଳି ଜଣେ ୨୩ବର୍ଷୀୟ ଯୁବକ ତାଙ୍କ କାମକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛନ୍ତି । କେବଳ ଭାରତ ନୁହେଁ, ୟୁରୋପ ଏବଂ ଆମେରିକାରେ ବି ଭାରତର ପ୍ରତିଭାକୁ ନେଇ ଚର୍ଚ୍ଚା ହେଉଛି । ଏହାସହିତ ୨୩ବର୍ଷୀୟ ଯୁବକ ଆରମ୍ଭ କରିଥିବା ଷ୍ଟାଟଅପ କମ୍ପାନୀକୁ କୋଟି କୋଟି ଟଙ୍କାର ଅଫର ଦେଇଛନ୍ତି ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା । ଭାରତର ୨୩ବର୍ଷୀୟ ଯୁବକ ଅଶୟ ଭାବେ ଅଦରକାରୀ ପ୍ଲାଷ୍ଟିକ, ପଲିଥିନକୁ ନେଇ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଯୋତା । ଜୁଲାଇ ମାସ ୨୦୨୧ରେ ପ୍ରଥମ କରି ଏକ ଷ୍ଟାଟଅପ କମ୍ପାନୀ ଆରମ୍ଭ କରିଥିଲେ । ଯାହାର ନାଁ ରଖିଥିଲେ "ଥେଲି ଟେକ୍ସ' । କ୍ୟାରି ବ୍ୟାଗକୁ ହିନ୍ଦିରେ "ଥେଲି' କୁହାଯାଉଥିବାରୁ ଏପରି ନାଁ ରଖିଥିଲେ ଅଶୟ । କମ୍ପାନୀ ପ୍ରଥମେ ପ୍ରଥମେ ୫୦ହଜାରରୁ ଅଧିକ ପ୍ଲାଷ୍ଟିକ ବ୍ୟାଗ, ୩୫ହଜାରରୁ ଅଧିକ ପ୍ଲାଷ୍ଟିକ ବୋତଲକୁ ନେଇ ଯୋତା ତିଆରି କାମ ଆରମ୍ଭ କରିଥିଲା । ପ୍ଲାଷ୍ଟିକ ବ୍ୟାଗକୁ ଉତାପ ଏବଂ ଚାପ ଦେଇ ଫ୍ୟାବ୍ରିକରେ ପରିଣତ କରାଯାଏ । ପରେ ଫ୍ୟାବ୍ରିକକୁ କାଟି ଯୋତାର ଆକାର ଦିଆଯାଏ । ଯୋତାର ଲେସ ବି ପ୍ଲାଷ୍ଟିକରେ ହିଁ ତିଆରି କରାଯାଉଛି । ପ୍ଲାଷ୍ଟିକକୁ ବାରମ୍ବାର ରିସାଇକେଲ କରି ପତଳା ଫ୍ୟାବ୍ରିକରେ ପରିଣତ କରାଯାଏ ଆଉ ସେଥିରୁ ସୁ-ଲେସ ଏବଂ ପ୍ୟାକେଟିଂ ଉପକରଣ ବନିଥାଏ । ଗୋଟିଏ ହଳ ଯୋତା ତିଆରି ପାଇଁ ୧୨ଟି ପ୍ଲାଷ୍ଟିକ ବୋତଲ ଏବଂ ୧୦ଟି ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇଥାଏ । ଏହି ଯୋତା ୪ଟି ଭାରିଆଂଟରେ ଅସୁଛି । ଯାହାର ମୂଲ୍ୟ ୯୯ ଡଲାର ବା ଭାରତୀୟ ମୁଦ୍ରାରେ ୭ହଜାର ଟଙ୍କା ରହିଛି । ଯଦିଓ ଯୋତା ବଜାରରେ ଏହା ନାଇକ ଏବଂ ପୁମାକୁ ବିଟ କରିପାରିନି କିନ୍ତୁ ୟୁରୋପ ଏବଂ ଆମେରିକାରେ ଭାରତର ଥେଲି ଟେକ୍ସ ଯୋତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ସେପଟେ, ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ଟ୍ୱିଟ କରି ଲେଖିଛନ୍ତି "ମତେ ଲାଜ ଲାଗୁଛି କି ମୁଁ ଏହି ପ୍ରେରଣାଦାୟୀ କମ୍ପାନୀ ବିଷୟରେ ପୂର୍ବରୁ ଜାଣିପାରିନଥିଲି । ଏହା ଏପରି ଏକ ଷ୍ଟାଟ୍ଅପ୍ ବିଜନେସ ଯାହାକୁ ଆମେ ପ୍ରୋତ୍ସାହନ ଦେବା ନିହାତି ଆବଶ୍ୟକ । ଏହାସହିତ ଆନନ୍ଦ ମହିନ୍ଦ୍ରା ଏହି ଷ୍ଟାଟଅପ କମ୍ପାନୀକୁ ଫଣ୍ଡିଂ ଦେବେ ବୋଲି ମଧ୍ୟ କହିଛନ୍ତି ।






# ଜୁହିଙ୍କୁ ବିବାହ କରିଥାନ୍ତେ ସଲମାନ

ନିକଟରେ ସୁପରଷ୍ଟାର ସଲମାନ ଖାନ ଅନ୍ତିମ: ଦ ଫାଇନାଲ ଟ୍ରୁଥ୍'ରେ ଆୟୁଷ ଶର୍ମାଙ୍କ ଟ୍ରାନ୍ସଫୋର୍ମେଶନ ନିଜ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ବର୍ତମାନ ସେ ଏହି ପ୍ରୋଜେକ୍ଟକୁ ପୂରା ସମୟ ଦେଉଛନ୍ତି । ତେବେ ଅନେକ ସମୟରେ ସଲମାନଙ୍କୁ ଏକ ପ୍ରଶ୍ନ ପଚରାଯାଏ ଯେ ସେ କେବେ ବିବାହ କରିବେ ? ଏଭଳି ପରିସ୍ଥିତିରେ ସଲମାନଙ୍କ ଏକ ପୁରୁଣା ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି । ଏହି ସାକ୍ଷାତକାରରେ ସେ ଜୁହି ଚାଓ୍ୱଲାଙ୍କ ବିଷୟରେ କିଛି କୁହନ୍ତି ଯାହା ବର୍ତମାନ ତାଙ୍କ ପ୍ରଶଂସକଙ୍କ ଦ୍ୱାରା ସେୟାର କରାଯାଉଛି । ହୋଷ୍ଟ ସଲମାନଙ୍କୁ ପଚାରିଛନ୍ତି କି, "ଜୁହି ଚାଓ୍ୱଲାଙ୍କ ବିଷୟରେ କୁହ ?' ସଲମାନ କହୁଛନ୍ତି, "ଜୁହି ବହୁତ ପ୍ୟାରୀ ଅଟନ୍ତି । ଏପରିକି ମୁଁ ଥରେ ଜୁହି ଚାଓ୍ୱଲାଙ୍କ ପିତାଙ୍କୁ ପଚାରିଥିଲି ଯେ ସେ ତାଙ୍କ ଝିଅକୁ ମୋ ସହ ବିବାହ କରିବାକୁ ଦେବେ । ସେ ଏହାକୁ ସମ୍ପୂର୍ଣ୍ଣରୂପେ ମନା କରିଦେଲେ ଏବଂ ମୋର ଅଫରକୁ ପ୍ରତ୍ୟାଖ୍ୟାନ କଲେ । ତେବେ ସେ କାହିଁକି ଏପରି କଲେ ତାହା ଜଣା ପଡିନାହିଁ, କିନ୍ତୁ ବର୍ତମାନ ସେ ଏହା କହିଛନ୍ତି ଏବଂ ସେ ମୋ ପାଇଁ ବହୁତ ବଡ, ତେଣୁ ମୁଁ ଭାବିଲି ସେ ନିଶ୍ଚୟ ଠିକ କରିଛନ୍ତି । ଏକ ସାକ୍ଷାତକାରରେ ଜୁହି ଚାଓ୍ୱଲାଙ୍କୁ ପଚରାଯାଇଥିଲା, "ଆପଣ ବହୁତ ଦିନ ଧରି କୌଣସି ଶୋ କରିନାହାଁନ୍ତି । ଏପରିକି କୌଣସି ଚଳଚ୍ଚିତ୍ର କରିନାହାଁନ୍ତି ଯଦି ଆପଣ ଏକ ଫିଲ୍ମ କିମ୍ବା ଶୋ କରିବେ, ତେବେ ଆପଣ ଏହା କେବେ କରିବେ ? ଏହାର ଜବାବରେ ଜୁହି କହିଥିଲେ, ମୁଁ କିଛି ବର୍ଷ ପୂର୍ବେ ତାଙ୍କ ସହିତ ଏକ ଶୋ କରିଥିଲି । ଏବେ ସଲମାନଙ୍କୁ ଥରେ ପଚାରିବାକୁ ପଡ଼ିବ ସେ ମୋ ଉପରେ ରାଗି ନାହାନ୍ତି ତ ? କାରଣ ମୁଁ ଚାହୁଁଛି ସେ


# କୁକୁରଙ୍କ ପାଇଁ ବାହାରିଲା ଫୋନ

ଆଜିର ଯୁଗରେ ମୋବାଇଲର ବ୍ୟବହାର ଅନେକ ମାତ୍ରାରେ ବଢିଯାଇଛି । ପିଲାଠୁ ବୁଢା ସମସ୍ତଙ୍କ ହାତରେ ମୋବାଇଲ ଦେଖିବାକୁ ମିଳିଯିବ । ଆଉ ଏବେ କୁକୁରଙ୍କ ପାଇଁ ଫୋନ ବାହାର କରିଛନ୍ତି ବୈଜ୍ଞାନିକମାନେ । କଥାଟା ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ । ଏଣିକି ଯେତେବେଳେ ମନ ହେବ ମାଲିକ ସହ କଥା ହୋଇପାରିବେ ପୋଷା କୁକୁର । ବୈଜ୍ଞାନିକମାନେ ଏକ ପ୍ରୋଟଟାଇପ ଡଗଫୋନ ଡିଭାଇସ୍ ତିଆରି କରିଛନ୍ତି । ଏହି ଡିଭାଇସ୍‌ଟି ଦେଖିବାକୁ ବଲପରି । ଏହି ଡିଭାଇସ୍ ଗତିବିଧି ଉପରେ ନଜର ରଖିବା ସହ କମ୍ପ୍ୟୁଟରରେ କନେକ୍ଟ ହୋଇପାରିବ । ଏଥିରେ ଭିଡିଓ କଲର ବ୍ୟବସ୍ଥା ମଧ୍ୟ ରହିଛି । ଏହି ଡିଭାଇସଟିକୁ ୟୁନିଭରସିଟି ଅଫ ଗ୍ଲାସଗୋର ଡ. ଇଲିୟାନା ତାଙ୍କ ସାଥୀଙ୍କ ସହ ମିଶି ତିଆରି କରିଛନ୍ତି । ଜ୍ୟାକ ନାମକ ୧୦ ବର୍ଷୀୟ କୁକୁର ପାଇଁ ଇଲିୟାନା ଏହି ଡିଭାଇଜଟି ତିଆରି କରିଛନ୍ତି । ଜ୍ୟାକକୁ ଏହି ଡିଭାଇଜ ଇଲିୟାନା ସେତେବେଳେ ଦେଇଥିଲେ, ଯେତେବେଳେ ଇଲିୟାନା ୧୬ ଦିନ ପାଇଁ କୌଣସି କାମରେ ଘରୁ ବାହାରକୁ ଯାଇଥିଲେ । ଇଲିୟାନା ଦେଖିବାକୁ ପାଇଥିଲେ ଜ୍ୟାକ ୧୬ଦିନ ମଧ୍ୟରେ ଅନେକ ଥର ଇଲିୟାନାଙ୍କ ପାଖକୁ କଲ କରିଥିଲା । ଆଉ ଭିଡିଓ କଲରେ ଇଲିୟାନାଙ୍କୁ ଦେଖି ଖୁସି ହୋଇଥିଲା । ଏହିଥିରୁ ସ୍ପଷ୍ଟ ହୋଇଥିଲା ପୋଷା କୁକୁର ବି ବାହାରେ ଥିବା ମାଲିକକୁ ମନେପକାନ୍ତି ଏବଂ ତାଙ୍କ ସହ କଥା ହେବାକୁ ଚାହାନ୍ତି । ତେଣୁ ଏହାକୁ ଦୃଷ୍ଟିରେ ରଖି ଇଲିୟାନା ଆହୁରି ଉନ୍ନତମାନର ପ୍ରୋଟଟାଇପ ଡଗଫୋନ ତିଆରି କରିବା ପାଇଁ ରିସର୍ଚ୍ଚ ଜାରି ରଖିଛନ୍ତି ।




# ଗର୍ଭଧାରଣ ରୋକିବ ଗର୍ଭନିରୋଧକ ଆଂଟିବଡ଼ି

ଆମେରିକୀୟ ବୈଜ୍ଞାନିକମାନେ ଏକ ସ୍ୱତନ୍ତ୍ର ପ୍ରକାର ଗର୍ଭନିରୋଧକ ଆଂଟିବଡ଼ି ବିକଶିତ କରିଛନ୍ତି । ଏହା ଶୁକ୍ରାଣୁକୁ ଦୁର୍ବଳ କରିବ, ଯାହାଦ୍ୱାରା ଜନ୍ମ ହାର ନିୟନ୍ତ୍ରଣ କରାଯାଇପାରିବ । ବୋଷ୍ଟନ୍ ବିଶ୍ୱବିଦ୍ୟାଳୟ ଓ ସାନ୍‌ଡିଗୋର କମ୍ପାନୀ ଜାବ୍‌ବାୟୋ ମିଳିତ ଭାବେ ଏହା ପ୍ରସ୍ତୁତ କରିଛନ୍ତି । ବୈଜ୍ଞାନିକମାନେ ଏହାର ନାଁ ଦେଇଛନ୍ତି ହ୍ୟୁମାନ୍ କଂଟ୍ରାସେପ୍ସନ୍ ଆଂଟିବଡ଼ି । ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ଗୁଣ ସମ୍ପନ୍ନ ଶ୍ରୁକ୍ରାଣୁ ଉପରେ ଏହି ଆଂଟିବଡିର ପରୀକ୍ଷଣ କରାଯାଉଛି । ପରୀକ୍ଷଣରୁ ଜଣାପଡ଼ିଲା, ଏହା ୧୫ ସେକେଣ୍ଡରେ ଶୁକ୍ରାଣୁକୁ ଦୁର୍ବଳ କରି ନିଷ୍କ୍ରିୟ କରିଦିଏ । ବୋଷ୍ଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୋରାହ ଆଣ୍ଡରସନ୍ କହିଛନ୍ତି, ଏହି ଗର୍ଭ ନିରୋଧ ଆଂଟିବଡିକୁ ମହିଳାଙ୍କ ଅନୁମତି କ୍ରମେ ସେମାନଙ୍କ ଗୁପ୍ତାଙ୍ଗରେ ଭର୍ତି କରାଯାଇପାରେ । ଏହା କୌଣସି ପ୍ରକାର ଯନ୍ତ୍ରଣା ସୃଷ୍ଟି କରେ ନାହିଁ । ଏବେ ଏହାର ପ୍ରଥମ ପର୍ଯ୍ୟାୟ ମାନବ ପରୀକ୍ଷଣ ଚାଲିଛି । ଯେଉଁ ମହିଳା ବର୍ତମାନ ସୁଦ୍ଧା କୌଣସି ପ୍ରକାର ଗର୍ଭ ନିରୋଧକ ବିକଳ୍ପ ଆପଣେଇ ନାହାନ୍ତି, ସେମାନେ ଏହାକୁ ବ୍ୟବହାର କରିପାରିବେ । ଗବେଷକଙ୍କ ସୂଚନା ଅନୁସାରେ, ଏଭଳି ଅନେକ ରୋଗ ଅଛି ଯାହା ଶାରୀରିକ ସମ୍ପର୍କ ମାଧ୍ୟମରେ ଜଣେ ସୁସ୍ଥ ବ୍ୟକ୍ତିକୁ ଆକ୍ରାନ୍ତ କରିପାରେ । ଏହି ସ୍ଥିତିରେ ଗର୍ଭ ନିରୋଧକ ଆଂଟିବଡିକୁ ଅନ୍ୟ ଆଂଟିବଡି ସହ ମିଶାଇ ପ୍ରୟୋଗ କରାଯାଇପାରେ । ଏହାଦ୍ୱାରା ଶାରୀରିକ ସମ୍ପର୍କ ମାଧ୍ୟମରେ ହେଉଥିବା ରୋଗରୁ ରକ୍ଷା ମିଳିବ ।



# ସେଓ ମଞ୍ଜି ଅଧିକ ବିପଦ୍ ଜନକ



ଶରୀରକୁ ସୁସ୍ଥ ଏବଂ ସତେଜ ରଖିବାକୁ ଚିକିତ୍ସକମାନେ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି । ଅନେକ ଲୋକଙ୍କୁ ଫଳ ଭିତରେ ସେଓ ଖାଇବାକୁ ଖୁବ ଭଲ ଲାଗେ । ତେବେ ଜାଣନ୍ତି କି ସେଓ ଖାଇବା ଦେହ ପାଇଁ ଯଦିଓ ଭଲ ତେବେ ଏହାର ମଞ୍ଜି ତା'ଠାରୁ ଆହୁରି ବିପଦଜନକ ହୋଇଥାଏ । ସେଓ ମଞ୍ଜିରେ ଥିବା ପ୍ଲାଂଟ୍ କମ୍ପାଉଣ୍ଡ ଆମିଗଡାଲିନରେ ସାଇନାଏଡ ଓ ସୁଗାର ଥାଏ । ଶରୀରରେ ଯିବା ପରେ ଏହା ହାଇଡ୍ରୋଜେନ୍‌ରେ ପରିଣିତ ହୋଇଯାଏ । ଏଥିରେ ନା କେବଳ ଆପଣ ଅସୁସ୍ଥ ହୋଇଥାନ୍ତି, ତାହା ନୁହେଁ ମୃତ୍ୟୁର ବିପଦ ମଧ୍ୟ ରହିଥାଏ । ଆପଣ କେମିକଲ ଫର୍ମ ବ୍ୟତୀତ କିଛି ଫଳର ମଞ୍ଜିରେ ସାଇନାଏଡ ମିଳିଥାଏ । ଏଥିର ଆପ୍ରିକଟ ଅର୍ଥାତ ଖୁବାନି, ଚେରି, ପିଚ, ପ୍ଲମ୍ ଓ ସେଓ ଭଳି ଫଳ ରହିଛି । ଏହାର ମଞ୍ଜିର ଉପରେ ଖୁବ ମଜବୁତ କୋଟିଂ ଥାଏ, ଯହା ଫଳରେ ଓମିଡଗଲିନ ଏହା ଭିତରେ ବନ୍ଦ ରହିଥାଏ । ସାଏନାଇଡ, ହାର୍ଟ ଓ ବ୍ରେନ୍ କ୍ଷତି କରିଥାଏ । ଏହା ଶରୀରରେ ଅକ୍ସିଜେନ ସପ୍ଲାଇକୁ ବନ୍ଦ କରିଥାଏ । କିଛି ଅଳ୍ପ ମାମଲାରେ ମଣିଷ କୋମାରେ ଚାଲିଯାଇଥାଏ ଓ ତାଙ୍କର ମୃତ୍ୟୁ ମଧ୍ୟ ହୋଇପାରେ । ଯଦି ଅଧିକ ମାତ୍ରାରେ ସାଏନାଇଡ୍ ସେବନ କରନ୍ତି ତେବେ ନିଶ୍ୱାସ ନେବାରେ ସମସ୍ୟା ହୋଇପାରେ । ସେଓ ମଞ୍ଜିର ବିଷାକ୍ତ ପ୍ରଭାବର ହୃଦସ୍ପନ୍ଦନ ବଢାଇବା ସହ ବ୍ଲଡ ପ୍ରେସର କମ କରିଥାଏ । ଏହାଦ୍ୱାରା ଆପଣ ବେହୋସ ମଧ୍ୟ ହୋଇପାରନ୍ତି । ଯଦି ସେଓର ମଞ୍ଜି ଖାଇବା ପରେ ଆପଣ ଠିକ ହୋଇଯାଆନ୍ତି ତେବେ ଆପଣଙ୍କ ଶରୀର ଉପରେ ଏହାର ପ୍ରଭାବ ରହିଥାଏ ଓ ହାର୍ଟ ଏବଂ ମସ୍ତିଷ୍କକୁ ଖୁବ କ୍ଷତି କରିଥାଏ ।

# ଜୁନିୟର ବାଇସାଇକେଲ ମେୟର

କରୋନା ଲକ୍‌ଡାଉନ୍ ପରଠୁ ସାଇକେଲ ଅଧିକାଂଶଙ୍କ ପସନ୍ଦ ପାଲଟିଛି । ମଧୁର ବି ଏବେ ଥିରୁ ଅନନ୍ତପୁରମ୍‌ର ନୂଆ ଜୁନିୟର ବାଇସାଇକେଲ ମେୟର ହୋଇଛନ୍ତି । ଅପର୍ଣ୍ଣା ପ୍ରଭାକରଙ୍କ ପରେ ମଧୁର ସହରର ୨ୟ ଜୁନିୟର ବାଇସାଇକେଲ ମେୟର ହୋଇଛନ୍ତି । ବିଭିନ୍ନ ସ୍କୁଲରୁ ମନୋନୀତ ହୋଇଥିବା ୨୪ ବିଦ୍ୟାର୍ଥୀଙ୍କ ମଧ୍ୟରୁ ତାଙ୍କୁ ଚୟନ କରାଯାଇଛି । ପିଲାଙ୍କୁ ସାଇକେଲ ଚାଳନା ପ୍ରତି ପ୍ରୋତ୍ସାହିତ କରିବାର କୌଣସି ମଉକା ମଧୁର ହାତଛଡ଼ା କରନ୍ତି ନାହିଁ । ବିଶ୍ୱର ୫ଜଣ ଜୁନିୟର ବାଇକେଲ ମେୟରଙ୍କ ମଧ୍ୟରେ ସେ ଚତୁର୍ଥ । ଆମଷ୍ଟରଡାମ୍ ଡବ୍‌ଲିନ୍ ପ୍ରଥମେ ଦୁଇ ଜଣଙ୍କୁ ନିଯୁକ୍ତି ଦେଇଥିଲେ । ଗୁଜରାଟସ୍ଥିତ ଭାଲସାଦ୍‌ରେ ୩ୟ ବାଇସାଇକେଲ ମେୟରଙ୍କୁ ନିଯୁକ୍ତି ଦିଆଯାଇଛି । ଗୁଆହାଟିରେ ନିଯୁକ୍ତ ହୋଇଛନ୍ତି ୫ମ ବାଇସାଇକେଲ ମେୟର । ପିଲାଙ୍କ ମଧ୍ୟରେ ସାଇକେଲ ଚାଳନା ପ୍ରତି ରୁଚି ବଢ଼ାଇବା ଜୁନିୟର ବାଇସାଇକେଲ ମେୟର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । କର୍ପୋରେସନ୍ ଅଧୀନରେ ଥିବା ସ୍କୁଲଗୁଡିକରେ ୭ମରୁ ୧୦ମ ଶ୍ରେଣୀ ପିଲାଙ୍କ ମଧ୍ୟରୁ ଜୁନିୟର ବାଇସାଇକେଲ ମେୟର ଚୟନ କରାଯାଏ । ମଧୁର କହନ୍ତି, ଏବେ ଅଧିକ ଲୋକେ ପରିବେଶ ପାଇଁ ସାଇକେଲ ଚାଳନା ଆରମ୍ଭ କରୁଛନ୍ତି । ସାଇକେଲ ମାର୍ଗ ନିର୍ମାଣ ସହିତ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ମୁଁ ଅଧିକାରୀଙ୍କୁ ଅନୁରୋଧ କରିବି, ଯାହା ଦ୍ୱାରା ଲୋକେ ସେମାନଙ୍କ ସାଇକେଲ ନିରାପଦ ଭାବେ ରଖିପାରିବେ । ମୋ ଭବିଷ୍ୟତ ଯୋଜନାରେ ଏହା ସାମିଲ । ସହରର ଅନେକ ସ୍ଥାନ ବାଇସାଇକେଲ ଚାଳନା ପାଇଁ ଉପଯୋଗୀ ହେବା ଉଚିତ । ସରକାର ମଧ୍ୟ ଲୋକଙ୍କୁ ବାଇସାଇକେଲ ଚାଳନା ପାଇଁ ଉତ୍ସାହିତ କରିବା ଉଚିତ୍ । ମଧୁର ଅନେକ ସ୍କୁଲରେ ସାଇକେଲ ଚାଳନା ଉପରେ ଏକାଧିଖ ୱେବିନାର ଆୟୋଜନ କରିଛନ୍ତି । ବିଦ୍ୟାର୍ଥୀଙ୍କୁ ସୁସ୍ଥ ଓ ପରିବେଶ ଅନୁକୂଳ ଜୀବନଶୈଳୀ ପାଇଁ ପ୍ରୋତ୍ସାହିତ କରିବାକୁ ସେ ନିଜ ସ୍କୁଲରେ ବାଇସାଇକେଲ ବ୍ରିଗେଡ୍ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି ।



## ଜିଲ୍ଲାରେ ୧୪ ନୂଆ ଡାକ୍ତରଙ୍କୁ ମିଳିଲା ନିଯୁକ୍ତି

ଅନୁଗୁଳ: ଅନୁଗୁଳ ଜିଲ୍ଲାରେ ନିଯୁକ୍ତ ହେବେ ୧୪ ଜଣ ନୂଆଁ ଡାକ୍ତର । ସ୍ୱାସ୍ଥ୍ୟ ସେବାରେ ଅଧିକ ଉନ୍ନତି ପାଇଁ ରାଜ୍ୟ ସରକାର ଗତ ଶୁକ୍ରବାର ଓଡ଼ିଶାରେ ୩୫୮ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ଏହା ମଧ୍ୟରେ ଅନୁଗୁଳ ଜିଲ୍ଲାରେ ୧୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଅନୁଗୁଳ ଜିଲ୍ଲାର ବଇଣ୍ଡାରେ ଡାକ୍ତର ଓମକାର ନାଥ ସ୍ୱାଇଁ , ତାଳଚେରରେ ନୀଳେଶ ମହାରଣା, ପବିତ୍ରନଗରରେ ଶାଶ୍ୱତ ସୋମ୍ୟ ଶାସମଲ, କଣିହାଁରେ ଆଶିଷ କୁମାର ଦାସ, ପାଇକସାହିରେ ଅଦ୍ୟାଷା ମିଶ୍ର, ଗୁରୁଜାଙ୍ଗରେ ସୁଚିତ୍ରା ପତି, ପତାକାରେ ବିକାଶ ରଞ୍ଜନ ମିଶ୍ର, କିଶୋରନଗରରେ ସୁପରିତା ଶୁଭଦର୍ଶିନୀ, ପୁରୁଣାଗଡରେ ପଲ୍ଲବୀ ବେହେରା, ଜମରଡିହରେ ନନ୍ଦିତା ସାହୁ, ଗୋପାଳପ୍ରସାଦରେ ସ୍ୱର୍ଣ୍ଣ ପ୍ରିୟା ନାଏକ, ରଜଡଙ୍ଗରେ ସୋମ୍ୟ ରଞ୍ଜନ ବେହେରା ଏବଂ ମାଧପୁରରେ ଶିବଦତ୍ତ ପ୍ରଧାନ ଓ ଦିଶା ଦିବ୍ୟାସା ଭଳି ଦୁଇଜଣଙ୍କୁ ନିଯୁକ୍ତି ଦିଆଯାଇଛି ।

## ବିପଦ ସଂକୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି କୁନିକୁନି ଛାତ୍ରଛାତ୍ରୀ

ଗଜପତି, ରାଜ୍ୟ ସରକାର ବିଭିନ୍ନ ସମୟରେ ଆଦିବାସୀ ଅଧୁଷିତ ଜିଲ୍ଲା ଗୁଡ଼ିକର ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି । ହେଲେ ଏମିତି କିଛି ଜାଗା ମୋହନା ବ୍ଲକରେ ରହିଅଛି ଯାହାକି ତିନୋଟି ପଞ୍ଚାୟତର ୨୦ ଖଣ୍ଡ ଗ୍ରାମବାସୀ ବିପଦ ସଂକୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ରଛାତ୍ରୀ ଓ ଜନ ସାଧାରଣ । ଏ ହେଉଛି ଗଜପତି ଜିଲ୍ଲା ମୋହନା ବ୍ଲକ ଝରଣପୁର ଗାଁ ନିକଟରେ ଥିବା ଗାଜେଲ ନାଳର ଦୃଶ୍ୟ । ଚୁଡଙ୍ଗପୁର ପଞ୍ଚାୟତ ଶିଆଳିଲଟି, ଝରଣପୁରଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ନାଳ ରାସ୍ତା ଦେଇ ୨୦ରୁ ଉର୍ଦ୍ଧ୍ୱ ଗାଁର ହଜାର ହଜାର ଲୋକ ନିର୍ଭରଶୀଳ । ପୋଲ ନ ଥିବାରୁ ସ୍କୁଲ, ହାଟ, ବଜାର, ମେଡ଼ିକାଲ ସମେତ ସମସ୍ତ ସରକାରୀ କାମରେ ଲୋକେ ଯାତାୟତ ପାଇଁ ନାହି ନ ଥିବା ହଇରାଣ ହେଉଛନ୍ତି । ହେଲେ ଏହି ନାଳ ଉପରେ ପୋଲ ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ି ରହିଛି । ଯାହାକି ଉକ୍ତ ନାଳ ନିକଟରୁ ରାଇପଙ୍କା ଗ୍ରାମ ମାତ୍ର ୮କିମି ଏବଂ ରାୟଗଡ଼ା ଜିଲ୍ଲାର ପଦ୍ମପୁର ମୁଖ୍ୟ ବଜାର ୧୪କିମି । ଭଲ ରାସ୍ତା ଖଣ୍ଡେ ନାହିଁ କିନ୍ତୁ ମାଟି ରାସ୍ତା ହେଇଥିଲେ ମଧ୍ୟ ତିନୋଟି ନାଳ ଦେଇ ଯାତାୟାତ କରନ୍ତି ଅନେକ ଗ୍ରାମର ଲୋକେ । ଅନ୍ୟ ଜିଲ୍ଲାର ବ୍ୟବସାୟୀମାନେ ବର୍ଷା



ଦିନେ ଏଭଳି ରାସ୍ତା ଓ ପୋଲ ନଥିବାରୁ ଲୋକେ ଭରା ନାଳ ବହୁ କଷ୍ଟରେ ପାର ହେଉଥିବା ଦେଖା ଦେଇଛି । ଖାଲି ସେତିକି ନୁହେଁ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ଚୁଡଙ୍ଗପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କିମ୍ବା ମୋହନା ମେଡିକାଲକୁ ଆଣିବାକୁ ହେଲେ ଦୋଳା କରି ବୋହି ଆଣନ୍ତି ଗ୍ରାମବାସୀ । ଏଭଳି ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ, ଗର୍ଭବତୀ ମହିଳା,ବରିଷ୍ଠ ନାଗରିକ ଓ ଛାତ୍ର ଛାତ୍ରୀ । ତେଣୁ ତୁରନ୍ତ ଏହି ପୋଲ ନିର୍ମାଣ କାମ କରିବା ସହ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ କେଶରୀ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ତୁରନ୍ତ ବ୍ଲକ୍ ପ୍ରଶାସନକୁ କହି ପୋଲର ଉଭୟ ପଟ ରାସ୍ତା କାମ କରାଯିବ ଏବଂ ବିଶେଷ କରି ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି ।

## ୨୨କେଜି ଗଞ୍ଜେଇ ସହ ବାଇକ୍ ଜବତ, ଜଣେ ଗିରଫ

ବୈପାରିଗୁଡାର,**୨୫/୭(ନି.ପ୍ର):** କୋରାପୁଟ ଜିଲ୍ଲା ବୈପାରିଗୁଡାର ବ୍ଲକ ଅନ୍ତର୍ଗତ ବୁରୁଡି ପୁଟ ଗ୍ରାମର ଗୋବିନ୍ଦ ପାଙ୍ଗୀ ବୟଷ(୨୪)ବର୍ଷ ବାଇକ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ବେଳେ ବୈପାରିଗୁଡା ପୋଲିସ ୨୨କେଜି ଗଞ୍ଜେଇ ସହ ବାଇକ୍ ଜବତ କରିଛି । ଏଥିସହ ଜଣକୁ ଗିରଫ କରିଛି ବୈପାରିଗୁଡା ପୋଲିସ । ସୂଚନା ଅନୁଯାୟୀ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ ଏକ ପୋଲିସ ଟିମ ସହ ପାଟ୍ରୋଲିଂ କରୁଥିବା ସମୟରେ କେନ୍ଦୁପଡା ଦେଇ ବିରଖମ୍ବ ଛକଠାରେ ବାଇକ୍ ଓଆର-୧୦ସି,୭୭୨୮ ବାଇକ୍ ରେ ଗଞ୍ଜେଇ ଯାଉଥିବା ର ସନ୍ଦେହ କରି ଅଟେକେଇ ଥିଲା ବୈପାରିଗୁଡା ପୋଲିସ । ଏହା ପରେ ପୋଲିସ ଗାଡି ଓ ଗଞ୍ଜେଇ ଜବତ କରିବା ସହ ଚାଲାଣ କାରିକୁ ଥାନାକୁ ନେଇ ଯାଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ବୁରଡି ପୁଟର ଗୋବିନ୍ଦ ପାଙ୍ଗୀ ବୟଷ (୨୪) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ । ଏହି ପାଟ୍ରୋଲିଂ ସମୟରେ ବିଷ୍ଣୁ ସବର, ଔଦାସରଥି, ପ୍ରମୁଖ ଗଞ୍ଜେଇ ଜବତ କରିବାରେ ସହଯୋଗ କରିଥିଲେ ।

## ବିଶାଳ ମାଗଣା ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ

ଆଳି **୨୫/୭(ନି.ପ୍ର):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କଳସପୁର ପଞ୍ଚାୟତ ପରିସରରେ ଜୀବନ ଜ୍ୟୋତି ହସ୍ପିଟାଲ(ଖୋର୍ଦ୍ଧା )ଆନୁକୂଲ୍ୟରେ ଏକ ମାଗଣା ଅସ୍ତ୍ରୋପଚାର ଶିବିର ଆୟୋଜିତ ହୋଇଥିଲା ବେଳେ ଏହି ଶିବିରରେ ସର୍ଜରୀ ସ୍ପେସିଆଲିଷ୍ଟ ଡ଼ଃ ସଞ୍ଜୟ ରାୟ ଓ ଅନ୍ୟ ସର୍ଜରୀଆନ ମାନେ ଯୋଗ ଦେଇ ବିଭିନ୍ନ ରୋଗୀମାନଙ୍କ ଅପରେସନ ସମସ୍ୟା ମାନ ନିରାକରଣ କରିବା ସହିତ ଆବଶ୍ୟକ ଔଷଧ ଓ ଅନ୍ୟନ୍ୟ ସାମଗ୍ରୀ ରୋଗୀମାନଙ୍କୁ ବିତରଣ କରିଥିଲେ । ଏହି ଶିବିରକୁ କଳସପୁର ପଂଚାୟତ ସରପଞ୍ଚ ସୁଧୀର ମଳିକଙ୍କ ସମେତ ପୂର୍ବତନ ସରପଞ୍ଚ ରତ୍ନକାନ୍ତ ନାୟକ, ବିକାଶ ଜେନା, ମାନଗୋବିନ୍ଦ ଦାସ, ଅଭିମନ୍ୟୁ ଦାସ, ଚିରଞ୍ଜୀବ ନାୟକ, ସମ୍ବିତ ନାୟକ,ପରମେଶ୍ୱର ମଳିକ, ଅନିଲ ଜେନା ପ୍ରମୁଖ ସଦସ୍ୟ ମାନଙ୍କ ସହ ପଂଚାୟତର ଛାମୁଆଁ କର୍ମୀ ମାନେ ପରିଚାଳନା କରିଥିଲେ ।

## ଦଶମନ୍ତପୁର ୫-ଟି ସ୍କୁଲରେ ନିମ୍ନମାନର କାର୍ଯ୍ୟ: ତଦନ୍ତ ଦାବି

- ଫଟା କାନ୍ଥରୁ ବାହାରୁଛି ଦୁର୍ନୀତିର ଦୁର୍ଗନ୍ଧ
- ଠିକାଦାର ବନାମ କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା

ଦଶମନ୍ତପୁର,: କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଥିବା କେତେକ ସରକାରୀ ଉଚ୍ଚ ଏବଂ ଉନ୍ନତି ଉଚ୍ଚ ବିଦ୍ୟାଳୟ ଗୁଡ଼ିକୁ ୫-ଟି ସ୍କୁଲରେ ସାମିଲ କରାଯାଇଛି । ଏହି ସ୍କୁଲ ଗୁଡିକର ରୂପାନ୍ତରିତ କରିବା ଲାଗି ସରକାର ପକ୍ଷରୁ ୪୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି । ସେହି ଟଙ୍କାରେ ସ୍କୁଲର ଉନ୍ନତି କାମ କରି ପିଲାଙ୍କ ପ୍ରଶିକ୍ଷଣ ସାମଗ୍ରୀ କିଣିବା ନିୟମ ଅଛି । ହେଲେ ଏହି ବ୍ଲକରେ ଏହାର ବ୍ୟତିକ୍ରମ କାର୍ଯ୍ୟ ଗୁଡ଼ିକ ଦେଖିବାକୁ ମିଳିଛି । ଠିକାଦାର ବନାମ ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନେ ନିମ୍ନମାନର କାମ କରି ମାଲା ମାଲ୍ ହେଉଥିବା ସ୍ଥାନୀୟ ଅଞ୍ଚଳର ଜନପ୍ରତିନିଧି ମାନେ ଅଭିଯୋଗ କରିଛନ୍ତି ।

ସେମାନେ କହିଛନ୍ତି ଯେ ପୁରୁଣା ଫଟା କାନ୍ଥରେ ଚୂନ ଲେପିବା ସହିତ ନିମ୍ନମାନର ଫ୍ଲାଏ ବର୍ଡ ପଟା ଗୁଡ଼ିକ ଆଣି ସେଥିରେ ସିଲିଂ କାମ ଶେଷ କରୁଛନ୍ତି । ଏହି କାମ ଗୁଡିକ ବର୍ଷେ ବଦଳ ରେ ୬ ମାସ ମଧ ଯିବା କଷ୍ଟକର । ଏହାର ଏକ ନଗ୍ନ ଉଦାହରଣ ହେଉଛି ଏ ମାଲକାନଗିରି ପଞ୍ଚାୟତ ସଦରମହକୁମା ଠାରେ ଥିବା ଉନ୍ନତି ଉଚ୍ଚ ବିଦ୍ୟାଳୟ । ଏହି ବିଦ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ନିଜେ ଠିକାଦାର ଭାବେ ଜଣକୁ ସୁପର ଭାଇଜର ଭାବେ କାମ କରୁଥିଲେ । ଫଟା କାନ୍ଥରେ ଚୂନ ମାରି ବିଲ୍ ଟଙ୍କା ହଡ଼ପ କରିଥିବା ସରପଞ୍ଚ କୁମୁଟି ଜାନୀ ଓ ସମିତି ସଭ୍ୟ ନରସିଂହ କୁଳଦିପ୍ ପ୍ରକାଶ କରିଛନ୍ତି । ସ୍କୁଲ ବାରଣ୍ଡାରେ ଅଳ୍ପ ଅଳ୍ପ ଆଖି ଦୃଶିଆ କାମ କରି ଭିତରେ ଦୁର୍ନୀତି କରି ଚାଲିଛନ୍ତି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି । କେବଳ ସେତିକି ନୁହେଁ ଏହାଠାରୁ ଅଧିକ ନିମ୍ନ ମାନର କାମ ହେଉଛି ଗିର୍ଲିଗୁମା ୫-ଟି ସ୍କୁଲ । ଏବେ ଠାରୁ ଭାଙ୍ଗି ପଡି ନଷ୍ଟ ହେଲାଣି ପାଇଖାନା ଗୁଡ଼ିକର କବାଟ । ଏହି ସ୍ମାର୍ଟ ସ୍କୁଲରେ ନାଁ ଅଛି ପାନୀୟ ଜଳ ସୁବିଧା, ନାଁ




ଅଛି ପିଲାଙ୍କ ପାଇଁ ପରୀକ୍ଷା ପାଠାଗାର । ସବୁ କେବଳ ସେତିକି ନୁହେଁ ଏଭଳି ନନ୍ଦିଗା, ମାଛପୁଟ , ଚିକାମ୍ବ ଭଳି କେତେକ ସ୍କୁଲ ମାନଙ୍କରେ କାନ୍ଥରେ ଚୂନ ଲେପି ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି କରୁଥିବା ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ବକୁଳ ଚନ୍ଦ୍ର ମୁର୍ମୁଙ୍କୁ ଯୋଗାଯୋଗ କରି ଥିଲୁ । ସେ କହିଥିଲେ ଯେ ଯାହା ନିୟମ ଅଛି ସେ ହା ହିଁ କରାଯାଇଛି । ଅଧିକା କ'ଣ କରିହେବ ବୋଲି ପ୍ରକାଶ କରିଛନ୍ତି । ପୁଣି ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିଥିଲୁ । ସେ କହିଥିଲେ ଯେ ସବୁ ସ୍କୁଲ ରେ ୩୮ ଲକ୍ଷ ଟଙ୍କା ଲେଖାଏଁ ରହିଥିଲା । ସେହି ଅନୁସାରେ କାମ ହୋଇଛି । ଯଦି ଯେଉଁଠି ଭାଙ୍ଗି ତ୍ରୁଟି ଯାଇଛି ତାହା ଆମ ଦଶ ନାହିଁ । ଗତ ଜୁନ ୧୦ ତାରିଖ ଦିନ ଉଦ୍‌ଯାପିତ ହେଲା ସେହି ଦିନଠାରୁ ସ୍କୁଲ ଦାୟିତ୍ୱ ବୋଲି ସଫେଇ ଦେଇଥିଲେ । ତୁରନ୍ତ ଏହାର ତଦନ୍ତ ପାଇଁ ସାଧାରଣରେ ଦାବି କରିଛନ୍ତି ।

## ସାର କଳାବଜାରକୁ ନେଇ ଖବର ପ୍ରସାରଣରେ ବିବାଦ ପ୍ରସଙ୍ଗ...

## ସାମ୍ବାଦିକଙ୍କ ନାମରେ ମିଥ୍ୟା ଏତଲା: ଗଣମାଧ୍ୟମର କଣ୍ଠରୋଧ ପାଇଁ ପ୍ରୟାସ

ନର୍ଲା: ସାରା ରାଜ୍ୟରେ ସାରର କଳାବଜାରକୁ ନେଇ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଟ୍ୱିଟକୁ ନେଇ ଏବେ ବିଧାନସଭାରେ ବୋବାଳ ହେଉଥିବା ବେଳେ ଏହା କେବଳ କୌଣସୀ ଗୋଟିଏ ସ୍ଥାନର ପ୍ରସଙ୍ଗ ହୋଇ ରହିନାହିଁ । ସାରା ରାଜ୍ୟରେ ଏଥିପାଇଁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । କଳାହାଣ୍ଡି ଜିଲ୍ଲା ରୁପ୍ରାରୋଡରେ ମଧ ଗତ ତିନିବର୍ଷ ତଳେ ସାର କଳାବଜାରି ପ୍ରସଙ୍ଗରେ ଜଣେ ସହକାରୀ କୃଷି ଅଧିକାରୀ ଓ ଏଓଙ୍କୁ ବାନ୍ଧି ରଖିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା । ଏହା ଆଜିକାର ପ୍ରସଙ୍ଗ ନୁହଁ ପ୍ରତିବର୍ଷ କେତେକ ସାର ବିକ୍ରେତା ଚାଷ ପୂର୍ବରୁ ସାର ଗଚ୍ଛିତ ରଖି କୃତ୍ରିମ ଅଭାବ ସୃଷ୍ଟି କରିଥାନ୍ତି । ଏବଂ ଚାଷୀଙ୍କ ବ୍ୟଗ୍ରତାକୁ ଦେଖି ବେଶ ଚଢ଼ାଦରରେ ବିକ୍ରୟ କରି ମାଲେମାଲ ହୋଇଥାନ୍ତି । ନର୍ଲାରେ ମଧ ଏଭଳି ପ୍ରସଙ୍ଗ ପ୍ରତିବର୍ଷ ଦେଖିବାକୁ ମିଳିଥାଏ । ବିଶେଷ କରି ୟୁରିଆ ସାରର କୃତ୍ରିମ ଅଭାବ ସୃଷ୍ଟି କରି ଦୁଇରୁ ଅଢେଇ ଗୁଣା ଦରରେ ସାର ବିକ୍ରୟ କରିଥାନ୍ତି ଅଧିକୃତ ବିକ୍ରେତା ମାନେ । ସାର ପ୍ରୟୋଗର ସମୟ ଗଡିଯାଉଥିବା ଦେଖି ନର୍ଲା ଅଞ୍ଚଳର ଚାଷୀ ବାଧ ହୋଇଥାନ୍ତି ଚଢ଼ା ଦରରେ ସାର କ୍ରୟ କରିବା ପାଇଁ । ୟୁରିଆ ସାରର ଅଭାବ ପାଇଁ ଅନେକ ସମୟରେ ନର୍ଲାର ଚାଷୀ ରାଜରାସ୍ତାକୁ




ଓହ୍ଲାଇଥିବା ନଜୀର ମଧ ରହିଛି । ହେଲେ କୌଣସୀ ସାର ଦୋକାନୀଙ୍କ ନାମ ଉଲ୍ଲେଖ ନକରି ଗତ କିଛିଦିନ ତଳେ ନର୍ଲାର ସାମ୍ବାଦିକ ରଞ୍ଜନ ମହାନ୍ତି ସାରର ଅଭାବି ଓ ଚଢ଼ାଦରରେ ବିକ୍ରୟକୁ ନେଇ ଖବର ପ୍ରସାରଣ କରିଥରଲେ । ନର୍ଲାର ଜନୈକ ଅଧିକୃତ ସାର ବିକ୍ରେତା ଆଲୋକ ଚାନ୍ଦ ଏହି ସାମୁହିକ ପ୍ରସଙ୍ଗକୁ ନିଜ ଦେହକୁ ନେଇ ଲାଞ୍ଜିଗଡ ବ୍ଲକର ଦଳେ ପ୍ରାୟୋଜିତ ଅଣଚାଷୀଙ୍କୁ ଉତ୍ତେଜନା ଦେଇ ସାମ୍ବାଦିକ ରଞ୍ଜନ ମହାନ୍ତିଙ୍କ ନାମରେ ନର୍ଲା ଥାନାରେ ଏତେଲା ଦେଇଥିଲେ । ହାସ୍ୟାପଦ କଥା ଏଇ ଯେ ସେହି ପ୍ରାୟୋଜିତ ଅଣ ଚାଷୀମାନେ ନିଜେ ଜାଣିନଥିଲେ ଯେ ସେମାନେ ରଞ୍ଜନ ମହାନ୍ତିଙ୍କ ନାମରେ କାହିଁକି ଏତେଲା ଦେଉଛନ୍ତି ? ଉକ୍ତ ଅଧିକୃତ ସାର ବିକେତା ଆଲୋକ ଚାନ୍ଦଙ୍କ ନିକଟରେ ଗୋଟିଏ ସପ୍ତାହ ହୋଇଗଲା ସାର ଗଚ୍ଛିତ ନଥିବା ସତ୍ତ୍ୱେ ସେ ସେହି ପ୍ରାୟୋଜିତ ଅଣ ଚାଷୀ ମାନଙ୍କୁ କହିଲେ ମୁଁ ଆଉ ଆପଣ ମାନଙ୍କୁ ସାର ବିକ୍ରୟ କରିବି ନାହିଁ । ସାମ୍ବାଦିକ ରଞ୍ଜନ ମହାନ୍ତି ଚଢ଼ାଦରରେ ସାର କିକ୍ରୀ କରୁଥିବା ଖବର ପ୍ରକାଶନ କରି ମୋତେ ବଦନାମ କରୁଛି । ଏଣୁ ଆପଣ ମାନେ ଯଦି ସାମ୍ବାଦିକ ରଞ୍ଜନ ମହାନ୍ତିଙ୍କ ନାମରେ ଥାନାରେ ଏତେଲା ଦେବେ ତାହେଲେ ମୁଁ ଆପଣ ମାନଙ୍କୁ ସାର ବିକ୍ରୟ କରିବି ବୋଲି । ଚାଷୀ ଅଧିକୃତ ବିକ୍ରେତା ଆଲୋକ ଚାନ୍ଦଙ୍କ କଥାରେ ପଡି ବାଧ ବାଧକତାରେ ସାମ୍ବାଦିକ ଶ୍ରୀ ମହାନ୍ତିଙ୍କ ନାମରେ ନର୍ଲା ଥାନାରେ ଏତେଲା ଦାଏର କଲେ । କିଛି ନିରୀହ ଚାଷୀ ଏବଂ ପ୍ରାୟୋଜିତ ଚାଷୀ ଜାଣି ପାରିଲେ ନାହିଁ ଅଧିକୃତ ବିକ୍ରେତା ଶ୍ରୀ ଚାନ୍ଦଙ୍କ ଷଡଯନ୍ତ୍ର । ତିନିବର୍ଷ ତଳେ ନର୍ଲା କୃଷି ବିଭାଗ ଆମ୍ବାର ଅଧକ୍ଷ ଭାବରେ ନିଜକୁ ଅବସ୍ଥାପିତ କରି ଦୁର୍ନୀତିଖୋର ବିବାଦୀୟା ନର୍ଲା ସହକାରୀ କୃଷି ଅଧିକାରୀଣି ଶିବାନୀ ପ୍ରଧାନଙ୍କ ସହ ମିଶି ଚାଷୀଙ୍କ ଅର୍ଥକୁ ଆତ୍ମସାତ କରି ସାରିଲେଣି । ଏବେ ଉକ୍ତ ଚାଷୀ ମାନେ ଚଢ଼ାଦରରେ ସାର କିଣି ସମସ୍ତ ପ୍ରସଙ୍ଗ ଜାଣି ପାରୁଛନ୍ତି । ଯେ କିଏ ଠିକ୍ ଆଉ କିଏ ଭୁଲ । ନେଡିଗୁଡ କହୁଣିକୁ ବୋହିଗଲାଣି । ଏବେ ପ୍ରକୃତ ଚାଷୀ ସେମାନେ ଅଭାବୀ ସାରର ପ୍ରକୃତ ରହସ୍ୟ ଜାଣି ପାରିଛନ୍ତି । ପ୍ରତିବର୍ଷ ଅନ୍ଧ ଭାବରେ ଅଧିକୃତ ସାର ବିକ୍ରେତାଙ୍କ କଥାରେ ପଡି ଚଢ଼ାଦରରେ ସାର କିଣି ଋଣ ବୋଝରେ ଷଡୁଛନ୍ତି । ସାର କଳାବଜାରିର କଳା କାରନାମା ଜଣିପାରି ନର୍ଲା ଅଞ୍ଚଳର ପ୍ରକୃତ ଚାଷୀ ଏବେ ଅଧିକୃତ ସାର ବିକ୍ରେତା ଆଲୋକ ଚାନ୍ଦଙ୍କ ବିରୁଦ୍ଧରେ ଆନ୍ଦୋଳନ ପାଇଁ ଅଣ୍ଟା ଭିଡୁଥିବା ଜାଣିବାକୁ ମିଳୁଛି । ଆଉ ଅଧିକୃତ ସାର ବିକ୍ରେତା ଆଲୋକ ଚାନ୍ଦଙ୍କ ଦ୍ୱାରା ପ୍ରାୟୋଜିତ ଅଣଚାଷୀ ଏବେ ମୁହଁ ଲୁଚାଇବା ଆରମ୍ଭ କଲେଣି ବୋଲି ଚାଷୀ ମହଲରେ ଆଲୋଚନା ଜୋର ଧରିଛି । ।

## ଶେଷ ସମିତି ନିର୍ବାଚନରେ ୧୫ଟି ସଭ୍ୟପଦ ପୋଛିନେଲା ବିଜେପି

ଧାମନଗର,: ଧାମନଗର ବ୍ଲକ ଅନ୍ତର୍ଗତ ୧୨ଟି ସେବା ସମବାୟ ସମିତି ମଧ୍ୟରୁ ୨ଟି ପର୍ଯ୍ୟାୟରେ ୧୧ଟି ସେବାସମବାୟ ସମିତିର ପରିଚାଳନା ପରିଷଦ ସଭ୍ୟ ନିର୍ବାଚନ ଶେଷ ହୋଇଛି । ୧୦ଟି ସମିତିରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ସଭାପତି ଓ ଉପ-ସଭାପତି ପଦ ହାତେଇଥିବା ବେଳେ ଦୋବଲ ସମିତିରେ ବିଜେଡ଼ି ସମର୍ଥିତ ପ୍ରାର୍ଥୀ ସଭାପତି ଓ ବିଜେପି ସମର୍ଥିତ ପ୍ରାର୍ଥିନୀ ଉପ- ସଭାପତି ପଦ ଦଖଲ କରିଥିଲେ । ବାରମ୍ବାର ବିଶୃଙ୍ଖଳା ଓ ଧାରଣା ପାଇଁ ଧାମନଗର ସେବା ସମବାୟ ସମିତିରେ ପରିଚାଳନା ପରିଷଦ ସଭ୍ୟପାଇଁ ନିର୍ବାଚନ ସ୍ଥଗିତ ଥିବାବେଳେ ଜୁଲାଇ ୨୪ତାରିଖ ନିର୍ବାଚନ ହୋଇଥିଲା । ପୂର୍ବରୁ ୬ ଓ ୯ ନମ୍ବର ଜୋନ୍‌ର ବିଜେପି ସମର୍ଥିତ ସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱିଭାବେ ନିର୍ବାଚିତ ହୋଇଥିବାବେଳେ ଆଜି ଅବଶିଷ୍ଟ ୧୩ଟି ଯାକ ଜୋନ୍‌ର ନିର୍ବାଚନରେ ବିଜେପିର ସମର୍ଥିତ ସଭ୍ୟସଭ୍ୟା ପ୍ରାର୍ଥୀମାନେ ବିଜୟୀ ହୋଇଥିବା ସମ୍ପୃକ୍ତ ସମିତିର ନିର୍ବାଚନ ଅଧିକାରୀ ବିକ୍ରମ ସାହୁଙ୍କ ସୂତ୍ରରୁ ଜଣାଯାଇଛି । ନିର୍ବାଚନରେ ଶ୍ରୀ ଜଗନ୍ନାଥ ସମିତିର ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ, ରାଧାଶ୍ୟାମ ପଣ୍ଡା ପ୍ରିଜାଇଡ଼ିଂ ଅଫିସର ଭାବେ ଯୋଗଦେଇ ଥିବାବେଳେ ଭାଗିରଥି ବଳ, ସନ୍ଦୀପ ବିଶ୍ୱାଳ, ହିକ୍‌ମତ୍ ଅଲ୍ଲୀ, ସୁକାନ୍ତ ଲେଙ୍କା, ପ୍ରଶାନ୍ତ ରାଉତ ପ୍ରମୁଖ ପୁଲିଂ ଅଫିସର ଭାବେ ଯୋଗଦେଇଥିଲେ । ବ୍ଲକ ସମବାୟ ନିର୍ବାଚନ ସେକ୍ଟର ଅଫିସର ମୃତ୍ୟୁଞ୍ଜୟ ପଣ୍ଡା, ଭାରପ୍ରାପ୍ତ ସମ୍ପାଦିକା ସ୍ୱାଗତିକା ରାଉତ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ । ବିଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେଡ଼ି ଆଶାତୀତ ସଫଳତା ସହ ବ୍ଲକ ଓ ପୌର ନିର୍ବାଚନରେ ଧାମନଗର ଏନ୍‌ଏସି ଦଖଲ କରିଥିବାବେଳେ ତା'ର କରିସ୍ମା ଧାମନଗର ସେବା ସମବାୟ ସମିତିରେ ଦେଖିବାକୁ ମିଳିଲା ନାହିଁ ।

## ଶିଶିରଣା - ବାଳମୁକୁଳି ପୂର୍ତ୍ତ ରାସ୍ତାରେ କୃତ୍ରିମ ଜଙ୍ଗଲ


ଯାଜପୁର, ;ବିଞ୍ଝାରପୁର ବ୍ଲକର ଅନ୍ୟତମ ବ୍ୟବସାୟିକ ପେଣ୍ଠ ବାଳମୁକୁଳି ହାଟରୁ ଶିଶିରଣା ଗ୍ରାମ ଦେଇ ପୂର୍ତ୍ତ ବିଭାଗର ଏକ ରାସ୍ତା ଗୁହାଳି ଦେଇ କପିଳା ଓ ଅନ୍ୟଟି ପ୍ରୀତିପୁରକୁ ସଂଯୋଗ କରିଛି । ଏହି ରାସ୍ତାଟିକୁ ପୂର୍ତ୍ତ ବିଭାଗ ଗତ କିଛିଦିନ ହେବ ହାତକୁ ନେଇଛନ୍ତି । ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛର ଏକ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଯାଇଛି । ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନଙ୍କର ନଜର ଏହି ରାସ୍ତା ଉପରେ ରହୁନଥିବାରୁ ଏହାକୁ ପରିଷ୍କାର କରାଯାଉନାହିଁ । ଫଳ ସ୍ୱରୂପ ରାସ୍ତା କଡର ଏହି ବୁଦା ବିଷକ୍ତ ସାପ ଓ ସରୀସୃପଙ୍କର ଆଶ୍ରୟସ୍ଥଳୀରେ ପରିଣତ ହେଲାଣି ରାତିରେ ଲୋକେ ଏହି ରାସ୍ତାରେ ଯାତାୟାତ କରିବାକୁ ଭୟଭୀତ ହେଲେଣି । ଏହାଛଡା ରାସ୍ତାର ପଂଚଫୁଟ ଭିତରକୁ ଏହି ଗଛ ଗୁଡିକ ବଢି ଆସିଥିବାରୁ ଏକାଧିକ ଦୁର୍ଘଟଣା ମଧ୍ୟ ଘଟିଲାଣି । ରାସ୍ତା କଡକୁ ବିଭାଗୀୟ ଅଧିକାରୀ ସଫା କରିବା ନିମନ୍ତ କୃଷକ ନେତା ବୀରଭଦ୍ର ସାମଲ, ସମାଜସେବୀ ନିରଞ୍ଜନ ପାତ୍ର, ପ୍ରଶାନ୍ତ ନାୟକ, ଅକ୍ଷୟ ମଲ୍ଲିକ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ବେହେରା, ରବିନାରାୟଣ ପାତ୍ର ପ୍ରମୁଖ ଦାବୀ କରିଛନ୍ତି ।

## ଗଛ ପଡି ରାସ୍ତା ଅବରୋଧ

ମାଲକାନଗିରି, ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ଠାରେ ଗଛ ପଡି ରାସ୍ତା ଅବରୋଧ ହେବା ଫଳରେ ଶହ ଶହ ସଂଖ୍ୟକ ଗାଡି ଅଟକି ରହିଛି। ତଥ୍ୟ ମୁତାବକ ଆଜି ସକାଳୁ ପ୍ରବଳ ବର୍ଷା ହେବା ଯୋଗୁଁ ଗୋବିନ୍ଦପାଲ୍ଲୀ ଘାଟିରେ ଏକ ବିରାଟ ଗଛ ରାସ୍ତା ଉପରେ ପଡି ଯିବାରୁ ରାସ୍ତା ଅବରୋଧ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱର୍ରେ ବହୁ ଜାନବାହାନ ଅଟକି ରହିଥଇବା ଦେଖିବାକୁ ମିଳିଥିଲା । ଖବର ପାଇ ମାଥିଲି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗଛକୁ କାଟି ରାସ୍ତାରୁ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା । ଗଛ ପଡିବା ଯୋଗୁଁ ବହୁ ଜାନବାହାନ ରାସ୍ତା ଉପରେ ଅଟକି ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସହ ପ୍ରାୟ ୩ ଘଣ୍ଟା ଧରି ଜୟପୁର ରୁ ମାଲକାନଗିରି ଯାତାୟାତ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା ।

## ଡାକ୍ତରଙ୍କଠାରୁ କୋଟିଏ ଟଙ୍କା ଠକେଇ ଅଭିଯୋଗରେ ଜଣେ ଗିରଫ

ଅନୁଗୁଳ,:ଅନୁଗୁଳ ଜିଲ୍ଲାମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଗୌରୀଶଙ୍କର ବଳ ପୁଅକୁ ମେଡିକାଲ କଲେଜରେ ପାଠ ପଢ଼ାଇ ବଡ଼ ଡାକ୍ତର କରାଇବା ଆଶାରେ ବଡ଼ଧରଣର ଠକେଇର ଶିକାର ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ମର୍ଶାଘାଇ ଥାନା ଶିଳିପୁର ଗାଁର କ୍ୟାରିୟର କନ୍‌ସଲ୍‌ଟାଣ୍ଟ ହୀରକ କୁମାର ପରିଡ଼ା ଏହି ଠକେଇ କରିଥିବା ଡାକ୍ତର ବଳ ଅଭିଯୋଗ କରିଛନ୍ତି । ଥରଥର ସେ ତାଙ୍କଠାରୁ କୋଟିଏ ଟଙ୍କା ନେଇଥିବା ବେଳେ ଟଙ୍କା ଫେରସ୍ତ ନ ହେବାରୁ ଦୀର୍ଘ ୫ବର୍ଷ ପରେ ଡାକ୍ତର ଶ୍ରୀ ବଳ ଏତଲା ଦେଇଥିଲେ । ଏହି ଘଟଣାରେ ଆଜି ପୁଲିସ ହୀରକ କୁମାର ପରିଡାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାର ସୁନାମଧନ୍ୟ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଗୌରୀଶଙ୍କର ବଳ ତାଙ୍କ ପୁଅର ଉଚ୍ଚ ଶିକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମର୍ଶାଘାଇ ଥାନା ଶିଳିପୁର ଗାଁର କ୍ୟାରିୟର କନ୍‌ସଲ୍‌ଟାଣ୍ଟ ହୀରକ କୁମାର ପରିଡ଼ାଙ୍କୁ



କୋଟିଏ ଟଙ୍କା ଦେଇଥିଲେ । ତେବେ ଟଙ୍କା ନେବା ପରେ ମଧ ହୀରକ ଦେଶର ଏକ ଖ୍ୟାତନାମ କଲେଜରେ ଡାକ୍ତରଙ୍କ ପୁଅ ଦେବୀ ପ୍ରସନ୍ନ ବଳଙ୍କ ନାମ ଲେଖାଇ ପରି ନଥିଲେ । ଏହାପରେ ଡାକ୍ତର ବଳ ତାଙ୍କ ଟଙ୍କା ଫେରାଇବାକୁ ଯେତେ କହିଥିଲେ ମଧ ହୀରକ ଟଙ୍କା ଫେରାଇ ନଥିଲେ । ଏଥିପାଇଁ ଡାକ୍ତର ବଳ ଅନୁଗୁଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଆଧାରରେ ଅନୁଗୁଳ ପୁଲିସ ଆଜି ହୀରକ କୁମାର ପରିଡାଙ୍କୁ ଗିରଫ କରିଛି । ହୀରକ ଟଙ୍କା ନେଇଥିବା କଥା ସ୍ୱୀକାର କରିଥିବା ସୂଚନା ମିଳିଛି । ତେବେ ଯେ କେବଳ ଡାକ୍ତର ବଳଙ୍କ ଠାରେ ସେ ଏଭଳି ଟଙ୍କା ନେଇଛନ୍ତି ତା ନୁହେଁ । ଅନୁଗୁଳର ଶ୍ରୀନିବାସ ସାହୁ ନାମକ ଆଉ ଜଣେ ବ୍ୟକ୍ତି ମଧ ଆଜି ଅନୁଗୁଳ ଥାନାରେ ଅଭିଯୋଗ କରିଛନ୍ତି ଯେ ୨୦୧୭ ମସିହାରେ ତାଙ୍କ ଝିଅର ପିଜି ଆଡମିସନ ପାଇଁ ହୀରକ ତାଙ୍କ ଠାରୁ ୨୦ ଲକ୍ଷ ଟଙ୍କା ନେଇଥିବା ବେଳେ ଟଙ୍କା ଫେରାଉ ନାହାନ୍ତି । ପୁଲିସ ଉଭୟ ଅଭିଯୋଗ ଆଧାରରେ ଆଜି ହିରକଙ୍କୁ ୪୨୦ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କ ଠାରୁ ଏକ ମୋବାଇଲ ଏବଂ ଏକ ଲାପଟପ ମଧ ଜବତ କରା ଯାଇଛି । କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଛି । ତେବେ ପୁଲିସ ହିରାକଙ୍କ ଠାରୁ ଅଧିକ ତଥ୍ୟ ପାଇଁ ୨ ଦିନିଆ ରିମାଣ୍ଡ ଆବେଦନ କରିବା ବୋଲି ଜଣାପଡିଛି ।

## ମୃତ ଷଣ୍ଢକୁ ନେଇ ସତ୍କାର କଲେ ବଜରଙ୍ଗ ଦଳର କର୍ମକର୍ତ୍ତା

ଚଣ୍ଡିଖୋଲ, ଚଣ୍ଡିଖୋଲରୁ ଡୁବୁରୀ ଜାତୀୟ ରାଜପଥର ସୁଭଦ୍ରାପୁର ଛକରେ ଗତକାଲି ରାତିରେ ଏକ ଗାଡି ଧକ୍କା ଦେବା ଫଳରେ ଏକ ଷଣ୍ଢର ମୃତ୍ୟୁ ହୋଇଯାଇଥିଲା ।ଆଜି ସକାଳ ୮ଟା ପର୍ଯ୍ୟନ୍ତ ଶଣ୍ଢଟି ଜାତୀୟ ରାଜପଥ ଉପରେ ପଡିଥିଲେ ମଧ କେହି ସେଥିପ୍ରତି ଦୃଷ୍ଟି ଦେଇ ନଥିଲେ ।କିନ୍ତୁ ଚଣ୍ଡିଖୋଲ ଶାଖା ବଜରଙ୍ଗ ଦଳର କର୍ମି ମାନେ ଖବର ପାଇ ତୁରନ୍ତ ସେଠାରେ ପହଞ୍ଚିଥିଲେ ।ଏକ ଜେସିବି ସାହାର୍ଯ୍ୟରେ ଶଣ୍ଢକୁ ଉଠାଇ ନିକଟରେ ଥିବା ବାରୁଣୀବନ୍ତ ପର୍ବତର ପାଦ ଦେଶରେ ଗାତ ଖୋଳି ଫୁଲ ସିନ୍ଦୁର ଦେଇ ଶଣ୍ଢକୁ ପୋତି ଦେଇଥିଲେ । ଏହି ମହତ କାର୍ଯ୍ୟରେ ସାମିଲ ଥିଲେ ବଜରଙ୍ଗ ଦଳର ସୁଚନା ପ୍ରଚାରକ ଅଜୟ ଜେନା,ପ୍ରଦିପ ସାହୁ,ଶେଷଦେବ ସ୍ୱାଇଁ,ସନ୍ତୁ ଜେନା, କ୍ରିତି ରଂଜନ ରାଉତ,ରବି ଶଙ୍କର ଗର୍ଗ ପ୍ରମୁଖଙ୍କ ଏହି ମହତ କାର୍ଯ୍ୟ କରିଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ ।

## ଲଚ୍ଛମନ ବାଲାଜୀଉ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ଯୋଗ ଶିବିର

ଯାଜପୁର,ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଳୋଠାରେ ଅବସ୍ଥିତ ଲଚ୍ଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜୟଦେବ ଥାଟୋଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ଶିବିରରେ ଯୋଗ ଦେଇ ଯୋଗାଭ୍ୟାସର କୌଶଳ ଶିକ୍ଷା କରିଥିଲେ ।

### ୧୭ ଗୋଟି ରାଜନୈତିକ ଚିଠାପ୍ରସ୍ତାବ ଆଲୋଚନା

# ଜିଲ୍ଲାରେ ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ବେକାରି ସମସ୍ୟା ନେଇ ଉଦ୍‌ବେଗ

ବୌଦ୍ଧ, ୨୬।୭ : ବୌଦ୍ଧ ବିଜେପିର ଜିଲା କାର୍ଯ୍ୟକାରିଣୀ ବୈଠକ ବୌଦ୍ଧ ଟାଉନହଲଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୭ ଗୋଟି ରାଜନୈତିକ ଚିଠା ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯିବା ସହିତ ଆଗାମୀ ଦିନରେ ଦଳୀୟ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା । ପ୍ରାରମ୍ଭରେ ଜିଲା ସଭାପତି ଶ୍ରୀମହାନ୍ତି ଜିଲାରେ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଓ ଦଳୀୟ ସଂଗଠନ ସ୍ଥିତି ନେଇ ସୂଚନା ପ୍ରଦାନ କରିଥିଲେ ।

ବୈଠକରେ ଅତିଥି ଭାବରେ ରାଜ୍ୟ ବିଜେପି ସଂଗଠନ ମହାମନ୍ତ୍ରୀ ମାନସ କୁମାର ମହାନ୍ତି ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଗ୍ରାମକୁ ଯାଇ ସିଧାସଳଖ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିବା ସହିତ କେନ୍ଦ୍ରରେ ବିଜେପି କ୍ଷମତାକୁ ଆସିବାପରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ତାହାର ସଫଳତା ସଂପର୍କରେ ଲୋକଙ୍କୁ ବୁଝାଇବାକୁ ପରାମର୍ଶ ଦେଇଥିଲେ । ଆଗାମୀ ନିର୍ବାଚନ ପାଇଁ ଦଳ ତୃଣମୂଳସ୍ତରରେ ସାଂଗଠନିକ ଶକ୍ତି ବୃଦ୍ଧି କରିବା ଉପରେ ଶ୍ରୀମହାନ୍ତି ଗୁରୁତ୍ୱାରୋପ କରିଥିଲେ । ଦୀର୍ଘବର୍ଷ ହେଲାରେ ରାଜ୍ୟରେ



ବିଜେଡି ସରକାର କ୍ଷମତାରେ ଥିଲେ ମଧ୍ୟ ଆଜି ଜିଲାସ୍ତରରେ ପ୍ରାଥମିକ ଓ ଉଚ୍ଚ ଶିକ୍ଷା ବ୍ୟବସ୍ଥା ଭୁଷୁଡି ସାରିଥିବାବେଳେ ବିଦ୍ୟାଳୟ ରୂପାନ୍ତରୀଣ ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଯାଇଛି । ସେହିପରି ଜିଲାର ସ୍ୱାସ୍ଥ୍ୟସେବା ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଜିଲା ଗଠନର ୨୭ବର୍ଷ ପରେ ମଧ୍ୟ ଜିଲାବାସୀ ସ୍ୱାସ୍ଥ୍ୟସେବା ପାଇଁ ପଡୋଶୀ ଜିଲା ଉପରେ ନିର୍ଭରଶୀଳ । ଜିଲାରେ ନିଯୁକ୍ତିର କୌଣସି ସୁଯୋଗ ନଥିବାବେଳେ ବେକାରୀ ସମସ୍ୟା ଉଦବେଗଜନକ ପରିସ୍ଥିତିରେ ପହଞ୍ଚି ସାରିଲାଣି । ଲୋକଙ୍କ ମୌଳିକ ସମସ୍ୟା ଗୁଡିକର ସମାଧାନ ହୋଇପାରୁନଥିବାରୁ ବୈଠକରେ ବିଜେପି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହିତ ଆଗାମୀ ଦିନରେ ଲୋକଙ୍କ ସମସ୍ୟାକୁ ନେଇ ଦଳ ଲଢେଇ କରିବାକୁ ମତପ୍ରକାଶ ପାଇଥିଲା । ଜିଲାର ପ୍ରମୁଖ ଦାବୀ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତରୁ ଉଚ୍ଚରାଞ୍ଚଳ ରାଜସ୍ୱ ଆୟୁକ୍ତକୁ ତୁରନ୍ତ ପରିବର୍ତ୍ତନ କରାଯିବା ସହିତ ମହାନଦୀରେ ଦେଖାଦେଇଥିବା ଜଳ ସଙ୍କଟର ସମାଧାନ ପାଇଁ ବ୍ୟାରେଜ ନିର୍ମାଣ କରାଯିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ସରକାରଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହାବ୍ୟତୀତ ଚାଷୀମାନଙ୍କଠାରୁ ଧାନ କିଣାକୁ ବ୍ୟବସ୍ଥିତ କରାଯିବା, ଉପଯୁକ୍ତ ଜଳସେଚନ ବ୍ୟବସ୍ଥା ଯୋଗାଇଦେବା ସହିତ ଗମନା ଗମନର ବିକାଶ ଦିଗରେ ମଧ୍ୟ ସରକାର ପଦକ୍ଷେପ ନେବାକୁ ବୈଠକରେ ଗୁରୁତ୍ୱ ପ୍ରକାଶ ପାଇଥିଲା । ଶେଷରେ ଓଡ଼ିଶା ମାଟିର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭାବରେ ଏନଡିଏ ପକ୍ଷରୁ ମନୋନୀତ କରାଯାଇ ରାଜ୍ୟବାସୀଙ୍କୁ ଗୌରବାନ୍ୱିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜିଲା ବିଜେପି ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା ।

ଏହି ବୈଠକରେ ଅନ୍ୟତମ ଅତିଥି ଭାବରେ କନ୍ଧମାଳ ଲୋକସଭା ପ୍ରଭାରୀ ନିରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ସଚ୍ଚିଦାନନ୍ଦ ଦଲାଲ ଓ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମାଗୁଣି ଗାଈଗୌରିଆ, ପ୍ରେମାନନ୍ଦ ମିଶ୍ର, ପ୍ରଦୋଷ କୁମାର ମିଶ୍ର ଓ ତାପସ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ମୋର୍ଚ୍ଚା ସଭାପତିମାନେ ଯୋଗଦେଇଥିଲେ ।

# ଶ୍ମଶାନରୁ ଫେରିଲା ଶବ:ସନ୍ଦେହ ଘେରରେ ବାପା

## ୧୦ ବର୍ଷ ବାଳିକାର ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଲା ପୋଲିସ

ଢେଙ୍କାନାଳ ୨୬।୭ : ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସିମିନଇ ଗ୍ରାମରେ ଜଣେ ନାବାଳିକାର ମୃତ୍ୟୁକୁ ନେଇ ସନ୍ଦେହ ବଢିବାରେ ଲାଗିଛି । ନାବାଳିକାର ମୃତଦେହକୁ ପରିବାର ପକ୍ଷରୁ ପୋଡି ଦେବାକୁ ନେଉଥିବା ବେଳେ ଖବର ପାଇ ଗାଁ ମଶାଣୀରୁ ପୋଲିସ ମୃତଦେହ ଜବତ କରିଛି । ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ତେବେ ଏହି ଘଟଣାରେ ଭୂମିକା ସନ୍ଦେହ ଜନକ ଥିବାରୁ ନାବାଳିକାର ବାପାକୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି ପୋଲିସ । ମୃତ ନାବାଳିକା ସିମିନଇ କୁମ୍ଭାରସାହିର ପ୍ରତାପ ସାହୁଙ୍କ ଝିଅ ଶ୍ରୀୟାଶ୍ରଦ୍ଧା ସାହୁ । ଝିଅର ବୟସ ମାତ୍ର ୧୦ ବର୍ଷ ହୋଇଥିବା ବେଳେ ସେ ସିମିନଇ ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀ ବୋଲି ଜଣାପଡିଛି । ଗତ କିଛି ମାସ ପୂର୍ବେ ଝିଅର ମା ଅର୍ଥାତ ପ୍ରତାପ ସାହୁଙ୍କ ପତ୍ନୀଙ୍କର ମୃତ୍ୟୁ ଘଟିସାରିଛି । ପ୍ରତାପ ସାହୁଙ୍କର ଗୋଟିଏ ପୁଅ ଥିବା ବେଳେ ମୃତ ଶ୍ରୀୟା ଦ୍ୱିତୀୟ ସନ୍ତାନ ବୋଲି ଜଣାପଡିଛି । ତେବେ ମୃତ୍ୟୁର ସଠିକ କାରଣ କଣ ତାହାକୁ ନେଇ ଏବେ ପ୍ରଶ୍ନବାଚୀ ଥିବା ବେଳେ ଦୁଇ ଭାଇଭଉଣୀ ମଧ୍ୟରେ ମୋବାଇଲକୁ ନେଇ ଝଗଡାରୁ ଝିଅ ବେକରେ ଲୁଙ୍ଗି ଲଗାଇ ଆତ୍ମହତ୍ୟା କରିଥିବା ମୃତ ନାବାଳିକାର ବାପା ସଫେଇ ଦେଇଛନ୍ତି ।ସେପଟେ ମୃତ ନାବାଳିକାର ଅଜାଘର ଲୋକେ ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି । ତାଙ୍କ ନାତୁଣୀକୁ ମାରିଦେଇ ଘଟଣାକୁ ଚପାଇପା ପାଇଁ ଉଦ୍ୟମ କରାଯାଇଥିବା ପାଲଟା ଅଭିଯୋଗ ଉଠାଇଛନ୍ତି ଝିଅର ମାମୁଁ ଜିରାଳ ଗ୍ରାମର ବିପ୍ରବର ରାଉଳ । ତେବେ ମୃତ୍ୟୁର କାରଣ ଯାହା ହେଉନା କାହିଁକି ମୃତଦେହ ପୋଡି ଦେବାକୁ ନେବାର ରହସ୍ୟ କଣ ତାକୁ ନେଇ ସଦର ପୋଲିସ ତନାଘନା ଆରମ୍ଭ କରିଛି ।

# ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ଦାବିରେ ବିଜେପିର ପ୍ରତିବାଦ

ଭୁବନେଶ୍ୱର, ୨୬।୭(ନିପ୍ର): ଶିକ୍ଷାରେ ସଂରକ୍ଷଣ ଦାବୀ କରି ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ବିଧାନସଭା ସମ୍ମୁଖ ଲୋୟର ପିଏମଜିଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ସମେତ ବହୁ ବିଧାୟକ ପ୍ରମୁଖ ପ୍ରତିବାଦ ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ଥିବା ବୈମାତୃକ ମନୋଭାବକୁ କଡା ଭାଷାରେ ନିନ୍ଦା କରିବା ସହିତ ସଂରକ୍ଷଣ ପ୍ରସଙ୍ଗରେ ତୁରନ୍ତ ନିଷ୍ପତ୍ତି ନେବା ପାଇଁ ଦାବୀ କରିଛନ୍ତି ।

ଓଡିଶା ଜନସଂଖ୍ୟାର ୫୨ ପ୍ରତିଶତ ହେଉଛନ୍ତି ଓବିସି ବର୍ଗ । ବୈମାତୃକ ମନୋଭାବ ରଖିଥିବା ରାଜ୍ୟ ସରକାର ଓବିସି ବର୍ଗଙ୍କୁ କେବଳ ଅଣଦେଖା କରୁନାହାନ୍ତି ବରଂ ତାଙ୍କୁ ସାମ୍ବିଧାନିକ ଅଧିକାର, ଶିକ୍ଷା, ଚାକିରୀରୁ ଆଦି କ୍ଷେତ୍ରରେ ବଂଚିତ ରଖୁଛନ୍ତି । ନିର୍ବାଚନ ଆସିଲେ କୁମ୍ଭୀର କାନ୍ଦଣାର ଛଳନା କରି ଭ୍ରମିତ କରୁଥିବା ରାଜ୍ୟ ସରକାରଙ୍କ ବାସ୍ତବରେ ଓବିସିଙ୍କ ବିକାଶ ପାଇଁ କୌଣସି ଇଚ୍ଛାଶକ୍ତି ନାହିଁ । ଏପରିକି ଓବିସି ବର୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବାକୁ ମଧ୍ୟ ପଛାଉ ନାହାନ୍ତି ରାଜ୍ୟ ସରକାର । କେନ୍ଦ୍ର ସରକାର ଦେଶର ବିଭିନ୍ନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନରେ ଓବିସି ବର୍ଗ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ସଂରକ୍ଷଣର ବ୍ୟବସ୍ଥା କରିଥିବାବେଳେ ବାରମ୍ବାର ଦାବୀ ସତ୍ତ୍ୱେ ରାଜ୍ୟ ସରକାର ଏଥି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ରାଜ୍ୟ ସରକାର ଅହେତୁକ ନୀରବତା ଅବଲମ୍ବନ କରି ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ପକ୍ଷପାତିତା କରୁଛନ୍ତି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।

# ସୁଦର୍ଶନ କ୍ରିୟା ଅଭ୍ୟାସ ଦ୍ୱାରା ଜୀବନ ପରିବର୍ତ୍ତନ ହୋଇପାରିବ

ବୌଦ୍ଧ, ୨୬।୭(ନିପ୍ର) : ବୌଦ୍ଧଜିଲ୍ଲାରେ ପ୍ରଥମ ଥର ପାଇଁ ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ହାପିନେସ ପ୍ରୋଗ୍ରାମ ଛଅଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି । ରାଜନପାଲି ୱାର୍ଡ ଅନ୍ତର୍ଗତ ରାଧାକୃଷ୍ଣ ମନ୍ଦିର ପରିସରରେ ଭୁବନେଶ୍ୱରରୁ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପ୍ରଶିକ୍ଷିତ ରଞ୍ଜନ ସାହୁ ଏବଂ ମମତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୨୫ଜଣ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ । ପ୍ରତ୍ୟେକ ଦିନ ସଂଧ୍ୟା ୬ଘଂଟା ଠାରୁ ୮ଘଂଟା ୩୦ ମିନିଟ ପର୍ଯ୍ୟନ୍ତ ଶରୀର ପାଇଁ ଆସନ ଓ ପ୍ରାଣାୟାମ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ସୁଦର୍ଶନ କ୍ରିୟା ଅଭ୍ୟାସ ମାଧ୍ୟମରେ ଶରୀରକୁ ସମସ୍ତ ରୋଗରୁ ନିରାକରଣ କରିବା ସହିତ ଜୀବନ କୁ । ପରିବର୍ତ୍ତନ କରି ନକରାତ୍ମକ ଚିନ୍ତା ଦୂର କରି ସକରାତ୍ମକ ଚିନ୍ତା ଗ୍ରହଣ କରାଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା । ବିନା ଗୁରୁ ଓ ପ୍ରଶିକ୍ଷଣ ଦ୍ୱାରା ସୁଦର୍ଶନ କ୍ରିୟାକୁ ନକରିବା ପାଇଁ ସଚେନତତା ସୃଷ୍ଟି କରାଯାଇଥିଲା । ଅନ୍ତିମ ଦିବସରେ ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ଲକ୍ଷଣେ ନାଏକ, ପ୍ରବିର କୁମାର ଦାସ, ସୁଜ୍ଞାନ ପାତ୍ର, ପ୍ରତାପ କୁମାର ସାହୁ, ସୂର୍ଯ୍ୟକାନ୍ତ ଦଳବେହେରା, ମିନତୀ ସାହୁ, ସୁନୀତା ଦାଶ, କୃତିବାସ ପଲିଆ, ଚନ୍ଦ୍ରଜିତ ଦେଓ ନିଜ ନିଜ ଅନୁଭୂତି ସଂପର୍କରେ ଆଲୋଚନା କରିଥିଲେ । ଆୟୋଜକ ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିବା ସହିତ ଏହାକୁ ପ୍ରତିଦିନ ଅଭ୍ୟାସ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରଶିକ୍ଷକମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବିଜୟ କୁମାର ପ୍ରଧାନ, ସୁର୍ଯ୍ୟେନ୍ଦ୍ର କୁମାର ଶତପଥି, ଇଂ ଚିତ୍ତରଂଜନ ମହାନ୍ତି, ସୁରେନ୍ଦ୍ର କୁମାର ମେହେର, ଡ. ସୁଜାତା ସାହୁ, ବିଜୟ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ଆସନ୍ତା ସେପ୍ଟେମ୍ବର ମାସରେ ବୌଦ୍ଧରେ ଏକ ଶିବିର ଆୟୋଜନ କରିବା ପାଇଁ ଏଥିରେ କିପରି ଅଧିକ ସଂଖ୍ୟାରେ ଲୋକଙ୍କୁ ସାମିଲ କରିବା ପାଇଁ ଆୟୋଜକମାନେ ଦାୟିତ୍ୱ ନେଇଥିଲେ ।

# କଳାହାଣ୍ଡି କୃଷି ମହାବିଦ୍ୟାଳୟରେ ଯୁବ ପ୍ରେରଣା କର୍ମଶାଳା

ଭବାନୀପାଟଣା, ୨୬।୭ (ନି.ପ୍ର)- ଭବାନୀପାଟଣା ସ୍ଥିତ କଳାହାଣ୍ଡି କୃଷି ମହାବିଦ୍ୟାଳୟରେ ଯୁବ ପ୍ରେରଣା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟରେ ଡିନ ପ୍ରଫେସର ସପନ କୁମାର ତ୍ରିପାଠୀ ଆନୁଷ୍ଠାନିକ ଭାବେ କର୍ମଶାଳାର ଶୁଭ ଉଦ୍‌ଘାଟନ କରିଥିଲେ । ପ୍ରଫେସର ଏଲ. କେ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀମାନଙ୍କୁ ଆଦର୍ଶ ମାର୍ଗରେ ପରିଚାଳିତ ହେବାକୁ ପ୍ରେରଣା ଦେଇଥିଲେ । ମୃତ୍ୟୁଞ୍ଜୟ ଦାସ କାର୍ଯ୍ୟକ୍ରମର ରୂପରେଖ ସମ୍ବନ୍ଧରେ ମାର୍ଗଦର୍ଶନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡିଶାର ଲୋକପ୍ରିୟ ବକ୍ତା ସଂଗ୍ରାମ କେଶରୀ ସାମନ୍ତରାୟ ଛାତ୍ର ଏବଂ ଯୁବକମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ପାଇଁ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହା ସହ ତଥ୍ୟ ସହିତ ବିଜ୍ଞାନର ନୂତନ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ସାମନ୍ତରାୟ ।

ଅନୁଷ୍ଠାନର ଡ. ବି ସିହ୍ନା, ଡ. ସିମଲି ଦାସ, ଡ. ଏସ. କେ ନାୟକ, ଡ. ଆର୍. କେ ରାଉତ, ଡ. ୟୁ କେ ବେହେରା, ଡ. ତେଜସ୍ୱୀନୀ ମାଝୀ, ଡ. ବି ପି ଗଡ୍ଡାୟତ, ଇଂ ସ୍ମୃତି ହାଁସଦା, ଡ. ରଶ୍ମିତା ଟପୋ, ରାଜୀବ ଲୋଚନ ମହାରଣା, ଡ. ସୁଜନି ବେହେରା, କମଳ ରଞ୍ଜନ ମହାନ୍ତି, ରମେଶ ଚନ୍ଦ୍ର ପାଢୀ, ପର୍ଶୁରାମ ଦାସ, ଅନିଲ କୁମାର ପଟ୍ଟନାୟକ, କାହ୍ନୁ ଚରଣ ସୋରେନ୍, ବାପି ସାହୁ, ସୀତା ମଣୀ ହାଁସଦା, ରୁକ୍ମିଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ଅନୁଷ୍ଠାନର ଡିନ ଏବଂ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସଂଗ୍ରାମ କେଶରୀ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିବା ଅବକାଶରେ ଶିକ୍ଷା ସହିତ ପ୍ରେରଣାଦାୟୀ ବକ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠାନରେ ନିୟମିତ ବ୍ୟବଧାନରେ କରିବାର ପ୍ରତିଶ୍ରୁତି ଦେଇଥିଲେ ଡିନ ପ୍ରଫେସର ଏସ ଏକ ତ୍ରିପାଠୀ । ଏହି କର୍ମଶାଳାରେ କଳାହାଣ୍ଡି କୃଷି ମହାବିଦ୍ୟାଳୟର ପ୍ରଥମ ବର୍ଷ, ଦ୍ୱିତୀୟ ବର୍ଷ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ପ୍ରସ୍ତାବିତ ନନ୍ଦନବନ ପ୍ରକଳ୍ପ ସହିତ ଚନ୍ଦନବନ ସୃଷ୍ଟି ପାଇଁ ଗୁରୁତ୍ୱ ଦେଲେ ପରିବେଶ ସହିତ ଆର୍ଥିକ ଅଭିବୃଦ୍ଧି ହୋଇପାରିବ

ବୌଦ୍ଧ, ୨୬।୭(ନିପ୍ର) : ବୌଦ୍ଧଜିଲାରେ ଦେଶର ସର୍ବବୃହତ ପରିବେଶ ପାର୍କ ନିର୍ମାଣ ପାଇଁ ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି । ଲୋକପ୍ରିୟ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଉଦ୍ୟମକ୍ରମେ ପ୍ରାୟ ୧୫ ଶହ ଏକର ଅଞ୍ଚଳରେ ହେବାକୁ ଥିବା ଏହି ପରିବେଶ ପାର୍କ ପାଇଁ ବୌଦ୍ଧଜିଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ନିକଟରେ ଯାଗା ଚିହ୍ନଟ କରାଯାଇଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସହାୟତାରେ ହେବାକୁଥିବା ଏହି ପରିବେଶ ପାର୍କର ଅର୍କିଟେକ ଡିଜାଇନ ପ୍ରକାଶ ପାଇଥିବାବେଳେ ଏହାର ଅନୁମୋଦନ ପରେ କାର୍ଯ୍ୟ ତ୍ୱରାନ୍ୱିତ ହେବବୋଲି ଜଣାପଡିଛି । ତେବେ ପରିବେଶପାର୍କ ନଇନବନ ମଧ୍ୟରେ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିବା ଜଣାଯାଇଛି । ଭବିଷ୍ୟତରେ ଏହି ପରିବେଶ ପାର୍କ ମଧ୍ୟରେ ବ୍ୟାଘ୍ର ସଫାରୀ ପାଇଁ ମଧ୍ୟ ବ୍ୟବସ୍ଥା ରଖାଯାଇଛି । ପ୍ରସ୍ତାବିତ ପରିବେଶ ପାର୍କ ମଧ୍ୟରେ ପର୍ଯ୍ୟଟକମାନେ ସୂର୍ଯ୍ୟାସ୍ତ ଉପଭୋଗ କରିବାଠାରୁ ଯୋଗ କରିବା ପର୍ଯ୍ୟନ୍ତ ସମସ୍ତ ବିଭାଗ ଉପରେ ଗୁରୁତ୍ୱାରୋପ କରାଯାଇଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ପ୍ରସ୍ତାବିତ ନଇନବନ ଅଞ୍ଚଳରେ ଚଇନ ବୃକ୍ଷ ପାଇଁ ସବୁଠାରୁ ଅନୁକୂଳ ପରିବେଶ ରହିଛି । ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଚଇନ ବୃକ୍ଷକ । ଅତି ପବିତ୍ର ମନା ଯାଇଥାଏ । ଚନ୍ଦନ ବୃକ୍ଷ ଦ୍ୱାରା ଭରପୂର ଅମ୍ଳଜାନ ସହିତ ତାର ଯେକୌଣସି ଲୋକକୁ ଆକର୍ଷିତ କରିଥାଏ । ଚନ୍ଦନ ବୃକ୍ଷରେ ଔଷଧୀୟ ଗ।ଣ ରହିଥିବାବେଳେ ଏଥିରୁ ବହୁ ସାମଗ୍ରୀର ଚାହିଦା ମଧ୍ୟ ବଜାରରେ ଅଧିକ ରହିଥାଏ । ଆମ ଦେଶର କର୍ଣ୍ଣାଟକ ରାଜ୍ୟ ଚନ୍ଦନ ବୃକ୍ଷ ପାଇଁ ପ୍ରସିଦ୍ଧ ହୋଇଥିବାବେଳେ ଏହା ସେଠାକାର ପର୍ଯ୍ୟଟନ ଶିଳ୍ପକୁ ବିକଶିତ କରିବା ସହିତ ସାଧାରଣଲୋକଙ୍କ ଆର୍ଥିକ ବିକାଶରେ ମଧ୍ୟ ସହାୟକ ହୋଇପାରିଛି । ତେଣୁ ଚନ୍ଦନ ଜଙ୍ଗଲ ପାଇଁ କର୍ଣ୍ଣାଟକ ସରକାର ବତର ପ୍ରୋତ୍ସାହନ ଯୋଗାଇଦେବା ସହିତ ସଂରକ୍ଷଣ ମଧ୍ୟ କରୁଛନ୍ତି । ଆମ ରାଜ୍ୟରେ କନ୍ଧମାଳ ଓ ବୌଦ୍ଧଜିଲାରେ ଚନ୍ଦନ ବୃକ୍ଷ ବହୁଳ ଭାବରେ ଦେଖାଯାଇଥାଏ । କନ୍ଧମାଳ ଜିଲାର କଳିଙ୍ଗା ଘାଟି ଅଞ୍ଚଳରେ ବହୁଳ ଭାବରେ ରକ୍ତଚନ୍ଦନ ବୃକ୍ଷ ଦେଖାଯାଉଥିବାବେଳେ ବର୍ତ୍ତମାନ ଏହା ମାଫିଆମାନଙ୍କ ଦ୍ୱାରା ଧ୍ୱଂଶପ୍ରାୟ ଅବସ୍ଥାରେ ପହଞ୍ଚିଛି । ବୌଦ୍ଧଜିଲାରେ ମଧ୍ୟ ଚନ୍ଦନ ବୃକ୍ଷ ପାଇଁ ଅନୁକୂଳ ପରିବେଶ ରହିଛି । ବିଶେଷ ଭାବରେ ବୀରନରସିଂହପୁର ନିକଟସ୍ଥ ଜଙ୍ଗଲ(ପ୍ରସ୍ତାବିତ ପରିବେଶ ପାର୍କ)ରେ ବହୁଳ ଭାବରେ ଚନ୍ଦନ ବୃକ୍ଷ ରହିଥିବା ଜଣାଯାଇଛି । ନନ୍ଦନବନ ପରିବେଶ ପାର୍କ ନିର୍ମାଣ ସମୟରେ ଏହି ବୃକ୍ଷଗୁଡିକର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସହିତ ଅଧିକ ସଂଖ୍ୟାରେ ଚନ୍ଦନ ଚାରା ଲାଗାଇବାର ବ୍ୟବସ୍ଥା କରାଗଲେ ଏହା ସାଧାରଣ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷଣ କରିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଅଛି । ସେହପରି ଅନୁକୂଳ ପରିବେଶ ରହୁଥିବାରୁ ଜିଲାରେ ଅଧିକ ସଂଖ୍ୟାରେ ଚନ୍ଦନ ବୃକ୍ଷ ରୋପଣ ପାଇଁ ବନ ବିଭାଗ ପକ୍ଷର । ପ୍ରୋତ୍ସାହନ ଯୋଗାଇ ଦିଆଗଲେ ପରିବେଶର ସୁରକ୍ଷା ସହିତ ଏହାଦ୍ୱାରା ସାଧାରଣଲୋକଙ୍କ ଆର୍ଥିକ ବିକାଶ ମଧ୍ୟ ହୋଇପାରନ୍ତା । ତେଣୁ ପରିବେଶ ପାର୍କ ନିର୍ମାଣ ସହିତ ଜିଲାରେ ପ୍ରତି ପଞ୍ଚାୟତରେ ଚନ୍ଦନ ବୃକ୍ଷ ରୋପଣ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହିତ କିଛିବର୍ଷପରେ ଏହି ବୃକ୍ଷଗୁଡିକ ବଡ ହୋଇଗଲେ ଏଠାରେ କୁଟୀର ଶିଳ୍ପ ବିକାଶର ସମ୍ଭାବନା ସୃଷ୍ଟି ହୋଇପାରନ୍ତା ।

# ଫତେଗଡ ଜୋନ୍ କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍‌ର କର୍ମକର୍ତ୍ତା ନିର୍ବାଚନ

ଭାପୁର, ୨୬।୭(ନି.ପ୍ର); ନୟାଗଡ ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ଫତେଗଡ ଥାନା ଜୋନ୍‌ର କର୍ମକର୍ତ୍ତା ନିର୍ବାଚନ ଭାପୁର ବାକ ଜହରକୋଟ ଗ୍ରାମ ନିକଟସ୍ଥ ରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ନୟାଗଡ ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ୍ରି ଆସୋସିଏସନ୍‌ର ସଭାପତି ପ୍ରହଲ୍ଲାଦ ସାହୁ, ସଂପାଦକ ସନ୍ତୋଷ କୁମାର ନାୟକ, ନିର୍ବାଚନ କମିଟିର ସଦସ୍ୟ ପରମାନନ୍ଦ ପ୍ରଧାନ, ଧିରେନ୍ ପାତ୍ର, ଗୋବିନ୍ଦ ଚଇଁତି ସାହୁ ଯୋଗଦେଇଥିଲେ । ଫତେଗଡ ଥାନା ଜୋନ୍‌ର ୪୩ଜଣ ଔଷଧ ବ୍ୟବସାୟୀ ଏହି ନିର୍ବାଚନରେ ଭାଗନେଇଥିଲେ । କିନ୍ତୁ ନିର୍ବାଚନ ବଦଳରେ ମନୋନୀତ କରାଯାଇଥିଲା । କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଭାବେ ଫତେଗଡ ଜୋନ୍‌ରୁ ପବିତ୍ର ମୋହନ ଦାସ, ପ୍ରଦୀପ୍ତ କୁମାର ପତି ମନୋନୀତ ହୋଇଥିବା ବେଳେ ଜୋନ ସଭାପତି ଭାବେ ନାରାୟଣ ମହାପାତ୍ର, ସଂପାଦକ ଭାବେ ରମେଶ ଚନ୍ଦ୍ର ବରାଡ ମନୋନୀତ ହୋଇଥିଲେ । ଆଗାମି ଦିନରେ ଫତେଗଡ ଜୋନ କେମିଷ୍ଟି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ଜିଲ୍ଲା ସ୍ତରରେ କିପରି ଏକ ଜୋନ ଭାବରେ ଦାୟିତ୍ୱ ନିର୍ବାହ କରିବ ସେନେଇ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା ।

# ଚାରାରୋପଣ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୬।୭ (ନି.ପ୍ର): ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧିନସ୍ତ ଶାଖା ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ବାପୁଜୀ ଉଚ୍ଚ ବିଦ୍ୟାଳୟ ମିଳିତ ଉଦ୍ୟମରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ବାପୁଜୀ ସ୍କୁଲ ପରିସରଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଯୁବ ଅଧିକାରୀ ପ୍ରସନ୍ନ ମେହେର, ଭବାନୀପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଠାକୁର କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ କୁମାର ମାଝୀ, ସ୍କୁଲ ପ୍ରଧାନ ଶିକ୍ଷକ ସୁଢଳ ଦେବ ମୁଣ୍ଡ, ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ରଶ୍ମିତା ପଟେଲ, ଉପ ସଭାପତି ସୁନୀଲ ଗହୀର, ପ୍ରମୁଖ ଯାଗଦେଇ ଉପସ୍ଥତି ସମସ୍ତ ଛାତ୍ର/ଛାତ୍ରୀଙ୍କୁ ଗଛର ଉପକାରିତା ବିଷୟରେ ବୁଝାଇଥିଲେ । ଛାତ୍ର ମାନେ ହିଁ ପରିବେଶ ପ୍ରତି ଆଗ୍ରହ ହୋଇ ଅଧିକରୁ ଅଧିକ ଗଛ ଲଗେଇବା ପାଇଁ ଅତିଥିମାନେ ମତ ପ୍ରକାଶ କରିଥିଲେ । ପରେ ସମସ୍ତ ଛାତ୍ର/ଛାତ୍ରୀଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ଚାରା ସବୁ ରୋପଣ କରାଯାଇଥିଲା । ଆଜିର ଏହି ଚାରାରୋପଣ କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ସ୍ୱେଚ୍ଛାସେବୀ ରାଜେଶ ଗଉଡ଼, ଯଶୋବନ୍ତ ରଣା, ଅଭିଷେକ ବେହେରା, ଶମ୍ଭୁ ବିଶିଙ୍କ ସମେତ ସ୍ନିଗ୍ଧା ୟିଲିଅମ, ଦା।କ୍ଷଏ ସାହୁ, ସୁନିତା କୃପ, ପୁଷ୍ପିତା ପଟ୍ଟନାୟକ, ସସ୍ମିତା ପୂଝାରୀ, ଗୀତା ଦେଇ, ସୌଦାମିନୀ ଖମାରୀ, ତୋଫାନ ସୁନାନୀ, ମିନତୀ ପ୍ରଧାନ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଝର ପୋଖରୀ ରକ୍ଷଣାବେକ୍ଷଣ ଅଭାବରୁ ପୁଣି ଅପରିଷ୍କାର ହେବାକୁ ବସିଲାଣି

**◆ ପୋଖରୀ କଡ଼ରୁ ଦଳ ପୋଖରୀକୁ ଗ୍ରାସ କରିବାରେ ଲାଗିଛି ◆ ଅଙ୍କୁଶ ନ ଥିବାରୁ ଅଳିଆ ଆବର୍ଜନା ପୋଖରୀ ମଧ୍ୟକୁ ପକାଯାଉଛି ◆ ବର୍ଷାପାଣି ଯୋଗୁ ପୋଖରୀ ରାସ୍ତା କାଦୁଅ ପଚପଚ**



ନିରାକାରପୁର, ୨୬/୭: ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନିରାକାରପୁର ଝର ପୋଖରୀ ବହୁତ ପୂର୍ବରୁ ଅବହେଳିତ ହୋଇ ପଡ଼ି ରହିଥିବାବେଳେ ପଙ୍କ ଓ ଦଳରେ ଭର୍ତ୍ତି ହୋଇ ରହିଥିବାବେଳେ ୪ ବର୍ଷ ତଳେ ୨୦୧୮ ମସିହା ମଇ ୫ ତାରିଖରେ ଖୋଳା କାର୍ଯ୍ୟ ଆରମ୍ଭ ହେବା ପରେ ପୋଖରୀଟି ସମସ୍ତଙ୍କ ଉପଯୋଗୀ ହୋଇ ପାରିଥିଲା । ନିରାକାରପୁର ପଞ୍ଚାୟତର ଏହି ପୋଖରୀଟି ଏକ ମାତ୍ର ପୋଖରୀ ଲୋକମାନଙ୍କ ଆବଶ୍ୟକତା ପୂରଣ କରିଥାଏ । ଏହି ପୋଖରୀରେ ସ୍ଥାନୀୟ ଜନସାଧାରଣ ଦଶାହ କାର୍ଯ୍ୟଠାରୁ ଆରମ୍ଭ କରି ସ୍ନାନ, ଶୌଚ କରିବା ପାଇଁ ଏହାର ଜଳକୁ ବ୍ୟବହାର କରୁଛନ୍ତି । କିନ୍ତୁ ଏହାର ରକ୍ଷାଣାବେକ୍ଷଣ ଅଭାବ ଓ ଲୋକମାନଙ୍କ ସଚେତନତାର ଅଭାବ ଯୋଗୁ ଏହି ଜଳ ଦିନକୁ ଦିନ ଦୂଷିତ ହେବାକୁ ଲାଗୁଛି । ବର୍ଷାଦିନେ ବଜାରଘାଟର ସମସ୍ତ ମଇଳା ପାଣି ଏହି ପୋଖରୀରେ ପ୍ରବେଶ କରୁଥିବାରୁ ଏହାର ଜଳ ବ୍ୟବହାର କରିବା ବିଭିନ୍ନ ଚର୍ମରୋଗକୁ ନିମନ୍ତ୍ରଣ କରିବା ସହ ସମାନ । ଲୋକମାନେ ଅଳିଆ ଆବର୍ଜନା ଆଣି ଏହି ପୋଖରି ଜଳରେ ବିସର୍ଜନ କରୁଥିବାବେଳେ ପୋଖରି କଡ଼ରୁ ପୁନର୍ବାର ଦଳ ସଂପୂର୍ଣ୍ଣ ପୋଖରୀକୁ ଗ୍ରାସିବାକୁ ବସିଲାଣି । ଯଦି ଏହି ଦଳକୁ ଏବେଠାରୁ ବାହାର କରା ନଯାଏ ତେବେ ଏହା ସଂପୂର୍ଣ୍ଣ ପୋଖରୀ ଜଳକୁ ଦୂଷିତ କରିବା ସହ ଜଳ ବ୍ୟବହାର ଅନୁପଯୋଗୀ ହୋଇଯିବ । ଏହି ପୋଖରୀକୁ ସଂଯୋଗ କରୁଥିବା ରାସ୍ତାଟି ବର୍ଷା ପାଣିରେ କାଦୁଅ ପଚ ପଚ ହେବା କାରଣରୁ ଏହି ପୋଖରୀକୁ ଯାତାୟାତ କରିବାକୁ ମଧ୍ୟ ଲୋକମାନେ କୁଣ୍ଠିତ ହେଉଛନ୍ତି । ତେଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏହି ପୋଖରୀରୁ ଦଳ ସଫା କରିବା ସହିତ ଏହାକୁ ସଂଯୋଗ କରୁଥିବା ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବାକୁ ଦାବି ହେଉଛି ।

# ଜାତୀୟ ବାଣିଜ୍ୟ ମେଳା - ୨୦୨୨ ଉଦ୍‌ଘାଟିତ




ଢେଙ୍କାନାଳ ୨୬।୭ :ଢେଙ୍କାନାଳ ସହର ମଧ୍ୟସ୍ଥଳୀ ସ୍ଥାନୀୟ କଂଗ୍ରେସ୍ ପଡିଆ ଠାରେ ଜାତୀୟ ବାଣିଜ୍ୟ ମେଳା - ୨୦୨୨ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଅଛି । ଏହା ଆଜି ଠାରୁ ତା.୧୦.୦୮.୨୦୨୨ରିଖ ପର୍ଯ୍ୟନ୍ତ ପ୍ରାୟ ୨୦ ଦିନ ଧରି ଏହି ମେଳା ଲାଗି ରହିବ । ମେଳାରେ ରାଜ୍ୟ ବାହାରୁ ଯଥା ରାଜସ୍ଥାନ, ପଞ୍ଜାବ, ଦିଲ୍ଲୀ, ଛତିଶଗଡ ଇତ୍ୟାଦି ରାଜ୍ୟରୁ ବିଭିନ୍ନ ଘରୋଇ ଉପକରଣ ଓ ଖାଦ୍ୟ ସାମଗ୍ରୀ ପଡିଅଛି । ରାଜ୍ୟ ମଧ୍ୟରୁ ବିଭିନ୍ନ ଜିଲ୍ଲାରୁ ବିଭିନ୍ନ କାରୁକାର୍ଯ୍ୟ ଘରୋଇ ଉପକରଣ ତଥା ଖାଦ୍ୟ ସମାଗ୍ରୀ ମଧ ଉପଲବ୍ଧ ରହିଛି । ଏହି ମେଳା ଦୁଇବର୍ଷ ଧରି କୋଭିଡ୍ କାରଣରୁ ଚାଲୁନଥିବାବେଳେ ଏବେ ଢେଙ୍କାନାଳ ସହରରେ ପଡିଥିବାରୁ ବ୍ୟବସାୟୀଙ୍କ ମନରେ ଉତ୍ସାହ ଦେଖାଯାଇଛି । ଉଦ୍‌ଘାଟନୀ ଦିବସରେ ବହୁ ସଂଖ୍ୟକ ଜନସାଧାରଣ ଉତ୍ସାହର ସହିତ ଜିନିଷପତ୍ର କିଣିବା ସହିତ ମେଳାର ମଜା ଉଠାଇଛନ୍ତି ।

## ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ଅଙ୍ଗନୱାଡି କର୍ମୀ



ଫୁଲବାଣୀ : କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଡଙ୍ଗିମେଣ୍ଡିର ୩ଟି ଗାଁ ବର୍ଷା ହେଲେ ସଂପୂର୍ଣ୍ଣ ଯୋଗାଯୋଗ ବିଛିନ୍ନ ହୋଇଯାଉଛି । ନଦୀ ଆର ପଟେ ଥିବା ୩ଟି ଗାଁର ୩୫ ଅଧିକ ଘର ରହିଥିବା ବେଳେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ରହିଛି । ଏହି ୱାର୍ଡ଼ ପଞ୍ଚାୟତର ୪ କିଲୋମିଟର୍ ଦୂରରେ ଥିବାବେଳେ ବର୍ଷ ତମାମ୍ ବାଘ ନଦୀ ପାର ହୋଇ ଯିବାକୁ ପଡିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନ ଏଠି ବଡ ସମସ୍ୟା ଭାବେ ଠିଆ ହୋଇଛି କ୍ଷ ବର୍ଷ ତମାମ ବିଭିନ୍ନ ନିତ୍ୟ ବ୍ୟବହାର ଜିନିଷ ପାଇଁ ଗାଁ ଲୋକେ ବାଘ ନଦି ପାର ହୋଇ ଜୀବନକୁ ବାଜି ଲଗେଇ ଯିବାଆସିବା କରିଥାନ୍ତି । ଏହି ବାଘ ନଦୀରେ ବର୍ଷ ତମାମ ଅଙ୍ଗନୱାଡି କର୍ମୀ ଦମୟନ୍ତୀ କହଁର ଏହି ନଦି ପାର ହୋଇ କ୍ରାଣ୍ଡିବାଲିରୁ ଡଙ୍ଗିମେଣ୍ଡି ଯାଉଥିବା ଦେଖିବାକୁ ମିଳିଛି । ଅନ୍ୟ ପଟେ ବର୍ଷ ହେଲେ ପ୍ରବଳ ପାଣି ଯାଇଥିବା ବେଳେ ଯିବା ଆସିବା ବହୁତ ସମସ୍ୟା ହୋଇଥାଏ ବୋଲି କହିଛନ୍ତି ଡଙ୍ଗିମେଣ୍ଡିର ନାଏବ ସରପଞ୍ଚ ଦାମୋଦର କହଁର ଓ ନବ ନିର୍ବାଚିତ ସରପଞ୍ଚ ଲକ୍ଷ୍ମୀ କହଁର । ବାଘ ନଦୀରେ ଏକ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ସରପଞ୍ଚଙ୍କ ସମେତ ଗ୍ରାମବାସୀ । ଅନ୍ୟ ପଟେ ଗାଁରେ କୋ ?ଣସି ନେଟୱର୍କ ବ୍ୟବସ୍ଥା ନଥିବା ବେଳେ ଯୋଗାଯୋଗ ବିଛିନ୍ନ ରହୁଛି । ଯାଦ୍ୱାରା ଗ୍ରାମବାସୀମାନେ ମେଡିକାଲକୁ ଯିବା କିମ୍ବା ଜରୁରୀ କାର୍ଯ୍ୟ ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଗ୍ରାମର ନାଏବ ସରପଞ୍ଚ ଦାମୋଦର କହଁର ପ୍ରକାଶ କରିଛନ୍ତି । ପ୍ରଶାସନ ଏ ଦିଗରେ ଆଗକୁ ପଦେକ୍ଷପ ପାଇଁ ନିବେଦନ କରିଛନ୍ତି ।

## ରୁଗୁଡ଼ିସାହିରେ ପାନୀୟଜଳ ସଙ୍କଟ



ବାଂଶପାଳ: ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ । କେଉଁଠି ନଳକୂଅରୁ ପାଣି ବାହାରୁ ନାହିଁ ତ ଆଉ କେଉଁଠି ଓଭରହେଡ଼ ଟାଙ୍କି ତାଲା ପଡ଼ିଥିବାରୁ ପାଣି ମିଳୁ ନାହିଁ । ନଦୀକୁ ଯିବାକୁ ପଡୁଛି । ବର୍ଷା ଦିନରେ ବି ଏଭଳି ସାଂଘାତିକ ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କଲଣ୍ଡା ପଞ୍ଚାୟତର ରୁଗୁଡ଼ିସାହି ଗ୍ରାମରେ । ଗ୍ରାମବାସୀ ପିଇବା ପାଣି ପାଇଁ ଦୀର୍ଘଦଶନ୍ଧି ହେଲା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ସକାଳ ହେଲେ ଗ୍ରାମବାସୀଙ୍କ ପାଣିଚିନ୍ତା । ପାହାନ୍ତିଆରୁ ହାତରେ ଗରା ବାଲଟି ଧରି ମହିଳାମାନେ ବାହାରି ପଡୁଛନ୍ତି ୧ କିଲୋମିଟର ଦୂରରେ ଥିବା ନଈ ତୁଠକୁ । ଏବେ ବର୍ଷା ଦିନରେ ଦୂଷିତ ପାଣି ପ୍ରବାହିତ ହେଉଥିବା ବେଳେ ଲୋକେ ବାଧହୋଇ ଏହାକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଗ୍ରାମରେ ଥିବା ୪୦ ଟି ପରିବାର ଦୂଷିତ ପାଣି ପିଇ ମ୍ୟାଲେରିଆ, ଡାଇରିଆ, ଜ୍ୱର ଆଦି ବିଭିନ୍ନ ରୋଗେରେ ପଡୁଛନ୍ତି । ଏହାକୁ ନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି । ତାହା ପୁଣି ଅଚଳ । ବର୍ଷ ବର୍ଷ ଧରି ନଦୀ ତୁଠରେ ଥିବା ଚୁଆ ଉପରେ ଭରସା କରୁଛନ୍ତି ଲୋକେ । ଏ ନେଇ ଗ୍ରାମବାସୀ ସରପଞ୍ଚଙ୍କ ଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ହେଁ କେହି ସେମାନଙ୍କ କଥା ଶୁଣୁ ନଥିବା ସେମାନେ ଅଭିଯୋଗ କରିଛନ୍ତି । ଗାଁରେ ଥିବା ପାନୀୟଜଳ ସମସ୍ୟାକୁ ଦୂରକରିବାକୁ ସନିବାରି ମୁଣ୍ଡା, ରଇବାରି ମୁଣ୍ଡା, ସୁଶୀଳା ମୁଣ୍ଡା, ରାଇମୁନି ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି ।

## ଏକାମ୍ର ହାଟରେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପରିଦର୍ଶନ କଲେ ମନ୍ତ୍ରୀ ରିତା ସାହୁ

ଭୁବନେଶ୍ୱର, ୨୬ ଜୁଲାଇ - ଏକାମ୍ର ହାଟରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଜୁଲାଇ ୨୧ ତାରିଖଠାରୁ ଏକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କାରିଗରମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ଚାନ୍ଦୁଆ କାମ, ବାଉଁଶ କାମ, କାଠ ଖୋଦେଇ, ଲାଖ କାମ, କାଇଁଚ, ଶିଙ୍ଘ କାମ, ଟେରାକୋଟା, ରୂପା ତାରକଶି ଭଳି ୧୯ଟି ହସ୍ତଶିଳ୍ପର ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି । ଏହି ପ୍ରଦର୍ଶନୀରେ ଭାଗ ନେଇଥିବା କାରିଗରମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରିତା ସାହୁ ଆଜି ସନ୍ଧ୍ୟାରେ ଏକାମ୍ର ହାଟ ପରିଦର୍ଶନ କରିଥିଲେ । ତାଙ୍କ ସହିତ ବରି ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ବ୍ରଜରାଜନଗର ବିଧାୟିକା ଶ୍ରୀମତୀ ଅଳକା ମହାନ୍ତି ଓ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହନ୍ତ ପ୍ରଦର୍ଶନୀ ପରିଦର୍ଶନ କରି କାରିଗରମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପରିଦର୍ଶକମାନେ ଏହି ହାଟରେ ଥିବା ସମୁଦାୟ ୮୩ଟି ଷ୍ଟଲରେ ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ଉତ୍ପାଦିତ ହସ୍ତଶିଳ୍ପ ତଥା ହସ୍ତତନ୍ତ ସାମଗ୍ରୀ



ପ୍ରତ୍ୟକ୍ଷ ଭାବେ ଦେଖିବା ଓ କିଣିବାର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ସେମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରୁଛନ୍ତି । ଏଥି ମଧ୍ୟରୁ ଉତ୍କଳିକା, କଳାଭୂମି, ବୟନିକା, ଅମ୍ଳାନ, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ଓରମାସ୍ ଭଳି ସଂସ୍ଥାମାନଙ୍କୁ ୮ଟି ଷ୍ଟଲ ଆବଂଟନ କରାଯାଇଛି । ଏତଦ୍‌ବ୍ୟତୀତ ଏହି ହାଟରେ ଦର୍ଶକମାନଙ୍କ ପାଇଁ ୧୦ଟି ସ୍ୱତନ୍ତ୍ର ଜଳପାନ ଷ୍ଟଲ ଉପଲବ୍ଧ କରାଯାଇଛି । ସେହି ଷ୍ଟଲମାନଙ୍କରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହିତ ଭାରତର ଅନ୍ୟ ପ୍ରାନ୍ତର ସୁସ୍ୱାଦୁ ଖାଦ୍ୟମାନ ଉପଲବ୍ଧ କରାଯାଉଛି । ସେହିପରି ପରିଦର୍ଶକ/ପ୍ରଦର୍ଶକ/କ୍ରେତାମାନଙ୍କ ସୁବିଧା ନିମନ୍ତେ ଏକାମ୍ର ହାଟ ପରିସରରେ ସମ୍ମିଳନୀ କକ୍ଷ, ମୁକ୍ତାକାଶ ମଂଚ, ଏଟିଏମ୍, ପାର୍କିଂ ସ୍ଥଳ ଓ କିଓସ୍କ ଆଦିର ସୁବିଧା ଉପଲବ୍ଧ କରାଯାଇଛି । ଏହି ପ୍ରଦର୍ଶନୀ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

## ଶ୍ରାବଣମାସର ୨ୟ ସୋମବାର, ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କଲେ ୪୦ ହଜାର କାଉଡିଆ



ଭଦ୍ରକ, ୨୬/୭(ନି.ପ୍ର): - ପବିତ୍ର ଶ୍ରାବଣମାସର ୨ୟ ସୋମବାରରେ ଆରଡିଧାମର ବାବା ଆଖଣ୍ଡଳମଣିଙ୍କୁ ଜଳଲାଗି କରିବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ୪୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଭକ୍ତଙ୍କ ସମାଗମ ହୋଇଥିଲା ପୀଠରେ । କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହାତକୁ ନିଆଯାଇଥିଲେ ମଧ୍ୟ କେତେକ ଅବ୍ୟବସ୍ଥା ଯୋଗୁଁ ଭିଡ ନିୟନ୍ତ୍ରଣ କରିବାରେ ନାକେଦମ ହେବାକୁ ପଡିଥିଲା ପୁଲିସ୍‌କୁ । ଏପରିକି ଆଗନ୍ତୁକ କାଉଡିଆଙ୍କ ସମସ୍ତ ପ୍ରକାର ବ୍ୟବସ୍ଥା ଯୋଗାଇ ଦେବାକୁ ଜିଲାସ୍ତରୀୟ ଆଲୋଚନା ହୋଇଥିଲେ ମଧ୍ୟ ଭିଡ ନିୟନ୍ତ୍ରଣ କରିବା, ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡକୁ ସଜାଗ ରଖିବା ଆଦିରେ ଢିଲା ମନୋଭାବ ଯୋଗୁଁ କାଉଡିଆମାନେ ଧାଡିରେ ଦୀର୍ଘ ସମୟ ନରହି ବିନା ଟିକେଟରେ ଏଣେତେଣେ ଅର୍ଥାତ୍ କୃତିମ ମହାଦେବ ଓ ବାସୁଆଙ୍କ ଉପରେ ଜଳଲାଗି କରିଥିଲେ । ଏପରି ଘଟଣାକୁ ଉଭୟ ପ୍ରଶାସନ ଓ ପୁଲିସ୍ ଦେଖିଥଲେ ମଧ୍ୟ ନଦେଖିବା ପରି ଚୁପ୍ ରହିବାରୁ ଲକ୍ଷାଧିକ ଟଙ୍କା କ୍ଷତି ସହିଥିଲା ମନ୍ଦିର । ପୀଠରେ ୪୦ ହଜାରରୁ ଉର୍ଦ୍ଧ୍ୱ କାଉଡିଆଙ୍କ ଆଗମନ ହୋଇଥିଲେ ମଧ୍ୟ ଏପରି ଅବ୍ୟବସ୍ଥା ଯୋଗୁଁ ମାତ୍ର ୨୧ ହଜାର କାଉଡିଆଙ୍କ ଟିକଟ ଅସୁଲ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତା ସହିତ ମନ୍ଦିର ଭିତର ବେଢା ଓ ବାହାର ବେଢାରେ ଭକ୍ତଙ୍କ ସୁଗମ ଯାତାୟତ ନିମନ୍ତେ ଆଂଶିକ ସଂପ୍ରସାରଣ କରାଯାଇଥିଲା । ହେଲେ କେତେକ ସେବାୟତ ମନ୍ଦିର ଆଇନ୍‌କୁ ଖୋଲମ ଖୁଲା ଉଲ୍ଲଂଘନ କରି ଦୀପ ଦୋକାନ ବସାଇବା ସହ କୃତିମ ମହାଦେବ, ନାଗ, ବାସୁଆ ବସାଇ ଭକ୍ତଙ୍କ ଠାରୁ ଦକ୍ଷିଣା ଆଦାୟ କରୁଥିବାରୁ ଦର୍ଶନ ଓ ଜଳଲାଗି ସ୍ଥାନରେ ଭିଡ ନିୟନ୍ତ୍ରଣ କରିବାରେ ସମସ୍ୟା ଦେଖାଦେଉଛି । ଆଗନ୍ତୁକ ହଜାର ହଜାର କାଉଡିଆମାନେ ରବିବାର ସନ୍ଧ୍ୟା ୫ଟାରୁ ସୋମବାର ସନ୍ଧ୍ୟା ୫ ଟା ଯାଏ ୨୪ ଘା ଧରି ଧାଡିରେ ରହି ମଣିବାବାଙ୍କ ନିକଟରେ ଜଳଲାଗି କରିଥିଲେ । ଚଳିତ ସେମାବାରରେ ଅଧିକ ସଂଖ୍ୟକ ମହିଳା କାଉଡିଆ ଭକ୍ତଙ୍କ ସମାଗମ ହୋଇଥିଲା ପୀଠରେ । ଏପରିକି ବୈତରଣୀ ଓ ସାଳନ୍ଦୀ ନଦୀରେ ଡଙ୍ଗା ଦ୍ୱାରା ପାରି ହୋଇଆସୁଥିବା ତିନିଟି ନଦୀଘାଟକୁ ଜଗି ରହିଥିଲେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ । ପୀଠରେ ତ୍ରିସ୍ତରୀୟ ସୁରକ୍ଷା ପାଇଁ ଜଣେ ମାଜିଷ୍ଟ୍ରେଟ୍, ଜଣେ ଏଏସ୍‌ପି, ୬ ଜଣ ଡିଏସ୍‌ପି, ୧୫ ଜଣ ଇନ୍ସପେକ୍ଟର, ୫୪ ଜଣ ଅଫିସରଙ୍କ ସହ ୮ ପ୍ଲାଟୁନ ଫୋର୍ସ ଆଦି ନିୟୋଜିତ ହୋଇଥିବା ଏଏସ୍‌ପି ଜତିନ ପଣ୍ଡା କହିଛନ୍ତି । କାଉଡିଆ ଯେପରି ସୁବିଧାରେ ଜଳଲାଗି କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟାରିକେଡ୍ ସହ ମନ୍ଦିର ଭିତରେ ଓ ବାହାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି ।

### ଆଖଣ୍ଡଳମଣିଙ୍କ ମନ୍ଦିରର ବରିଷ୍ଠ ସେବାୟତଙ୍କ ପରଲୋକ



ଭଦ୍ରକ, ୨୬/୭(ନି.ପ୍ର): ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରର ବରିଷ୍ଠ ସେବାକାରୀ ତଥା ସ୍ୱର୍ଗତଃ ଗୋକୁଳାନନ୍ଦ ବଡପଣ୍ଡାଙ୍କ ପୁତ୍ର ବୃନ୍ଦାବନ ପାଢୀ (୫୪) ଙ୍କର ହୃଦଘାତରେ ପରଲୋକ ଘଟିଛି । ସେ ଦୀର୍ଘବର୍ଷ ଧରି ମଣିବାବାଙ୍କ ସେବାୟତ ଭାବେ କାର୍ଯ୍ୟକରିବା ସହ ବିଭିନ୍ନ ଅନୁଷ୍ଠାନରେ ବହୁ ପଦପଦବୀରେ ରହି ମୁଖ୍ୟ ଭୂମିକା କାର୍ଯ୍ୟ ସଂପାଦନ କରିଥାନ୍ତି । ଏପରିକି ବିଗତ ଦିନରେ ଆରଡି ପୀଠରେ ଉନ୍ନତି ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଜଣାଇଥିଲେ । ତାଙ୍କର ଏପରି ଅକାଳ ବିୟୋଗକୁ ନେଇ ଆରଡି ଅଂଚଳ ସମେତ ଆଖପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ବୃନ୍ଦାବନଙ୍କର ଛାତି ଯନ୍ତ୍ରଣା ହେବାରୁ ପ୍ରଥମେ ଭଦ୍ରକ ଓ ପରେ ଭୁବନେଶ୍ୱର ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଏପରି ବିୟୋଗ ପରେ ସେବାୟତ ଅରବିନ୍ଦ ପାଢୀ, ଗଦାଧର ପାଢୀ, ମନୋଜ ପାଢୀ, ବିଜୟ ଦାଶ, ପ୍ରଶାନ୍ତ ପାଢୀ, ଜୀବନାନନ୍ଦ ପାଢୀ, ସୁରେଶ ସାହୁ, ଗିରିଧାରୀ ସାମଲ, ଆଶିଷ ପାଢୀ, ଲଲାଟ ପାଢୀ ପ୍ରମୁଖ ବରିଷ୍ଠ ସେବାୟତ ବୃନ୍ଦାବନଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଜଣାଇଥିଲେ ।

## ବଲାଙ୍ଗିର ଶିବାନନ୍ଦ ଆଶ୍ରମରେ ବିଶ୍ୱନାଥ ମନ୍ଦିରରେ ଜଳା ଅଭିଷେକ ଅନୁଷ୍ଠିତ

ବଲାଙ୍ଗିର ୨୬/୭(ନି.ପ୍ର): ଶ୍ରବଣ ମାସର ସୋମବାର ଦିନ ଆଜି ଆଶ୍ରମରେ ଗୁରୁଭାଇ ଗୁରୁ ଭଉଣୀ ମାନଙ୍କର ଏକ ସାମୁହିକ ଜଳାଭିଷେକ କାର୍ଯ୍ୟକ୍ରମ ସହିତ ବାବା ବିଶ୍ୱନାଥ ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଆଜି ସକାଳେ ୮ ରେ ଗୁରୁ ପାଦୁକା ପୂଜା ୯ ଘଣ୍ଟାରେ ରୁଦ୍ରାଭିଷେକ ପରେ ଦିନ ୧୧ ଘଣ୍ଟାରୁ ଜଳଶାୟୀ ଆରମ୍ଭ ହୋଇ ଦିନ ଗୋଟାଏ ପର୍ଯ୍ୟନ୍ତ ହେଲାପରେ ପୁଷ୍ପାଞ୍ଜଳି ଆଳତି ପରେ ପୂଜା ସମାପନ ହୋଇଥିଲା । ଶେଷରେ ପ୍ରସାଦ ବିତରଣ ହୋଇଥିଲା । ଶ୍ରାବଣ ପୁଣ୍ୟ ମାସରେ ବାବାଙ୍କ ପୂଜା ଅର୍ଚନା ଜଳ ଦେବା ଜଳଶାୟୀ କଲେ ପୁଣ୍ୟ ମିଳିଥାଏ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ଯୋଗୁଁ ଆଶ୍ରମରେ ସବୁଦିନ ମନ୍ଦିରରେ ଥିବା ବାବା ବିଶ୍ୱନାଥ ପୂଜା ହେଉଥିବା ବେଳେ ଗୁରୁ ଙ୍କ ପୂଜା ସହିତ ଅନ୍ୟ ଦେବା ଦେବୀ ପୂଜା ହୋଇଥାଏ । ଆଜିର କାର୍ଯ୍ୟକ୍ରମ ରେ ସତାଧିକ ଶ୍ରଦ୍ଧାଳୁ ଯୋଗାଇଥିଲେ ଓ ଜଳଶାୟୀ ରେ ଭାଗ ନେଇଥିଲେ । ପୂଜାରେ କର୍ତ୍ତା ରୂପେ ବିକାଶ ନନ୍ଦ ଓ ତାଙ୍କ ଧର୍ମପତ୍ନୀ ଭାରତୀ ନନ୍ଦ ଥିଲାବେଳେ ବାବାଙ୍କ ପୂଜକ ରବିନାରାୟଣ ଥାନପତି ସହଯୋଗ ରେ ପଣ୍ଡିତ ନବୀନ ହୋତା ସମସ୍ତ ପୂଜାବିଧି ଅନୁଷ୍ଠାନ କରିଥିଲେ ।

**ଗାଁ କୁ ନାହିଁ ଭଲ ରାସ୍ତା**

## ଭରା ନାଳରେ ଗମନାଗମନର ସାହାରା ପାଲଟିଛି ଝୁଲା ଦଉଡି



ଚାନ୍ଦିପୁଟ, ୨୬/୭(ନି.ପ୍ର): ସରକାର ଗାଁ-ଗାଁକୁ ଗମନଗମନ ସୁବିଧା ପାଇଁ ମାଳ ମାଳ ଯୋଜନାରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା, ହେଲେ ଅନେକ ସ୍ଥାନରେ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁଁ କେଉଁଠି ଉଛୁଳା ନାଳ ଉପରେ କାଠ ଗଣ୍ଡି ସାହାଯ୍ୟରେ ଲୋକେ ଯାତାୟତ କରୁଛନ୍ତି ତ ଅନ୍ୟ କେଉଁଠି ଚିରସ୍ରୋତା ନାଳ ପାର ହେବା ପାଇଁ ସାହାରା ପାଲଟିଛି ଝୁଲା ଦଉଡି । ଉଛୁଳା ନଦୀ ଉପରେ ଗାଁକୁ ଗମନାଗମନର ମାଧ୍ୟମ ପାଲଟିଛି ପ୍ଲାଷ୍ଟିକ ଝୁଲା ଦଉଡି । ନାଳର ଦୁଇ ପାର୍ଶ୍ୱରେ ଥିବା ଗଛ କୁ ଗଛ ରେ ପ୍ଲାଷ୍ଟିକ ଦଉଡି ବନ୍ଧାଯାଇଥିବା ବେଳେ ଗମନାଗମନ ପାଇଁ ବାଜିରେ ଲଗୁଛି ଅଞ୍ଚଳବାସୀଙ୍କ ଜୀବନ । ପାହଡିଆ ଝରଣାରେ ମିଶ୍ରିତ ଖରସ୍ରୋତା ନାଳର ଉଛୁଳା ଜଳରାଶିରେ କୁନି କୁନି ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ଦଉଡି ଧରି ଧରି ଦୈନିକ ଯାତାୟତ କରୁଛନ୍ତି । ତେବେ ଏଭଳି ଦୃଶ୍ୟ କୌଣସି ଉପାନ୍ତ ଅଞ୍ଚଳର ନୁହଁ ବରଂ ମୋହନା ବ୍ଲକ ସଦର ଠାରୁ ମାତ୍ର ୧୦ କିମି ମଧ୍ୟରେ ଅବସ୍ଥିତ ମେରାପଲ୍ଲି ପଞ୍ଚାୟତର ଚାମକୁଣ୍ଡା ଗ୍ରାମ ନିକଟରେ ଥିବା ଭୁତନାଳରେ । ବିଶେଷ କରି ବର୍ଷା ଦିନରେ ନାଳରେ ଯାତାୟତ ବେଳେ ଭାସିଯିବା ସମ୍ଭାବନା ହେତୁ ବିଦ୍ୟାଳୟ ଓ ଅଙ୍ଗନୱାଡି ଛାତ୍ରଛାତ୍ରୀମାନଙ୍କୁ ଗ୍ରାମର ଯୁବକ ମାନେ କାନ୍ଧେଇ ଦଉଡି ସାହାଯ୍ୟରେ ନାଳ ପାର କରୁଛନ୍ତି । ଗଜପତି ଜିଲ୍ଲା ମୋହନା ବ୍ଲକର ମେରାପଲ୍ଲୀ ଗ୍ରାମ ପଞ୍ଚାୟତର ୫ ନମ୍ବର ୱାର୍ଡରେ ରହିଛି ଚାମକୁଣ୍ଡା ଗ୍ରାମ । ଗାଁରେ ୧୫ଟି ଆଦିବାସୀ ପରିବାର ଆଜକୁ ପ୍ରାୟ ୮୦ ବର୍ଷ ଧରି ଚାଷ ବାସ କରି ରହିଆସୁଥିବା ବେଳେ ଗାଁ କୁଖଣ୍ଡିଏ ଭଲ ରାସ୍ତା ନାହିଁ । ଗାଁ କୁ ଯିବାକୁ ହେଲେ କାଦୁଅ ଭରା ମାଟି ରାସ୍ତାରେ ଅଞ୍ଚଳବାସୀ ନିର୍ଭରଶୀଳ ହେଉଥିବା ବେଳେ ଗାଁ ଦୁଇ ପାର୍ଶ୍ୱରେ ରାସ୍ତା ମଧ୍ୟରେ ରହିଛି ଦୁଇଟି ଖରସ୍ରୋତା ନାଳ । ମୋହନା ସଦର ମହକୁମାକୁ ଯାତାୟତ ବେଳେ ଗୋଟିଏ ପଟେ ଭୁତନାଳ ଏବଂ ପଞ୍ଚାୟତକୁ ଯାତାୟତ ବେଳେ ପିମ୍ପୁଡିନାଳ ରାସ୍ତା ଉପରେ ବାଧକ ସାଜିଛି । ତେବେ ଦୁଇ ଚିରସ୍ରୋତା ନାଳ ଉପରେ କୌଣସି ପୋଲ କିମ୍ବା କଲଭର୍ଟ ନଥିବା ହେତୁ ଦୈନିକ ବିପଦପୂର୍ଣ୍ଣ ଭାବେ ନାଳ ଦେଇ ପ୍ରବାହିତ ଉଛୁଳା ଜଳରାଶିକୁ ଦଉଡି ସାହାଯ୍ୟରେ ପାର ହେଉଛନ୍ତି ଅଞ୍ଚଳବାସୀ । ଉପରମୁଣ୍ଡରେ ଅସରାଏ ବର୍ଷା ହେଲେ ପାହାଡିଆ ଝରଣା ପାଣିର ସମିଶ୍ରଣରେ ନାଳ ଜଳସ୍ତର ବୃଦ୍ଧି ପାଇଥାଏ । ଯାଫଳରେ ଚାମକୁଣ୍ଡା ଗ୍ରାମଟି ବାହ୍ୟଜଗତରୁ ସମ୍ପୁର୍ଣ୍ଣ ବିଚ୍ଛିନ୍ନ ହୋଇପଡେ । ଗାଁ ଠାରୁ ଚାରିକିମି ଦୁରରେ ଥିବା ଭାଲିଆସାହି ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ପାଇଁ ୫ କିମି ଦୁର କେରାଖାଲ ଗ୍ରାମକୁ ଯିବାକୁ ପଡୁଛି କୁନି କୁନି ପିଲାଙ୍କୁ । ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଗୋବିନ୍ଦପୁର ଓ ମୋହନା ଯିବାକୁ ପଡୁଥିବା ବେଳେ ଖରସ୍ରୋତା ନାଳ ରାସ୍ତାରେ ବାଧକ ସାଜୁଛି । ବିଶେଷ କରି ବର୍ଷାଦିନରେ ଗ୍ରାମବାସୀଙ୍କୁ ଅତି ଦୁର୍ଦ୍ଦଶାରେ ସମ୍ମୁଖୀନ ହେବା ସହ ଚିକିତ୍ସା ସୁବିଧା ନପାଇ ଅନେକ ମୃତ୍ୟୁ ମୁଖରେ ପଡୁଛନ୍ତି । ଦୁଇ ବର୍ଷ ତଳେ ହୋଇଥିବା ବାତ୍ୟା ସମୟରେ ଜରୁରୀକାଳିନ ଚିକିତ୍ସା ସୁବିଧା ନପାଇ ଗ୍ରାମର ଦୁଇଜଣ ମୃତ୍ୟୁ ବରଣ କରିଥିବା ବେଳେ ନାଳର ପ୍ରଖର ସ୍ରୋତରେ ଅନେକ ଥର ଗୋରୁଗାଈ ଭାସି ପ୍ରାଣ ହରାଇଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ । ଏହି ରାସ୍ତା ନିର୍ମାଣ ହେଲେ ଚାମକୁଣ୍ଡା ସମେତ ବଲଡାପଙ୍କା , ବେଣୀପଦର, ଭାଲିଆସାହି, ପଦାସାହି, ମେରାମା, କୁଂକୁଣୀ, ପିଟିପୁର ଛକର ଅଞ୍ଚଳବାସୀ ଯାତାୟତର ସୁବିଧା ପାଇପାରିବେ । ଚାମକୁଣ୍ଡା ଗ୍ରାମକୁ ପକ୍କା ସଡକ ନିର୍ମାଣ ସହ ଅତି ଆବଶ୍ୟକୀୟ ଭୁତନାଳରେ ପୋଲଟିଏ ନିର୍ମାଣ କରିବାକୁ ବାରମ୍ବାର ବହୁ ବିଭାଗୀୟ ଅଧିକାରୀଙ୍କ ଠାରୁ ଜିଲ୍ଲାପାଳଙ୍କୁ ଗୁହାରୀ ଜଣାଇ ଆସିଛନ୍ତି । ଆଜକୁ ତିନିବର୍ଷ ତଳେ ଖୋଦ ମୋହନା ବିଧାୟକ ଦାସରଥି ଗମାଙ୍ଗ ଚାମକୁଣ୍ଡା ଗ୍ରାମକୁ ଗସ୍ତ ସମୟରେ ତୁରନ୍ତ ଛୋଟ ସେତୁ ନିର୍ମାଣ କରିବାକୁ ପ୍ରତିଶୃତି ଦେଇଥିଲେ । ହେଲେ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନଥିବା ଗ୍ରାମର ଧର୍ମେନ୍ଦ୍ର ରଇତ, ଷଣ୍ଡ ରଇତ, ଏବଲ ମଣ୍ଡଳ, ରାଇକ ମଣ୍ଡଳ, ଲଳିତ ରଇତ ଅଭିଯୋଗ କରିଛନ୍ତି । ତେବେ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ବିକାଶ ଅଞ୍ଚଳବାସୀଙ୍କ ପାଇଁ ସାତସପନ ପାଲଟିଥିବା ବେଳେ ସରକାରଙ୍କ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଉନ୍ନତି ମୂଳକ ଯୋଜନାକୁ ଉପହାସ କରୁଛି । ତୁରନ୍ତ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପକ୍କା ସଡକ ଓ ସେତୁ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com

Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା